

ଦିବ୍ୟା ହେଲେ ବିଶ୍ୱ ଚେସ୍ ଚାମ୍ପିୟନ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 128 | ଭାଗ ୩୩ | ସଂଖ୍ୟା ୧୨୮ Bhubaneswar | Tuesday 29 July 2025 | Page 8 Rs. 5.00 ● ଭୁବନେଶ୍ୱର ମଙ୍ଗଳବାର ୨୯ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମନ କିଣୁଛି ମୋହନଙ୍କ ଜନଶୁଣାଣି

## ସିଙ୍ଗଲ୍ ୱିଣ୍ଡୋରେ ୫୧ ଜଣଙ୍କୁ ମିଳିଛି ସହାୟତା

- ଲୋକଙ୍କ ସୁଖଦୁଃଖରେ ଅଛନ୍ତି 'ଲୋକଙ୍କ ସରକାର'
- ଦ୍ୱାଦଶ ପାଳି ସୁଦ୍ଧା ୯୧ ପ୍ରତିଶତ ଅଭିଯୋଗର ସମାଧାନ
- ୯ ମନ୍ତ୍ରୀ, ଶାସନ ସଚିବ ଓ ପଦାଧିକାରୀଙ୍କ ସହଯୋଗ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୩ତମ ପାଳିରେ ୟୁନିଟ-୨ସ୍ଥିତ ପ୍ରକୋଷ୍ଠରେ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହ ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି।

ପ୍ରତି ଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଭେଟିଥିଲେ। ଜଣ ଜଣ କରି ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ ମୁଖ୍ୟମନ୍ତ୍ରୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ସେଗୁଡ଼ିକର ପ୍ରତିବିଧାନ ➪ପୃଷ୍ଠା-୬

### ଲୋକସଭାରେ ଜୋର୍‌ସୋର୍ ତର୍କ

## ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା 'ଅପରେସନ୍ ସିନ୍ଦୂର'

- ୨୨ ମିନିଟ୍ ଧରି ଚାଲିଥିଲା
- ରାଜନୈତିକ ଓ ରଣନୈତିକ ଉଦ୍ଦେଶ୍ୟ ପୂରଣ ହୋଇଛି
- ଏସ୍-୪୦୦ ଓ ଆକାଶ ଆଗରେ ପାକିସ୍ତାନ ଥିଲା ନାଚାର



**ନୂଆଦିଲ୍ଲୀ,୨୮।୭:** ଗତ ଏପ୍ରିଲ୍ ୨୨ ତାରିଖରେ ପହଲଗାମ୍ ଆତଙ୍କୀ ହମ୍‌ଲାରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯିବା ପରେ ଏହା ପଛରେ ପାକିସ୍ତାନର ମନ୍ଦ ଉଦ୍ଦେଶ୍ୟ ପଦାକୁ ଆସିଥିଲା। ନିୟମିତ ଭାବେ ପାକିସ୍ତାନ ଆତଙ୍କୀମାନଙ୍କୁ ପ୍ରୋତ୍ସାହିତ କରିଆସୁଥିବାରୁ ଏହି ଦେଶକୁ ପାନେ ଚଖାଇବା ସକାଶେ ଭାରତ ପକ୍ଷରୁ ମେ' ୬-୭ରେ 'ଅପରେସନ୍ ସିନ୍ଦୂର'କୁ ବାସ୍ତବ ରୂପ ଦିଆଯାଇଥିଲା। ଏଥିରେ ପାକ୍ ଅଧିକୃତ କଶ୍ମୀରରେ ୯ଟି ଆତଙ୍କୀ ଆଡ୍ଡାକୁ ନଷ୍ଟ କରିଦିଆଯାଇଥିଲା। ତେବେ ଏହି ଆକ୍ରମଣ ଭାରତୀୟ ସେନାର ତିନିଟିଯାକ ବାହିନୀର ସମନ୍ୱୟରେ କରାଯାଇଥିବା ବେଳେ ଏହା କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ଆତଙ୍କବାଦୀମାନେ ଯେପରି ଭାବେ ଭାରତୀୟ ମହିଳାଙ୍କ ସିନ୍ଦୂର ପୋଛିଦେଲେ, ତା'ର ଜବାବ ଦେବା ସକାଶେ ଭାରତ 'ଅପରେସନ୍ ସିନ୍ଦୂର' କରିଥିବା ବେଳେ ଏହା ପଛରେ କୌଣସି ବିସ୍ତାରବାଦୀ କି ଉସକାଇବା ଭଳି ଚିନ୍ତାଧାରା ନଥିଲା ବୋଲି ସ୍ପଷ୍ଟ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସଂସଦର ଚଳିତ ମୌସୁମୀ ଅଧିବେଶନର ଷଷ୍ଠ ଦିନରେ ଆଜି ଲୋକସଭାରେ 'ଅପରେସନ୍ ସିନ୍ଦୂର' ଉପରେ ବିତର୍କ ସମୟରେ ଶ୍ରୀ ସିଂହ କହିଛନ୍ତି ଯେ ପହଲଗାମରେ ଆତଙ୍କୀମାନେ ଧର୍ମ ପଚାରି କେବଳ ପୁରୁଷମାନଙ୍କୁ ମାରିଥିଲେ। ଏହାର ଜବାବରେ ଆମ ସେନା ଆତଙ୍କୀଙ୍କ ଘରେ ପଶି ସେମାନଙ୍କୁ ନିପାତ କରିଥିଲା। ଆଉ ଆମ ମା'-ଭଉଣୀଙ୍କ ସିନ୍ଦୂରର ପ୍ରତିଶୋଧ ନେଇଥିଲା। ପାକିସ୍ତାନର ଆକ୍ରମଣକୁ ଆମେ ପଣ୍ଡ କରିବା ସହ ଏଥିରେ ଏସ୍-୪୦୦ ଓ ଆକାଶ ପଣ୍ଡ କରିଦେଇଥିଲେ। ପାକିସ୍ତାନ ଆମ ସୈନ୍ୟ ଠିକଣା ଉପରେ ମେ ୭ରୁ ୧୦ ଭିତରେ ମିସାଇଲ୍ ଆକ୍ରମଣ କରିଥିଲା। କିନ୍ତୁ ଆମର ଡିଫେନ୍ସ ସିଷ୍ଟମ ଆଗରେ ଉକ୍ତ ଦେଶ ନାଚାର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। 'ଅପରେସନ ସିନ୍ଦୂର'ରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ। ତେବେ କୌଣସି ନିର୍ଦ୍ଦିଷ୍ଟ ଶକ୍ତିର ଚାପରେ ଆମେ ଅପରେସନ୍ ସିନ୍ଦୂର ରୋକିନାହୁଁ, ବରଂ ଏହା କେବଳ ସ୍ଥଗିତ ରହିଛି। ଡିଜିଏମଓସ୍ତରୀୟ କଥାବାର୍ତ୍ତା ପରେ ଅପରେସନ ରୋକାଯାଇଛି। ଭାରତ ଚାହୁଁଥିବା ରାଜନୈତିକ ଓ ରଣନୈତିକ ସଫଳତା ମିଳିଥିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କୀମାନଙ୍କ ଆଡ୍ଡା ବୋଲି ସ୍ୱୀକାର ନ କରିଛି, ସେ ପର୍ଯ୍ୟନ୍ତ ଅପରେସନ୍ ସିନ୍ଦୂର ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଶ୍ରୀ ସିଂହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତ ତା'ର ସାମରିକ ଶକ୍ତିର ପରାକାଷ୍ଠା ଦେଖାଇବା ସହ ଏହା ➪ପୃଷ୍ଠା-୬

## ଗେରୁଆ ହେଲା ପ୍ରାଥମିକ ପିଲାଙ୍କ ପରିଚୟପତ୍ର




**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରିଚୟପତ୍ରରେ ଗେରୁଆ ରଙ୍ଗ ଲାଗିଛି। ବିଜେଡି ସରକାର ଅମଳରେ ଉକ୍ତ ଆଇକାର୍ଡର ରଙ୍ଗ ସବୁଜ ହୋଇଥିବା ବେଳେ ବିଜେପି ସରକାର ଏହି ରଙ୍ଗକୁ ଗେରୁଆରେ ପରିବର୍ତ୍ତନ କରିଛନ୍ତି। ତେଣୁ ୨୦୨୫-୨୬ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଆଇ କାର୍ଡର ରଙ୍ଗ ବଦଳିଛି। ଏହି ଆଇକାର୍ଡରେ ପିଲାଙ୍କ ନାମ ସହ ଶ୍ରେଣୀ, ଜନ୍ମ ତାରିଖ, ରୋଲ୍ ନମ୍ବର ଓ ଫୋନ୍ ନମ୍ବର ଆଦି ରହିଛି। ବିଭିନ୍ନ ସମୟରେ ବାହାର ପିଲାମାନେ କ୍ୟାମ୍ପସ ଭିତରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ପ୍ରତି ସ୍କୁଲ୍‌ରେ ଆଇ-କାର୍ଡକୁ ବାଧ୍ୟତାମୂଳକ କରାଯାଇଛି। ପିଲାମାନେ ସ୍କୁଲକୁ ଆସିବା ସମୟରେ ଉକ୍ତ ଆଇକାର୍ଡକୁ ବେକରେ ପକାଇ ଆସିବେ। ସେହିପରି କେବଳ ଆଇ-କାର୍ଡ ରଙ୍ଗ ବଦଳିନାହିଁ, ବରଂ ସ୍ଲୋଗାନ୍‌କୁ ମଧ୍ୟ ବଦଳାଇ ଦିଆଯାଇଛି। ବିଜେଡି ସରକାର ସମୟରେ ପିଲାଙ୍କ ୟୁନିଫର୍ମ ଓ ଟୋପିରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ସ୍ଲୋଗାନ ଲେଖାଥିବା ବେଳେ ଏବେକାର ସରକାର ଏହି ସ୍ଥାନରେ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା' ଲେଖିବାକୁ ନିଷ୍ପତ୍ତି ନେଇଛନ୍ତି।

କିନ୍ତୁ ହାଉସ୍ ୟୁନିଫର୍ମ ରଙ୍ଗରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଛାତ୍ରଛାତ୍ରୀଙ୍କ ଟ୍ରାକ୍ ପ୍ୟାଣ୍ଟ ନୀଳ ରଙ୍ଗ ରହିଥିବା ବେଳେ ଟି-ଶାର୍ଟର ରଙ୍ଗ ➪ପୃଷ୍ଠା-୬

### ସେନା ନେଲା ପହଲଗାମ୍ ହମ୍‌ଲାର ପ୍ରତିଶୋଧ

## ମାଷ୍ଟରମାଇଣ୍ଡ ନିପାତ, ୩ ମୃତଦେହ ଉଦ୍ଧାର



**ନୂଆଦିଲ୍ଲୀ,୨୮।୭:** ଗତ ଏପ୍ରିଲ୍ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କୀମାନେ ଆକ୍ରମଣ କରିବା ଫଳରେ ୨୬ ଜଣ ପର୍ଯ୍ୟଟକ ନିହତ ହୋଇଥିଲେ। ଏହି ଘଟଣା ପଛରେ ପାକିସ୍ତାନ ସମର୍ଥିତ ଆତଙ୍କୀଙ୍କ ଭୂମିକା ରହିଥିବା ବେଳେ ଏହାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜି ନିପାତ କରିଛି ଭାରତୀୟ ସେନା। ଏହି ଆତଙ୍କୀ ହମ୍‌ଲାର ତିନି ମାସ ପରେ ଆତଙ୍କବାଦୀ ସୁଲେମାନ ଶାହ ଓରଫ୍ ମୁସା, ୟାସିର ଓ ଅଲୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରୁ ସୁଲେମାନ ଓ ୟାସିର ପହଲଗାମ ଆକ୍ରମଣରେ ସାମିଲ ଥିଲେ। ସେମାନଙ୍କଠାରୁ ଆମେରିକା ନିର୍ମିତ କାର୍ବାଇନ, ଏକେ-୪୭ ସହ ୧୭ଟି ରାଇଫଲ ଗ୍ରେନେଡ ଓ ଅନ୍ୟାନ୍ୟ ସାମଗ୍ରୀ ➪ପୃଷ୍ଠା-୬

## ୪୪ ଦିନରେ ଗୋପାଳପୁର ଗଣଦୁଷ୍କର୍ମ ଚାର୍ଜଶିଟ୍



**ବ୍ରହ୍ମପୁର,୨୮।୭(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଆଜି ଚାର୍ଜଶିଟ୍ ଦାଖଲ ହୋଇଛି। ଏସ୍‌ଡିଜେଏମ୍‌ଙ୍କ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଏହି ଚାର୍ଜଶିଟ୍‌ରେ ମୋଟ ୫୭୪ ପୃଷ୍ଠା ରହିଥିବା ଜଣାପଡ଼ିଛି। ଏଥିସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାର ମାତ୍ର ୪୪ ଦିନ ଭିତରେ ଚାର୍ଜଶିଟ୍ ଦାଖଲ କରିବାରେ କ୍ରାଇମ୍ ବ୍ରାଞ୍ଚ୍ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି) ମଧ୍ୟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଏଥିସହ ଦୁଇ ସପ୍ତାହ ଭିତରେ ରିପୋର୍ଟ ଦାଖଲ କରିବା ସକାଶେ କମିଶନ୍ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ତାରିଖରେ ଜଣେ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବସିଥିବା ସମୟରେ ସେଠାରେ ଦୁର୍ବୃତ୍ତମାନେ ପହଞ୍ଚି ଟଙ୍କା ମାଗିଥିଲେ। ଯୁବତୀ ଜଣଙ୍କ କିଛି ଟଙ୍କା ଦେବା ପରେ ବି ସେମାନେ ସେଠାରୁ ଯାଇନଥିଲେ। ବରଂ ତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧିଦେଇ ତାଙ୍କ ସମ୍ମୁଖରେ ହିଁ ଗଣଦୁଷ୍କର୍ମ କରିଥିଲେ। ଏନେଇ ସମ୍ପୃକ୍ତ ପୀଡ଼ିତା ଜଣଙ୍କ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଗତ ଜୁନ୍ ୧୭ ତାରିଖରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଏଥିସହ ଏହି ମାମଲାରେ ୪ ଜଣ ନାବାଳକଙ୍କୁ ➪ପୃଷ୍ଠା-୬

## ବିଜେଡିରୁ ଉଭାନ ହୋଇଗଲେଣି ବରିଷ୍ଠ

- ନାମକୁ ମାତ୍ର ମିଳିଛି ବରିଷ୍ଠ ଉପସଭାପତି ପାହ୍ୟା
- ତାଲିକା ବାହାରିବା ପରେ ଆଉ ଖୋଜା ପଡୁନାହାଁନ୍ତି
- ଚାଟୁକାରୀ ଯୁବ ନେତାଙ୍କ କବଳରେ ନବୀନ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ବିଜେଡି ଏବେ କିଛି ହାତଗଣତି ନେତାଙ୍କ ସଖୀ କଣ୍ଢେଇ ସାଜିଥିଲା ଭଳି ଲାଗୁଛି। ଦଳର ପ୍ରତିଷ୍ଠାତା ସଦସ୍ୟଙ୍କ ଭିତରୁ ବହୁ ନେତା ଗତ ୨୫ ବର୍ଷ ଭିତରେ ବିଭିନ୍ନ କାରଣରୁ ହୁଏତ ଦଳରୁ ବିଦା ହୋଇଛନ୍ତି ବା ସେମାନଙ୍କୁ ଦଳ ଛାଡିବାକୁ ବାଧ୍ୟ କରାଯାଇଛି। ଯେଉଁ କିଛି ନେତା ରହିଯାଇଥିଲେ ସେମାନେ ବି ଏବେ ଦଳରେ ଅଲୋଡା ହୋଇଗଲେଣି। କିଛି ମୁଷ୍ଟିମେୟ ସ୍ୱାର୍ଥନ୍ୱେଷୀ ପ୍ରତିପ୍ରତିଶାଳୀ ନେତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହୋଇଯାଇଛି ବିଜେଡି। ଏଭଳି ଅଭିଯୋଗ କରୁଛନ୍ତି ଦଳ ଗଠନରେ ପ୍ରମୁଖ ଭୂମିକା ନେଇଥିବା ନେତାମାନେ।

୨୦୧୯ ପର୍ଯ୍ୟନ୍ତ ବିଜେଡି ଏକ ଗାଣତାନ୍ତ୍ରିକ ଦଳ ଭାବେ କାର୍ଯ୍ୟ କରୁଥିଲା। ନବୀନ ପଟ୍ଟନାୟକ ମଧ୍ୟ ଦଳର ସବୁ ନେତାଙ୍କୁ ସମୟ ଦେଉଥିଲେ, ବ୍ୟକ୍ତିଗତ ଓ ରାଜନୈତିକ ଆଲୋଚନା ମଧ୍ୟ କରୁଥିଲେ। ଦଳରେ ଯୁବ ନେତାଙ୍କୁ ଯେତିକି ଅଗ୍ରାଧିକାର ଦିଆଯାଉଥିଲା, ବରିଷ୍ଠ ନେତାଙ୍କୁ ସେତିକି ସମ୍ମାନ ମିଳୁଥିଲା। କିନ୍ତୁ ଧିରେ ଧିରେ ଦଳ କିଛି ଉପରମୁହାଁ ଚକ୍ରାନ୍ତକାରୀ ଯୁବ ନେତାଙ୍କ ହାତବାରେସୀ ହୋଇଯାଇଛି। ସେହି ଯୁବ ନେତାମାନେ ଏବେ ବରିଷ୍ଠ ନେତାଙ୍କୁ ସାଙ୍ଗରେ ନେବାକୁ ରାଜି ନୁହଁନ୍ତି କି ସେମାନଙ୍କ ପରାମର୍ଶକୁ ଗ୍ରହଣ କରିବା ସ୍ଥିତିରେ ନାହାଁନ୍ତି। ଯେଉଁଥିପାଇଁ ଅନଙ୍ଗ ➪ପୃଷ୍ଠା-୬

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ଫୁଁ'

- ଗାଡ଼ି ଦୁର୍ଘଟଣାରୁ ଧରାପଡ଼ିଲା ସତ
- ତଦନ୍ତ ଦାବି କଲେ ସୂଚନା ଅଧିକାର କର୍ମୀ



**କଟକ,୨୮।୭(ସଂଚାର ବ୍ୟୁରୋ):** କଟକ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ଆଶଙ୍କା ନେଇ ଗତ ୨୬ ତାରିଖରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲାଯିବା ସହ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ରହିବା ପାଇଁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ସକାଶେ ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଜାରି କରିଥିଲେ ମଧ୍ୟ ଏହାକୁ ଅବମାନନା କରିଛନ୍ତି ସଦର ବିଡିଓ ପ୍ରତୀକ ସାହୁ। ସମ୍ପୃକ୍ତ ବିଡିଓ ଜଣଙ୍କ ନିଜ ଦାୟିତ୍ୱ ଭୁଲିଯାଇ ପରିବାର ସହ ବୁଲିବାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏନେଇ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ।

ପାଣିପାଗ ବିଭାଗ ଆକଳନରୁ ଚଳିତ ମାସ ଶେଷରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କଟକ ଜିଲ୍ଲାରେ ପ୍ରବଳ ବର୍ଷା ଓ ଜଳବନ୍ଦୀ ସମସ୍ୟା ➪ପୃଷ୍ଠା-୬



### କାନ ଡେରିଥା

ସର୍ବୋଚ୍ଚ ପଦରେ ରାଜନୀତି
ହୁଏ
ଜନତା କାହାକୁ କହିବେ
ତଥାପି ବରଷା ଛତା
ମୁହାଁଇଲେ
ଜନତା ତାଙ୍କର ଗାଇବେ
ଏଇ ରାଜନୀତି ସ୍ୱଭାବେ...
ବିକାଶଟା ଖାଲି ମୁହେଁ
ଶୋଭାପାଏ
ତଳ କର୍ମୀ ଖାଲି ଭୋଗିବେ ।

■ ଦେବାଶିଷ

## ନିଗମ ନିଯୁକ୍ତି: ଗଡୁଛି ସମୟ, ବଢୁଛନ୍ତି ଆଶାୟୀ

### ଲମ୍ବା ତାଲିକା ଉପରେ ସମସ୍ତଙ୍କ ନଜର



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ଖାଲି ପଡିଥିବା ନିଗମ ଓ ଅନ୍ୟାନ୍ୟ ସଂସ୍ଥାରେ ନିଯୁକ୍ତି ଲାଗି ସମୟ ଗଡ଼ି ଚାଲିଥିବାବେଳେ ଆଶାୟୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ବିଶେଷକରି ସଂଗଠନ ସଜଡ଼ା କାମ ଆଗ କରାଯିବ ବୋଲି ସୂଚନା ଦିଆଯିବା ପରେ ନିଗମ ଆଶାୟୀଙ୍କ ମନ ଆମ୍ବିଳା ହେବାରେ ଲାଗିଛି।

ରାଜ୍ୟରେ ନୂଆ ସରକାରର ବର୍ଷପୂର୍ତ୍ତି ଅବସରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହିତ ଖାଲି ପଡ଼ିଥିବା ନିଗମ, ସମବାୟ ସଂସ୍ଥା, ରାଜ୍ୟ ଯୋଜନା ବୋର୍ଡ ଆଦିରେ ନିଯୁକ୍ତି ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଏହାପରେ ସଭାପତି ନିଯୁକ୍ତି ଉପରେ ଜୋର ଦିଆଯାଇଥିଲା। ଏକାଧିକ ବାର କଷ୍ଟ ଦିଆଯିବା ପରେ ଶେଷରେ ମନମୋହନ ସାମଲ ରାଜ୍ୟ ସଭାପତି ଭାବେ ପୁଣିଥରେ ନିଯୁକ୍ତି ପାଇଲେ। ସଭାପତି ନିଯୁକ୍ତି ପରେ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଶ୍ଚିତ ବୋଲି ଆଲୋଚନା ହେଲା। ଫଳରେ ନିଗମ ଆଶାୟୀମାନେ ମଧ୍ୟ ଉତ୍ସାହିତ ହୋଇପଡ଼ିଲେ। କାରଣ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ନିଗମ ନିଯୁକ୍ତି ହୋଇଯିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଲା।

କିନ୍ତୁ ଏବେ ଖୋଦ୍ ରାଜ୍ୟ ସଭାପତି ସୂଚନା ଦେଇଛନ୍ତି ଯେ ପ୍ରଥମେ ଦଳୀୟ ସଂଗଠନକୁ ସଜଡାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନିଯୁକ୍ତି। ତେଣୁ ଅନେକ ଆଶାୟୀଙ୍କୁ ସଂଗଠନରେ ଥଇଥାନ କରାଯିବା ନେଇ ଏବେ ସ୍ପଷ୍ଟ ହେବାରେ ଲାଗିଛି। ଭବିଷ୍ୟତରେ କାଳେ କିଛି ଅସନ୍ତୋଷ ଦେଖାଯିବ, ସେଥିପାଇଁ ଏବେ ସଂଗଠନ ସଜଡା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିରେ ଅନେକ ଛୋଟ ବଡ଼ ନେତା ପଦପଦବୀ ପାଇଯିବେ। ଯେଉଁମାନେ ରହିବେ, ସେମାନଙ୍କୁ ବିଭିନ୍ନ ନିଗମ ଓ ସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ସହଜ ହେବ। ହେଲେ ନିଗମ ଓ ଅନ୍ୟ ସଂସ୍ଥାରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କ ତାଲିକା ଯେଉଁ ହାରରେ ଲମ୍ବିବାରେ ଲାଗିଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନ ସମୟରେ ଦଳ ପାଇଁ ଖଟିଥିବା ନେତା, ନିର୍ବାଚନରେ ହାରିଯାଇଥିବା ବରିଷ୍ଠ ନେତାଙ୍କ ସହିତ ବର୍ଷସାରା ବିଜେପି ପାଇଁ ଢାଲ ସାଜିଥିବା ବହୁ ନେତା ଏବେ ପଦପଦବୀ ପାଇବା ପାଇଁ ବ୍ୟାକୁଳ। ଚାହିଁ ଚାହିଁ ଇତି ମଧ୍ୟରେ ୧୪ ମାସ ବିତିଲାଗି। ଏବେଠାରୁ ଯଦି ପଦପଦବୀ ମିଳେ, ତେବେ ସେମାନେ ପ୍ରାୟତଃ ଅଢେଇ ବର୍ଷ କାମ କରିବାର ସୁଯୋଗ ପାଇବେ। କାରଣ ନିର୍ବାଚନର ପ୍ରାୟ ବର୍ଷକ ପୂର୍ବରୁ ସେମାନଙ୍କ ପଦବୀ ସବୁ ଗୌଣ ହେବା ସହ ସେମାନେ ନିର୍ବାଚନ କାର୍ଯ୍ୟରେ ମଧ୍ୟ ବ୍ୟସ୍ତ ରହିବେ।

ଏବେ ସବୁଠାରୁ ଚର୍ଚ୍ଚାରେ ରହିଛି ରାଜ୍ୟ ଯୋଜନା ବୋର୍ଡ ସମେତ କେବିକେ ମୁଖିଆ ପଦବୀକୁ ନେଇ। ମନମୋହନ ସାମଲ ସଭାପତି ପଦରେ ବସିବା ପରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀ ପାଇଁ ଲବି ଜୋରଦାର ହୋଇଛି। କାରଣ ଏହି ପଦବୀଟି କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର। ମନମୋହନ ଏହି ପଦବୀ ପାଇଁ ବଡ଼ ଦାବିଦାର ଥିଲେ। ଏଥିସହ ବୋର୍ଡରେ ସଦସ୍ୟ ହେବା ପାଇଁ ମଧ୍ୟ ଆଶାୟୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଏହି ପଦବୀ ସବୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର। ସେହିଭଳି କେବିକେ ମୁଖିଆ, ମହିଳା କମିଶନ ଅଧ୍ୟକ୍ଷା ଆଦି ପଦପଦବୀ ଖାଲି ପଡ଼ିଥିବାରୁ ସେଠାରେ ମଧ୍ୟ ବିଜେପି ନେତାମାନେ ବସିବା ପାଇଁ ପାଗ ଭିଡ଼ିଛନ୍ତି। ଏଥିପାଇଁ ବିଭିନ୍ନ ସ୍ତରରେ ଲବି ଜୋରଦାର ହୋଇ ତାଲିକା ଲମ୍ବିବାରେ ଲାଗିଛି।

ମୁଣ୍ଡ ଉପରେ ବିଧାନସଭା ଅଧିବେଶନ ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କେବେ ହେବ, ତାହାକୁ ନେଇ ଅନେକ ଆଶା ଆଶଙ୍କାରେ ରହିଛନ୍ତି। ଯଦି ବିଧାନସଭା ଅଧିବେଶନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ଏହା ପରକୁ ନିଗମ ନିଯୁକ୍ତି ଝୁଲିବ, ତେବେ ଦଶହରା ପୂର୍ବରୁ ନିଯୁକ୍ତି ହେବା ନେଇ ଚାପା ଆଲୋଚନା ଚାଲିଥିବା ବେଳେ ଆଶାୟୀଙ୍କ ଲମ୍ବା ତାଲିକା ଏବେ ଦଳୀୟ କର୍ତ୍ତୃପକ୍ଷଙ୍କ ପାଇଁ ଆହ୍ୱାନ ହୋଇଛି।

SANCHAR ସଂଚାର

## ଦିବ୍ୟାଙ୍ଗ କାଉଡ଼ିଆଙ୍କୁ ଜଳାଭିଷେକ କରାଇଲା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ମାନଙ୍କୁ ମାନଙ୍କୁ ଏକତ୍ରିତ କରି ଜଳାଭିଷେକ କରିବାର ନୂତନ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ। ଆଜି ଦିବ୍ୟାଙ୍ଗ ମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ତିନିମୁହାଣି ନିକଟସ୍ଥ ନାଉପାଳ ଗ୍ରାମ ନିକଟ ଗୋବରୀ ନଦୀରୁ ପାଣି ଉଠାଇ ବାବା ବିଳେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ କରାଇଛନ୍ତି। ସେମାନଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। ସେମାନେ ତାଙ୍କର ତିନି ଚକିଆ ଯାନରେ ବସି କାଉଡ଼ି ଭାର ଧରି ମନ୍ଦିର ଯାଇ ଜଳାଭିଷେକ କରିଛନ୍ତି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ମିଶି ତାଙ୍କ ଯାନକୁ ଠେଲି ଠେଲି ନେଇ ବାବାଙ୍କ ପୀଠରେ ପହଞ୍ଚି ଥିଲେ। ଏହା ପରେ ତାଙ୍କୁ କାନ୍ଧରେ କାନ୍ଧ ମିଳାଇ ଟେକି ନେଇ ବାବାଙ୍କ ଦର୍ଶନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ସହରବାସୀମାନେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ।

## ଆୟବା ଗାଁର କୁନି କାଉଡିଆଙ୍କ ଶ୍ରାବଣ ଯାତ୍ରା



**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରାବଣ ମାସରେ ସବୁଆଡ଼େ ଶିବଭକ୍ତ ମାନଙ୍କ ଭିଡ । ମାନସିକ ମନାସି ଶିବଭକ୍ତ ମାନେ ଦୂରଦୂରାନ୍ତକୁ ପାଣି ଭାର ନେଇ ଯାତ୍ରା କରୁଛନ୍ତି । ଭକ୍ତିର ଏହି ଆଧ୍ୟତ୍ମିକ ଯାତ୍ରାରେ ସାମିଲ ହୋଇଥିଲେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗାଁର କୁନିକୁନି ପିଲାମାନେ। କାନ୍ଧରେ ପାଣି ଭାର ବୋହି ଏହି କୁନି କାଉଡିଆ ମାନେ ପ୍ରାୟ ୧୫ କିଲୋମିଟର ପଥ ଅତିକ୍ରାନ୍ତ କରିଥିଲେ । ତେବେ ପିଲାମାନଙ୍କ ଶ୍ରାବଣ ଯାତ୍ରା ଆରମ୍ଭ ହୋଇଥିଲା ଗଣ୍ଡା ଖିଆ ମଣି ମନ୍ଦିରରୁ । ମଣି ମନ୍ଦିରରେ ପୂଜାର୍ଚ୍ଚନା କରି ଗୋବରୀ ନଦୀରୁ ପାଣି ଉଠାଇଥିଲେ ଏମାନେ। ପରେ ପରେ ଶିବ ନାମ ଜପିଜପି ଯାତ୍ରା ଆରମ୍ଭ କରିଥିଲେ । ଏହି କୁନି କାଉଡିଆ ମାନେ ନରଣପୁର, ମଧୁରକୂଳ, କେଉଟଗଡ ଓ ବାଲିଗୋଠ ଗାଁ ଅତିକ୍ରମ କରି ଆୟବା ଗ୍ରାମରେ ପହଥିଲେ । ସେଠାରେ ପହି କାଉଡିଆ ମାନେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କର ଜଳାଭିଷେକ କରିଥିଲେ । ଏହି ଆଧ୍ୟତ୍ମିକ ଯାତ୍ରାରେ ପ୍ରାୟ ୬୦ ଜଣ ଶ୍ରଦ୍ଧାଳୁ ଓ ସେମାନଙ୍କ ଅଭିଭାବକମାନେ ଯୋଗଦେଇଥିଲେ।

● ରାସନ୍ ଦୋକାନରେ ମଦ ମିଳିବା ଘଟଣା

## ପଦକ୍ଷେପ ଗ୍ରହଣ ପାଇଁ ଡିଜିପି ଓ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ

**ମହାକାଳପଡ଼ା, ୨୮।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ଗ୍ରାମର ଛକମାନଙ୍କରେ ଥିବା ରାସନ୍ ଦୋକାନ ମାନଙ୍କରେ ଭଳିକି ଭଳି କମ୍ପାନୀର ବିଦେଶୀ ମଦ ମିଳୁଥିବା ଘଟଣାରେ ଗୃହ ବିଭାଗ ତତ୍ପରତା ଦେଖାଇଛି। ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ଓଡ଼ିଶା ଓ କେନ୍ଦ୍ରାପଡା ଏସ୍ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ତେର ଗାଁ ଛକରେ ଥିବା ରାସନ୍ ଦୋକାନରେ ବିଦେଶୀ ମଦ ମିଳୁଥିବା ଅଭିଯୋଗ ହୋଇଥିଲା। ଦୋକାନରେ ଗ୍ରାହକ ଦୋକାନୀଙ୍କ ଠାରୁ ମଦ କିଣିବା ଫଟୋ ମଧ ସାମ୍ନାକୁ ଆସିବା ପରେ ଏପ୍ରିଲ୍ ୨୮ରେ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା। ଯାହାକୁ ଅଞ୍ଚଳର ସମାଜସେବୀ ସୁବ୍ରତ କୁମାର ସେଠୀ ଗୃହ ବିଭାଗକୁ ଜଣାଇଥିଲେ। ଗୃହ ବିଭାଗ ତରଫରୁ ଆଇନ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶାର ଡିଜିପି ଓ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ହୋଇପାରୁନି ଜଳ ନିଷ୍କାସନ

# ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି

**ମହାକାଳପଡ଼ା,୨୮।୭ (ସଂଚାର ବ୍ୟୁରୋ):** ଆଖିକୁ ପୋଖରୀ ଭଳି ଦିଶୁଥିଲେ ମଧ ଇଏ କୌଣସି ପୋଖରି ନୁହେଁ । ବାସ୍ତବରେ ଇଏ ହେଉଛି ଢଳେଇ ରାସ୍ତା ଉପରେ ଲହଡ଼ି ମାରୁଥିବା ନର୍ଦ୍ଦମା ପାଣି। ଏହି ନର୍ଦ୍ଦମା ପାଣିରେ ପଶି ଛୋଟ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଯାତାୟତ କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ଗୁହାରି କରିଥିଲେ ମଧ ତାଙ୍କ କଥାକୁ କେହି ଶୁଣୁନାହାନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଛି।

ସୂଚନା ମୁତାବକ ମହାକାଳପଡା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱରପୁର ଗ୍ରାମର ରାସ୍ତାର ଦୁଇ ପଟରେ ଜଳ ନିଷ୍କାସନ ପଥ ଅବରୋଧ ହୋଇଥିବାରୁ ଜଳ ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ଲହଡ଼ି ମାରୁଛି। କୁନି କୁନି ପିଲାମାନେ ଏହି ନର୍ଦ୍ଦମା ପାଣିରେ ପଶି ପାଠ ପଢ଼ିବାକୁ ଯାଉଛନ୍ତି। ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଶିକ୍ଷକଙ୍କ ବଦଳି ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା



**ସାଲେପୁର,୨୮।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ବ୍ଲକର କୁକୁଡ଼ାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଶିକ୍ଷକ ଦୁର୍ଯ୍ୟୋଧନ ଜତି ଓ ପ୍ରତାପ ଚନ୍ଦ୍ର ମହାରଣାଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ଆଜି ଛାତ୍ରାଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ବସିବା ଫଳରେ ସେଠାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ସ୍ଥାନୀୟ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରି କିଛି ସମୟ ଧରି ସ୍କୁଲ ସମ୍ମୁଖରେ ଧାରଣାରେ ବସିବା ଫଳରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଯାହା ଫଳରେ ସମ୍ପୃକ୍ତ ସ୍କୁଲ ଦାୟିତ୍ୱରେ ଥିବା ସି.ଆର. ସି.ସି. ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବହୁ ସମୟ ଧରି ବୁଝା ସୁଝା କରିଥିଲେ। ଏ ସମ୍ପର୍କରେ ସାଲେପୁର ବ୍ଲକ ଶିକ୍ଷାଧିକାରୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା କହିଛନ୍ତି ଯେ ଏହି ବିଦ୍ୟାଳୟରେ ଆବଶ୍ୟକୀୟ ଛାତ୍ରଛାତ୍ରୀ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଏଥିରେ କୌଣସି ଅବହେଳା କରାଯାଇନାହିଁ। ଅପର ପକ୍ଷରେ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଜିଦ୍‌ରେ ଅଟଳ ରହିଛନ୍ତି।

## ଦେଉଳପଡା ପଞ୍ଚାୟତରେ ଜନଶୁଣାଣୀ

● ୨୭ ଅଭିଯୋଗରୁ ୧୬ଟି ବ୍ୟକ୍ତିଗତ ଓ ୧୧ ସାମୂହିକ

**ମହାକାଳପଡ଼ା,୨୮।୭ (ସଂଚାର ବ୍ୟୁରୋ):** ଆଜି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ କାର୍ଯ୍ୟାଳୟ ରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଉପସ୍ଥିତ ରହି ଜନସାଧାରଣ ଙ୍କ ନିକଟରୁ ଅଭିଯୋଗ ଶୁଣିଥିଲେ। ମୋଟ ୩୪ ଗୋଟି ଅଭିଯୋଗ ମଧ୍ୟରୁ ୨୭ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅନ୍ୟ ୭ ଗୋଟି ଅଭିଯୋଗର ସମାଧାନ ହୋଇ ସାରିଥିବା ବେଳେ ଲୋକେ ସେଥିପାଇଁ ଅବଗତ ନଥିବାରୁ ତାଙ୍କୁ ସବିଶେଷ ସୂଚନା ସହିତ ଜଣାଇ ଦିଆଯାଇଥିଲା।୨୭ ଅଭିଯୋଗ ମଧ୍ୟରୁ ୧୬ ଗୋଟି ବ୍ୟକ୍ତିଗତ ଓ ୧୧ ଗୋଟି ସାମୂହିକ ଅଭିଯୋଗ ରହିଥିଲା।

ଅମିରାବାଦ ଗୋଠକୁ ରାସ୍ତା, ବାଙ୍କି ଛନ୍ଦା ବେହେରା ସାହି ତୁଠ ମରାମତି,ରାମକଣି ଠାକୁର ପାଟଣା ବିପର୍ଯ୍ୟସ୍ତ ରାସ୍ତାର ନିର୍ମାଣ, ଗ୍ରାମରେ ଥିବା ନଳକୂପର ମରାମତି, ଚଣ୍ଡିଆପଲ୍ଲୀ ଗ୍ରାମର ଗାଧୁଆ ତୁଠ ମରାମତି ଓ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅକାମୀ ଭାବେ ପଡ଼ିଥିବା ଆଲୋକ ବତୀ ବ୍ୟବସ୍ଥାର ମରାମତି ଆଦି ସାମୂହିକ ଦାବି ମୁତାବକ ୩ ଦିନ ମଧ୍ୟରେ କ୍ରିୟାନ୍ୱୟନ ପାଇଁ ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ବେଳେ ବ୍ୟକ୍ତିଗତ ଆକାରରେ ଆସିଥିବା ଆବାସ ଘର, ରାସନ୍ କାର୍ଡ, ଭତ୍ତା ଆଦି ଅଭିଯୋଗର ବିଭାଗୀୟ ପଦକ୍ଷେପ ଗ୍ରହଣ ପାଇଁ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ନିବେଦିତା ଦାସ ପରିଚାଳନା କରିଥିବା ବେଳେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁ ରଞ୍ଜନ ସାହୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ରଞ୍ଜନ ତ୍ରିପାଠୀ, ରୁଦ୍ରନାରାୟଣ ମୁଦୁଲି, ବିଘ୍ନେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକ୍ତରଖାନା ଟେଣ୍ଡରରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଅବହେଳା ପରେ ଏବେ ଟେଣ୍ଡର ପରିଚାଳନାରେ ଅନିୟମିତତା ହେଉଛି । ଏପରି ଅଭିଯୋଗ ଉତ୍କଳ ଏରପ୍ରାଇଜର୍ସର ମାଲିକ ଶେଖ ମହମ୍ମଦ ନିୟାଜଉଦ୍ଦିନ ଆଣି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ସେ କହିଛନ୍ତି ଯେ ଗତ ଜୁନମାସ ୧୨ ତାରିଖରେ ଡାକ୍ତରଖାନାର ଆଇଇସି ( ସୂଚନା, ଶିକ୍ଷା ଓ ପ୍ରଚାର ପ୍ରସାର) ସମ୍ବନ୍ଧୀୟ ସାମଗ୍ରୀ ପାଇଁ ଟେଣ୍ଡର ବାହାରିଥିଲା । କେନ୍ଦ୍ରାପଡା ଜିଲ୍ଲା ସମେତ ପୁରୀ ଓ ଯାଜପୁର ଜିଲ୍ଲାର ବ୍ୟବସାୟ ଅନୁଷ୍ଠାନ ଏହି ଟେଣ୍ଡରରେ ସାମିଲ ହୋଇଥିଲେ । ଜୁଲାଇ ୭ ତାରିଖରେ ଏହି ଟେଣ୍ଡର ପତ୍ର ଖୋଲାଯାଇଥିଲେ ମଧ ଫାଇନାନସିଆଲ ବିଡକୁ ଜାଣିଶୁଣି ଅଟକା ଯାଇଥିଲା । ସମସ୍ତ ଟେଣ୍ଡର ପତ୍ର ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯିବ ବୋଲି କହିଥିଲେ ମଧ କୌଣସି ସୂଚନା ଦିଆ ନଯାଇ ଗତ ୧୮ ତାରିଖରେ ପୁରୀ ଓ ଯାଜପୁରର ବ୍ୟବସାୟୀଙ୍କୁ ମଞ୍ଜୁରୀ ଦିଆଯାଇଛି । କେନ୍ଦ୍ରାପଡା ଜିଲ୍ଲାକୁ ପ୍ରାଧାନ୍ୟ ଦିଆ ନଯାଇ ବାହାର ଜିଲ୍ଲାର ବ୍ୟବସାୟୀଙ୍କୁ ଟେଣ୍ଡର ମଞ୍ଜୁରୀରେ ବ୍ୟାପକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ମନୋରଞ୍ଜନ ରାଉତ କହିଛନ୍ତି ଯେ ସଂପୃକ୍ତ ଟେଣ୍ଡର ପତ୍ର ଦାଖଲକାରୀ କେତେକ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ନଥିବା ପ୍ରାଥମିକ ଭାବେ ସୂଚନା ମିଳିଛି । ତେବେ ଏନେଇ ସେ ତଦନ୍ତ କରିବେ ବୋଲି ଡା. ରାଉତ କହିଛନ୍ତି ।

## ଟ୍ରଷ୍ଟ ପକ୍ଷରୁ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରୀବ ମେଧାବୀ ଛାତ୍ରୀଙ୍କୁ ମେଧାବୃି ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବି ଶ୍ୱ ବି ଦ୍ୟ । ଳ ୟ ର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ରାଜନଗରସ୍ଥିତ କୋଇଲିପୁର ଗ୍ରାମର ଅମୂଲ୍ୟ ରାଉତଙ୍କ ଘରେ ପହି ତାଙ୍କ ଝିଅ ତଥା +୨ କଳା ଛାତ୍ରୀ ସୁନିତା ରାଉତଙ୍କୁ ୩ହଜାର ଟଙ୍କା ମେଧାବୃି ପ୍ରଦାନ କରିବା ସହ ତାଙ୍କର ଉତରୋର ଉନ୍ନତିକାମନା କରିଥିଲେ ।

## ପ୍ରଜ୍ଞାନାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ପାଇଁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ,୨୮।୭ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ୬୬ତମ ଜୟନ୍ତୀ ଉପଲକ୍ଷେ ବେଲତଳସ୍ଥ ହରିହରାନନ୍ଦ ଧାନ ମନ୍ଦିର ପରିସରରେ ରକ୍ତଦାନ ଶିବିର ଆସନ୍ତା ୧୦ ତାରିଖରେ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ସୁଗିତାନନ୍ଦ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ୱାମୀ ବ୍ରଜେଶାନନ୍ଦ ଗିରି, ସ୍ୱାମୀ ଧାନ ନିଷ୍ଠାନନ୍ଦ ଗିରି, ସମାଜସେବୀ ଗୋପିନାଥ କର, ବାବା ଦୁସ୍ମନ୍ତ କୁମାର ସାହୁ, ବ୍ରଜକିଶୋର ପଣ୍ଡା, ଅଭିମନ୍ୟୁ ପଢ଼ିହାରୀ, ପାବନୀ କୁମାର ରାଉତ ପ୍ରମୁଖ ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



## ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଜୟନ୍ତୀ ପାଳିତ

**ସାଲେପୁର,୨୮।୭ (ସଂଚାର ବ୍ୟୁରୋ):** ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ସହପ୍ରାନ୍ତ କାର୍ଯ୍ୟବାହ ଓ ଓଡ଼ିଶା ବିଜେପିର ମୁଖ୍ୟ ବିନ୍ଧାଣୀ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ୮୩ତମ ଜୟନ୍ତୀ ସାଲେପୁର ସ୍ଥିତ ମଧୁମଣ୍ଡପଠାରେ ଅଟଳ ସେନାର ରାଜ୍ୟ ଅଧକ୍ଷ ଦିବାକର ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଅଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପିର ଉପ ସଭାପତି ଗୋଲକ ପ୍ରସାଦ ମହାପାତ୍ର ଯୋଗ ଦେଇ ସ୍ୱର୍ଗତ ଦେବେନ୍ଦ୍ର ମହାପାତ୍ରଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ତାଙ୍କୁ ତ୍ୟାଗର ମୂର୍ତ୍ତିବନ୍ତ ପ୍ରତୀକ ରୂପେ ବର୍ଣ୍ଣନା କରିଥିଲେ। ତାଙ୍କ ଦ୍ୱାରା ଓଡ଼ିଶାରେ ବିଜେପିର ମୂଳଦୁଆ ପଡ଼ିଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେପି ନେତା ଭକ୍ତବନ୍ଧୁ ମିଶ୍ର ଓଡ଼ିଶାରେ ସଂଘ ଓ ବିଜେପିର ପ୍ରଚାର ପ୍ରସାରରେ ତାଙ୍କର ଅବଦାନ ଯୋଗୁ ଆଜି ଓଡ଼ିଶାରେ ବିଜେପି ସରକାର ଗଠିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଆଇନଜୀବୀ ଶିବା ମହାନ୍ତି ଓ ଅଟଳ ସେନା ଚିନ୍ତନ ପରିଷଦର ଅଧକ୍ଷ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ। ଜୟନ୍ତୀ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିଶୁ ସାହିତିକ ଶଶୀଭୂଷଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଟଳ ସୈନିକ ଉପସ୍ଥିତ ଥିଲେ।




## ବଳଦେବଜୀଉ ପାୱାରଲୁମ୍‌କୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବି

**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ରାଜ୍ୟରେ ୮ଟି ସ୍ଥାନରେ ବୟନ ଶିଳ୍ପର ପ୍ରସାର ପାଇଁ ନୀତିଗତ ନିଷ୍ପତି ଗ୍ରହଣ କରିଛନ୍ତି । ଏହାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ ସ୍ୱାଗତ ଜଣାଉଛି । ମାତ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକମାତ୍ର ଶିଳ୍ପ ବଳଦେବଜୀଉ ପାୱାରଲୁମ୍ ରାଜ୍ୟରେ ଗାମୁଛା, ଲୁଙ୍ଗି, ଧୋତି ଆଦି ତିଆରି କରି ଲୋକମାନଙ୍କୁ ନିଯୁକ୍ତି ଦେବା ସହ କପଡା ଶିଳ୍ପର ଚାହିଦା ମୋଉଥିଲା। ଦୀର୍ଘଦିନ ଧରି ତାହା ଅଚଳ ହୋଇ ପଡିରହିଛି । ଜଗତସିଂହପୁର ଜିଲ୍ଲାର ସାରଳା ସୁତା ମିଲ୍‌କୁ ପୁନଃ ଉଦ୍ଧାର କରିବା ପାଇଁ ସରକାର ଯୋଜନା କରୁଛନ୍ତି । କେନ୍ଦ୍ରାପଡାର ବଳଦେବଜୀଉ ପାୱାରଲୁମ୍‌କୁ ପୁନଃ ଉଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଅଧାପକ ଅଜୟ ସାମଲ, ସଭାପତି ଡଃ. ଅଲେଖ ଚନ୍ଦ୍ର ପଢିଆରୀ, ଉପଦେଷ୍ଟା ଅଧାପକ ନନ୍ଦ କିଶୋର ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ଆଦିକନ୍ଦ ରାଉଳ, ରାଜକୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଅଧାପକ ପ୍ରଭାକର ସାମଲ, ଦିଲ୍ଲୀପ ମିଶ୍ର ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

## ଅସ୍ତରଙ୍ଗର ବିଭିନ୍ନ ଶୈବ ପୀଠରେ ଜଳଲାଗି କଲେ ଶତାଧିକ କାଉଡିଆ



**କାକଟପୁର/ଅସ୍ତରଙ୍ଗ,୨୮।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଶୈବ ପୀଠରେ ଶ୍ରାବଣ ମାସର ତୃତୀୟ ସୋମବାରରେ ଶତାଧିକ କାଉଡିଆ ଜଳଲାଗି କରିଛନ୍ତି। ଜଳାଭିଷେକ ପାଇଁ ରବିବାର ଠାରୁ ବିଭିନ୍ନ ଗ୍ରାମରୁ କାଉଡିଆମାନେ ଆସି ପୀଠରେ ପହଂଚି ଥିଲେ। ବୋଲ ବମ୍ ହର ହର ବମ୍ ଡାକରେ ପ୍ରକମ୍ପିତ ହେଉଥିଲା ରାସ୍ତା ଘାଟ। ସୋମବାର ଅପରାହ୍ନ ପର୍ଯ୍ୟନ୍ତ କାଉଡିଆମାନେ ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମର ପଶ୍ଚିମେଶ୍ୱର, ଆଳସାହି ପଂଚାୟତ ଓଳିହା ଗ୍ରାମର ଐଶାନେଶ୍ୱର ସମେତ ବ୍ଲକ ଅଞ୍ଚଳର ଗ୍ରାମେଶ୍ୱର, ଶଙ୍କରେଶ୍ୱର, ଇଷାଣେଶ୍ୱର, ଶୀଧେଶ୍ୱର, ବୁଧେଶ୍ୱର ସମେତ ବିଭିନ୍ନ ମନ୍ଦିର ରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ।

## ଚାଷ ଜମିକୁ ଜଳସେଚିତ କରିବାକୁ ଦାବି

**କେନ୍ଦ୍ରାପଡ଼ା,୨୮।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ତେରଗାଁ ପଂଚାୟତର ଶତକଡା ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା କରିବା ପାଇଁ ଏହି ପଂଚାୟତବାସୀ ଦାବି କରିଛନ୍ତି। ପଂଚାୟତରେ ଜଳ ସେଚନର ବ୍ୟବସ୍ଥା ନଥିବାରୁ କୃଷି କାର୍ଯ୍ୟପାଇଁ ପଂଚାୟତବାସୀ ମାନେ ସଂପୂର୍ଣ୍ଣ ଭାବେ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ ଚାଷକାର୍ଯ୍ୟ ପଛେଇ ଯାଉଛି। ଅଧିକାଂଶ ଚାଷ ଜମି ଗୁଡିକ ଛାହ ନହୋଇ ପାରି ଖାଲି ପଡି ରହୁଛି। ଏହି ପଂଚାୟତର ଚାଷ ଜମି ଗୁଡିକୁ ଜଳସେଚନ କରିବା ପାଇଁ ଦୀର୍ଘ ବର୍ଷ ହେଲା ଚାଷୀମାନେ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା କୃଷି କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଉଛନ୍ତି । ତେଣୁ ପଂଚାୟତ ତରଫରୁ ଜଳ ସେଚିତ କରିବା ପାଇଁ ବିଚିତ୍ରାନନ୍ଦ ମଲ୍ଲ, ଦେବେନ୍ଦ୍ର କୁମାର ଦାସ, ଅକ୍ଷୟ କୁମାର ସ୍ୱାଇଁ, ସଂଯୁକ୍ତା ରାଉତ, ଭ୍ରମରବର ମଲିକ ପ୍ରମୁଖ ଦାବି କରିଛନ୍ତି ।

# ଜବରଦଖଲକାରୀଙ୍କ କବଜାରେ ସରକାରୀ ଜମି

♦ ବାରମ୍ବାର ଅଭିଯୋଗ ପରେବି ତହସିଲଦାର ନିରବଦ୍ରଷ୍ଟା ♦ ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ

**ନିଶ୍ଚିନ୍ତକୋଇଲି,୨୮।୭ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କିଶନନଗର ତହସିଲ ଅଧିନସ୍ତ ଉତ୍ତରକୂଳ ଗ୍ରାମପଞ୍ଚାୟତ ଉତ୍ତରକୂଳ ଗ୍ରାମର ମା'ସୁଦାମବତୀ ବିଜେସ୍ଥଳ ନିକଟରେ ଥିବା ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବଜାରେ। କିଛି ପ୍ରଭାବଶାଳୀ ତଥା ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ଦିର୍ଘ ବର୍ଷବର୍ଷ ଧରି କବଜାକରି ନିଜର ବ୍ୟବସାୟ ପ୍ରତିଷ୍ଠାନମାନ ପ୍ରତିଷ୍ଠା କରି ଲାଲେଲାଲ୍ ହେଉ ଆସୁଥିବ ବେଳେ ଉଚ୍ଛେଦ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ କିଶନନଗର ତହସିଲ ପ୍ରଶାସନଙ୍କ ନିକଟରେ ଦାବି ହୋଇଆସୁଥିଲେ ବି ତହସିଲ କର୍ତ୍ତୃପକ୍ଷ ଗୁରୁତ୍ୱ ନଦେବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।



ଜବରଦଖଲ କରିଥିବା ବ୍ୟକ୍ତି ସମୂହ ସେଠାରେ କୋଠାଘରମାନ କରି ଭଡ଼ା ସୂତ୍ରରେ ଲଗାଇ ଅର୍ଥ ରୋଜଗାର କରୁଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ ଚରିବା ଯେପରି ସାତସପନ। ଜବରଦଖଲକାରୀମାନେ ଚିକେନ ସେଣ୍ଟର ଖୋଲି ବ୍ୟବସାୟ କରୁଛନ୍ତି। ଚିକେନ ସେଣ୍ଟରରୁ ନିର୍ଗତ ସମସ୍ତ ଅଦରକାରୀ ବର୍ଜ୍ୟ ବସ୍ତୁକୁ ମନ୍ଦିର ବେଢ଼ାରେ ପକାଉ ଥିବାରୁ ଭକ୍ତ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଉଛି। ଉତ୍ତରକୂଳ ଗ୍ରାମ ଦେଇ ଯାଇଥିବା ଏହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟ ଆରମ୍ଭ କରିଥିଲେ ବି ଏହା ମନ୍ଥର ଗତିରେ ଚାଲିଥିବାର ଦେଖିବାକୁ ମିଳୁଛି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଅନେକ ବ୍ୟକ୍ତି ଗୁହାଳ, ରୋଷେଇଘର, ଚା, ପାନ ଦୋକାନ, ବଗିଚା କରୁଥିବାରୁ ଅନେକ ସମୟରେ ରାସ୍ତା ନିର୍ମାଣ କରିବାରେ ଠିକାଦାର ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହେଉଥିବାର ଦେଖିବାକୁ ମିଳୁଛି। ତହସିଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ରାସ୍ତାକାମ ଆଗେଇ ପାରୁନି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

### ବିଦ୍ୟୁତ୍ ବିତରକ କମ୍ପାନୀର ମନୋମୁଖୀ କାରବାର

# ସ୍ମାର୍ଟ ମିଟରକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

**କାକଟପୁର/ଅସ୍ତରଙ୍ଗ,୨୮।୭ (ସଂଚାର ବ୍ୟୁରୋ):** ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କ ମନୋମୁଖୀ କାରବାରକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ ବିତରଣ କମ୍ପାନୀ କର୍ମଚାରୀମାନେ ପ୍ରତ୍ୟେକ ଗ୍ରାମର ଘରେ ଘରେ ପଶି ପୁରୁଣା ମିଟର ବଦଳାଇ ସ୍ମାଟ ମିଟର ବସାଉଥିବା ଜଣାପଡିଛି। ତେବେ ଭଲ ଥିବା ପୁରୁଣା ମିଟର ଗୁଡିକୁ କାହା ସ୍ୱାର୍ଥରେ ବଦଳା ଯାଉଛି ବୋଲି ପଚାରିଲେ କର୍ମଚାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ କଥାକୁ ଏଡାଇ ଯାଉଛନ୍ତି। କେହି ଉପଭୋକ୍ତା ଏ ସମ୍ପର୍କରେ ପ୍ରତିବାଦ କଲେ ମଧ ମିଟର ବସାଇବା ପାଇଁ ଯାଉଥିବା କର୍ମଚାରୀମାନେ କାହା କଥା ଶୁଣୁ ନ ଥିବା ଅସ୍ତରଙ୍ଗ ଅଞ୍ଚଳର କିଛି ଉପଭୋକ୍ତା ଅଭିଯୋଗ କରିଛନ୍ତି। ସେହିପରି ସ୍ମାଟ ମିଟର ବସାଯିବା ଯୋଗୁଁ ମାସିକ ବିଦ୍ୟୁତ ଦେୟ ଆଶ୍ଚର୍ଯ୍ୟ ଜନକ ଭାବେ ବୃଦ୍ଧି ପାଉଥିବା ଉପଭୋକ୍ତାମାନେ ଅଭିଯୋଗ କରୁଛନ୍ତି।




ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ବିରୋଧରେ କେବେ କେହି ବିଦ୍ୟୁତ ଉପଭୋକ୍ତା ସ୍ୱର ଉଠାଇଲେ ବିନା ନୋଟିସରେ ସମ୍ପୃକ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ନଜିର ରହିଛି।

ଅପରପକ୍ଷେ ହାତଗଣତି କେତେକ ବ୍ୟବସାୟ ପ୍ରତିଷ୍ଠାନ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କାର ବିଦ୍ୟୁତ ବିଲ ବାକି ପଡ଼ିଥିବା ବେଳେ ଗ୍ରାମାଞ୍ଚଳରେ ରହୁଥିବା ଗରିବ, ନିରୀହ ଉପରେ କମ୍ପାନୀର କର୍ମଚାରୀ ବାରମ୍ବାର ଦାଉ ସାଧୁଥିବା ଅଭିଯୋଗ ହେଉଛି। ସେହିପରି ନିର୍ଦ୍ଧାରିତ ସମୟରେ ଅନେକ ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲ ଦିଆନଯିବା ଯୋଗୁଁ ପ୍ରତି ମାସରେ ବିଦ୍ୟୁତ ବିଲ ବାବଦରେ ଅଧିକ ଅର୍ଥ ଦେବାକୁ ପଡୁଥିବା ଅଭିଯୋଗ ହେଉଛି। ଫଳରେ ବିଦ୍ୟୁତ ଉପଭୋକ୍ତା ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାୱାର ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ପ୍ରତି ସରକାର ଦୃଷ୍ଟି ଦେବାକୁ ଅସ୍ତରଙ୍ଗ ଅଞ୍ଚଳର ଜନସାଧାରଣ ଦାବୀ କରିଛନ୍ତି।

**ବଢୁଛି ଦେବୀ ନଦୀର ଜଳସ୍ତର**

# ତଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ

**କାକଟପୁର/ଅସ୍ତରଙ୍ଗ,୨୮।୭ (ସଂଚାର ବ୍ୟୁରୋ):** ହୀରାକୁଦ ଗେଟ ଖୋଲିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ତାହାର ଶାଖା ଦେବୀ ନଦୀରେ ଦ୍ୱିତୀୟ ପର୍ଯ୍ୟାୟରେ ଜଳସ୍ତର ବୃଦ୍ଧି ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ପାଣିରେ ତଳିଆ ଅଞ୍ଚଳର ଅନେକ ଚାଷ ଜମି ଜଳମଗ୍ନ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକଣ୍ଠ ନଗର ପଂଚାୟତ ବିରୁଡି ପତ୍ତାଳ, ଦିନାଡିଆ, ବାଲିପତ୍ତାଳ, ତାଳଦା ପଂଚାୟତ ଏଡ଼ବାଂଶ, ଡିଆ, ସମେତ ଖଣ୍ଡାସାହି, ଓସିଆ, ବିନାୟକପୁର, ଝାଡ଼ଲିଙ୍ଗ, ସହନ ନିକଟ ତଳିଆ ଅଞ୍ଚଳରେ ଲହଡି ମାରୁଛି ବନ୍ୟା ପାଣି।

କିଛି ଦିନ ଆଗରୁ ନଗର ପଂଚାୟତ ବିରୁଡି ପତ୍ତାଳ, ଦିନାଡିଆ, ପାଟସୁନ୍ଦରପୁର ଅଞ୍ଚଳର ନଦୀପଠାରେ ହେଉ ଅବା ଚାଷ ଜମିରେ ଖିଲିଖିଲି ହସୁଥିଲା କଞ୍ଚା ପରିବା ଏବେ ବନ୍ୟା ଜଳରେ ବୁଡିଯାଇଛି। ପୋଟଳ, କଲରା, କଞ୍ଚା ଲଙ୍କା, ବାଇଗଣ ଉପରେ ବନ୍ୟା ପାଣି ମାଡି ଯାଇଛି। ଚାଷ ଜମିରେ ୩ ଫୁଟର ପାଣି। ନିଜ କଷ୍ଟ ଅର୍ଜିତ ଫସଲକୁ ନଦୀରେ ବନ୍ଧରେ ଠିଆ ହୋଇ ଦୁଃଖ କୋହ ଭରା ନୟନରେ ଚାହିଁ ରହିଛନ୍ତି ଚାଷୀ।



ଅସ୍ତରଙ୍ଗ ଅଞ୍ଚଳ ସହ ଅନେକ ସ୍ଥାନରେ ବନ୍ୟା ଜଳ ପ୍ରବାହିତ ହେଉଛି। ତଳିଆ ଅଞ୍ଚଳ ଥିବା ଏକର ଏକର ଚାଷ ଜମିରେ ଲହଡି ମାରୁଚି ବନ୍ୟା ଜଳ। ଦେବୀ ନଦୀର ବନ୍ୟା ଚାଷୀଙ୍କ ମନରେ ଭରିଦେଇଛି ଅଭୁଲା କ୍ଷତ।

### ଜମି ଦେବା ନାଁରେ ଠକେଇ ଉଦ୍ୟମ

# ଯୋଗାଣ ମନ୍ତ୍ରୀଙ୍କଠୁ ଠକିନେଲେ ୨୫ ଲକ୍ଷ



**ଢେଙ୍କାନାଳ,୨୮।୭(ସଂଚାର ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜନୈକ ବ୍ୟକ୍ତି ଜମି ଦେବାକୁ କହି ୨୫ ଲକ୍ଷ ଟଙ୍କା ଠକିନେଇଥିବା ଜଣାପଡ଼ିଛି। ଅବଶ୍ୟ ଘଟଣାଟି ପ୍ରାୟ ୪ ବର୍ଷ ତଳେ ଘଟିଛି। ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ଉକ୍ତ ବ୍ୟକ୍ତି ପ୍ରତିଶ୍ରୁତି ମୁତାବକ ଜମି ନ ଦେବାରୁ ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କୁ ଟଙ୍କା ମାଗିଆସୁଥିଲେ ମଧ୍ୟ ସେ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲା। ତେବେ ପରେ ସେ ଆଉ ଧରାଛୁଆଁ ଦେଉନଥିବାରୁ ଶେଷରେ ମନ୍ତ୍ରୀ ଶ୍ରୀ ପାତ୍ର ବାଧ୍ୟ ହୋଇ ଗତକାଲି ଢେଙ୍କାନାଳ ଟାଉନ୍ ଥାନାରେ ଏନେଇ ଏକ ଅଭିଯୋଗ ଦାଏର୍ କରିଛନ୍ତି। ପୁଲିସ ମଧ୍ୟ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

**ଟାଉନ୍ ଥାନାରେ ମାମଲା ରୁଜୁ**

ମିଳିଥିବା ସୂଚନାନୁସାରେ, ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଘର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ସିମିଳିଆରେ ହୋଇଥିବା ବେଳେ ସେ ଗତ ୨୦୨୧ରେ ସଦର ଥାନା ବଣସିଂହ ଅଞ୍ଚଳର ଉକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ପାଖକୁ ଆସିଥିଲା। ବଣସିଂହ ଅଞ୍ଚଳରେ ଭଲ ମୂଲ୍ୟରେ ଜମି ମିଳୁଛି ବୋଲି କହିବା ସହ ମନ୍ତ୍ରୀଙ୍କ ପାଇଁ ଜାଗା ବୁଝିଦେବେ ବୋଲି କହିଥିଲେ। ତାଙ୍କ କଥାରେ ଶ୍ରୀ ପାତ୍ର ରାଜି ହେବାରୁ ଜମି ମାଲିକଙ୍କୁ ଅଗ୍ରୀମ ଦେବାକୁ ପଡ଼ିବ କହି ସେ ୨୫ ଲକ୍ଷ ଟଙ୍କା ନେଇଥିଲେ। ଶ୍ରୀ ପାତ୍ର ଉକ୍ତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଟଙ୍କା ମଧ୍ୟ ଦେଇଥିଲେ। କିନ୍ତୁ କିଛି ଦିନ ପରେ ଉକ୍ତ ବ୍ୟକ୍ତି ଜଣଙ୍କ ଜମି ଯୋଗାଡ଼ କରିପାରିନଥିଲେ। ଭିନ୍ନ ଭିନ୍ନ ବାହାନା କରି ସେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ନିରାଶ ହୋଇ ଶ୍ରୀ ପାତ୍ର ତାଙ୍କୁ ଟଙ୍କା ଫେରସ୍ତ କରିବା ସକାଶେ କହିଥିଲେ। ଅଭିଯୁକ୍ତ ମଧ୍ୟ ଏ ବାବଦରେ ୨ଟି ଚେକ୍ ଶ୍ରୀ ପାତ୍ରଙ୍କୁ ଦେଇଥିଲେ। କିନ୍ତୁ ଶ୍ରୀ ପାତ୍ର ଉକ୍ତ ଚେକ୍‌କୁ ବ୍ୟାଙ୍କ୍‌ରେ ଜମା କରିଥିଲେ ମଧ୍ୟ ଟଙ୍କା ନଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରେ ଶ୍ରୀ ପାତ୍ର ରିପେମେଣ୍ଟ ପାଇଁ ନୋଟିସ୍ ପଠାଇଥିଲେ ମଧ୍ୟ ଉକ୍ତ ବ୍ୟକ୍ତି ସେଥିପ୍ରତି କର୍ଣ୍ଣପାତ କରିନଥିଲେ।

ତେବେ ଗତ ୨୦୨୪ ନଭେମ୍ବର ୩୦ ତାରିଖରେ ଉକ୍ତ ବ୍ୟକ୍ତି ଜଣଙ୍କ ସବୁ ଟଙ୍କା ଫେରାଇବାକୁ ରାଜି ହେବା ନେଇ ଏକ ଚୁକ୍ତିପତ୍ରରେ ଦସ୍ତଖତ କରିଥିଲେ। କିନ୍ତୁ ଧାର୍ଯ୍ୟ ସମୟରେ ସେ ଟଙ୍କା ଫେରାଇନଥିଲେ।

# ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ପାଇଁ ସ୍ୱତନ୍ତ୍ର ପଦକ୍ଷେପ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଉନ୍ନତ ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଉନ୍ନତ ପ୍ରଦର୍ଶନ ପାଇଁ ପଞ୍ଚାୟତମାନଙ୍କୁ ପୁରସ୍କାର ମିଳିବ। ସେଥିପାଇଁ ୯ଟି ଥିମ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏ ବାବଦରେ ସରକାର ମୋଟ ୪ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ବୋଲି ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

- ପଞ୍ଚାୟତ ପାଇଁ ୧୨୯ ପୁରସ୍କାର
- ୪ କୋଟି ଖର୍ଚ୍ଚ କରିବେ ସରକାର

ଏ ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ପଞ୍ଚାୟତ ଆଡଭାନ୍ସମେଣ୍ଟ୍ ଇଣ୍ଡେକ୍ସ ସ୍କୋରରେ ପ୍ରଦର୍ଶନ ଅନୁଯାୟୀ ୯ଟି ଥିମ ଯଥା ଏମ୍‌ଜିନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନଲାଇନ ଅଡିଟ, ଉନ୍ନତ ଜିପିଡିପି, ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅଦ୍ୟତନ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ସେହିପରି ପୁରସ୍କାରଗୁଡ଼ିକ ୪ଟି ବର୍ଗ ରାଜ୍ୟ ସ୍ତର, ଜିଲ୍ଲା ସ୍ତର, ବ୍ଲକ ସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ। ରାଜ୍ୟ ସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ମଧ୍ୟ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ଏହାଛଡ଼ା ଯୋଗ୍ୟ ବିବେଚିତ ଜିଲ୍ଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ମିଳିବ। ଆହୁରି ନଅଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଏହିପରି ସର୍ବମୋଟ ୨୭ଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତିଯେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ଅର୍ଥ ରାଶି ସମେତ ସର୍ବମୋଟ ୯୦ଟି ପୁରସ୍କାର ପ୍ରଦାନ କରାଯିବ। ବ୍ଲକ ସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା-ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାୟୀ ଉନ୍ନତି ଲକ୍ଷ୍ୟ (ଏଲ୍‌ଏସ୍‌ଡିଜି)ର ୯ଟି ବିଷୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଆଧାରରେ ପ୍ରୋତ୍ସାହନ ଦେବା ସକାଶେ ଗ୍ରହଣ କରାଯାଇଥିବା ଏହି ଉଦ୍ୟମ, ସ୍ୱାବଲମ୍ବୀ ପଞ୍ଚାୟତରାଜ ଅନୁଷ୍ଠାନଗୁଡ଼ିକୁ ପ୍ରେରିତ କରିବ। ଏହି ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ବଳିଷ୍ଠ ଉଦ୍ୟମ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଆଶା ପ୍ରକାଶ କରିଛନ୍ତି।

# କଂଗ୍ରେସ ଓ ବିଜେଡିକୁ ଟାର୍ଗେଟ୍ କଲେ ସୁକେଶୀ

### କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ଉଭୟ ବିରୋଧୀ




**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରା):** ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ସରକାର, ମହିଳାମାନଙ୍କ ପାଇଁ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ତ୍ୱରିତ ଓ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୋକଙ୍କ ସରକାର, ବିଜେପି ସରକାର ପାଖକୁ ଯାଇ ନିର୍ଭୟରେ ଅଭିଯୋଗ କରିପାରୁଛନ୍ତି ଏବଂ ଅପରାଧୀ ଦଣ୍ଡିତ ହେଉଛନ୍ତି। ଅନ୍ୟ ପଟେ ଅପରାଧୀମାନେ ଭୟଭୀତ ହୋଇପଡିଛନ୍ତି। ବିଜେଡି ଅମଳରେ ପୀଡ଼ିତାମାନେ ଅଭିଯୋଗ କରିବାକୁ ଭୟ କରୁଥିଲେ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ଅଭିଯୋଗ ଶୁଣିବାକୁ ସରକାରଙ୍କ ଆଗ୍ରହ ନଥିଲା। ସେଥିପାଇଁ ଅନେକ ପୀଡିତା ଜୀବନ ହରାଇଥିଲେ। କିନ୍ତୁ ରାଜ୍ୟର ମା'-ଭଉଣୀଙ୍କୁ ନ୍ୟାୟ ଓ ସମ୍ମାନ ଦେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ ଓରାମ କହିଛନ୍ତି ଯେ ଗତ କିଛି ଦିନ ଧରି ଉଭୟ କଂଗ୍ରେସ ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ, ଧାରଣା, ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପ ଦାନ, ଲୋକସେବା ଭବନ ଘେରାଓ, ଓଡିଶା ବନ୍ଦ କରିବାର ରାଜନୈତିକ ସୁଆଙ୍ଗ କରୁଥିବାର ସମସ୍ତେ ଦେଖୁଛନ୍ତି। ଓଡ଼ିଶା ବନ୍ଦ କାରଣରୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ହୋଇଛି। ତେଣୁ ଉଭୟ ବିରୋଧୀ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା ବନ୍ଦ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଏବଂ ମନୀଷା ବେହେରା, ସୁବାସିନୀ ପୃଷ୍ଟି ଉପସ୍ଥିତ ଥିଲେ।

# ପିଜିଟି ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ




**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଷୟର ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଏକ ୫ଦିନିଆ ପ୍ରଶିକ୍ଷଣ ଶିରିପୁରସ୍ଥିତ ଇମେଜ୍‌ଠାରେ ଆୟୋଜିତ ହୋଇଛି। ଏଥିରେ ୧୦୦ ଜଣ ପିଜିଟି ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି, ସ୍ନିଗ୍ଧା ମିଶ୍ର, ଜୁଲି ମଙ୍ଗରାଜ ଓ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ନନ୍ଦ କହିଛନ୍ତି ଯେ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କ ଚରିତ୍ର ଗଠନ ନିମନ୍ତେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ନମ୍ର ହେବାକୁ ପଡ଼ିବ। ଛାତ୍ରଛାତ୍ରୀଙ୍କ ମାନସିକ ଚାପ ହ୍ରାସ ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଶିକ୍ଷା ପ୍ରଦାନ କରିବା ସହ ଅଭିଭାବକମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଏଥିସହ ଏକବିଂଶ ଶତାବ୍ଦୀର ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷା ନୀତିରେ ଥିବା ଧନ୍ଦାମୂଳକ, ବୈଷୟିକ, ଦକ୍ଷତା ବିକାଶ ଓ ଡିଜିଟାଲ୍ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ଶ୍ରୀମତୀ ନନ୍ଦ ଗୁରୁତ୍ୱ ଦେଇଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣରେ ତାଲିମ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ମିଶ୍ର ଧନ୍ୟବାଦ ଦେଇଛନ୍ତି।

ଏହି ତାଲିମ୍ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ। ଓଡ଼ିଶା କ୍ୟାରିୟର ପୋର୍ଟାଲ୍ ପରିଚାଳନା, ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା ଓ ଶିକ୍ଷଣ ଦକ୍ଷତା ବିକାଶ, ଗ୍ରୁପ୍ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ଗଠନ ଆଦି ସମ୍ପର୍କରେ ସେମାନଙ୍କୁ ତାଲିମ୍ ଦିଆଯିବ। ଏଥିସହ ପୂର୍ବରୁ ହୋଇଥିବା ତାଲିମ୍ କାର୍ଯ୍ୟକ୍ରମ ନେଇ ମତାମତ ଗ୍ରହଣ ପରେ ଚଳିତ ତାଲିମ୍ କାର୍ଯ୍ୟକ୍ରମରେ ଆଇ-ଜିଓଟି କର୍ମଯୋଗୀ ଆପ୍‌ର ଉପଯୋଗ, ଧନ୍ଦାମୂଳକ ଶିକ୍ଷା, ଛାତ୍ରବୃତ୍ତି, ସୁସ୍ଥ ଶ୍ରେଣୀ ଗୃହ ପାଇଁ ବ୍ୟକ୍ତିଗତ ପୁଷ୍ଟିସାର ସ୍ତର ବୃଦ୍ଧି ଓ ସ୍ୱାସ୍ଥ୍ୟର ଉନ୍ନତି, କ୍ଲାଇମେଟ୍ ରେଜିଲିଏଣ୍ଟ ବିଦ୍ୟାଳୟ ଆଦି ସଂକ୍ରାନ୍ତରେ ତାଲିମ୍ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ଆଲୋକ ତ୍ରିପାଠୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଡିଆର୍‌ଏମ୍



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ୧୯୯୮ ବ୍ୟାଚର ଭାରତୀୟ ରେଳବାଇ ଟ୍ରାଫିକ୍ ସେବା (ଆଇଆରଟିଏସ୍)ର ବରିଷ୍ଠ ଅଧିକାରୀ ଆଲୋକ ତ୍ରିପାଠୀ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଚ୍‌ଏସ୍ ବାଜୱାଙ୍କଠାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳମଣ୍ଡଳର ସମସ୍ତ ବିଭାଗୀୟ ଅଧିକାରୀମାନେ ଶ୍ରୀ ତ୍ରିପାଠୀଙ୍କୁ ସ୍ୱାଗତ କରିବା ସହ ତାଙ୍କ ନେତୃତ୍ୱରେ ସଫଳତା ହାସଲ ନେଇ ଆଶା ପ୍ରକଟ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ତ୍ରିପାଠୀ ନୂଆଦିଲ୍ଲୀର ରେଳବାଇ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବେ କାର୍ଯ୍ୟ କରୁଥିଲେ। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବଳିଷ୍ଠ କ୍ୟାରିଅର ସହ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ପ୍ରଶାସନିକ ଓ ପରିଚାଳନାଗତ ଅଭିଜ୍ଞତା ହାସଲ କରିଛନ୍ତି। ଶ୍ରୀ ତ୍ରିପାଠୀ ନ୍ୟାସନାଲ ହାଇ ସ୍ପିଡ୍ ରେଳ କର୍ପୋରେସନ ଲିମିଟେଡ୍ (ଏନ୍‌ଏଚ୍‌ଏସଆର୍‌ସିଏଲ୍)ରେ ଜେନେରାଲ ମ୍ୟାନେଜର ସମେତ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏଥିସହ ସେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଡେପୁଟେସନ୍‌ରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ପୂର୍ବ ଭୂମିକାରେ ସେ ଅହମ୍ମଦାବାଦରେ ସହାୟକ ଅପରେସନ୍ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ୍ ଅପରେସନ୍ ମ୍ୟାନେଜର ଏବଂ ପଶ୍ଚିମ ରେଳବାଇରେ ଏରିଆ ମ୍ୟାନେଜର ଅନ୍ତର୍ଭୁକ୍ତ। ସେ ରାଜକୋଟ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏବଂ ଉଭୟ ରାଜକୋଟ ଏବଂ ରତଲାମ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବରେ ଶ୍ରୀ ତ୍ରିପାଠୀ ପୂର୍ବତଟ ରେଳପଥର ସବୁଠାରୁ ବ୍ୟସ୍ତତମ ରେଳମଣ୍ଡଳରେ କାର୍ଯ୍ୟକ୍ଷମ ଦକ୍ଷତା, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବାର ଆଶା କରାଯାଉଛି।

# ପଲ ରାଜେନ୍ଦ୍ର ଲାକ୍ରା ହେଲେ ଟ୍ୟାକ୍ସ ଚିଫ କମିଶନର



**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଜୋନ କଷ୍ଟମ୍ସ ଓ ଇନଡାଇରେକ୍ଟ ଟ୍ୟାକ୍ସ ବିଭାଗର ଚିଫ କମିଶନର ଭାବେ ଯୋଗ ଦେଲେ ପଲ ରାଜେନ୍ଦ୍ର ଲାକ୍ରା । ୧୯୯୨ ବ୍ୟାଚର ଆଇଆରଏସ ଅଧିକାରୀ ପଲ ରାଜେନ୍ଦ୍ର ଲାକ୍ରା ପୂର୍ବରୁ ଗୁରୁଗ୍ରାମ ଓ କୋଚିରେ କଷ୍ଟମ୍ସ କମିଶନର ଏବଂ ପ୍ରିନ୍ସିପାଲ କମିଶନର ଭାବେ କାମ କରୁଥିଲେ। ଜୁଲାଇ ମାସରେ ଚିଫ କମିଶନର ଭାବେ ଲାକ୍ରାଙ୍କୁ ପଦୋନ୍ନତି ମିଳିଥିଲା। ଇନଡାଇରେକ୍ଟ ଟ୍ୟାକ୍ସ ଲ, କଷ୍ଟମ୍ସ ରେଗୁଲେସନ, ମୁଦ୍ରା ନୀତି ଆଦି ବିଷୟରେ ଅଭିଜ୍ଞତା ଥିବା ଲାକ୍ରା ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ଭୁବନେଶ୍ୱର ଅପିଲ୍ସ କମିଶନରେଟରେ କମିଶନର ଅଫ ଅପିଲ୍ସ ଭାବେ କାମ କରୁଥିଲେ।



ବିଜେଡିର ଏକ ପ୍ରତିନିଧି ଦଳ ଜାତୀୟ ମହିଳା କମିଶନଙ୍କୁ ଭେଟି ବିଜେପିର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହ ସାଂସଦ ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି ସାମିଲ୍ ଥିଲେ।

### ଆକ୍ସନ ମୋଡ଼ରେ ସରକାର

# ଚାଷୀଙ୍କୁ ହେଲା ନୋଟିସ

**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ) :** ରବି ଋତୁ ଧାନ ସଂଗ୍ରହରେ ଚାଷୀଙ୍କ ମିଥ୍ୟା ତଥ୍ୟ ଧରାପଡ଼ିବା ଘଟଣା। ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ।୧ ଲକ୍ଷ ୮୧ ହଜାର ୬୮୪ ଟି ପ୍ଲଟ୍‌ରେ ହୋଇନି ଚାଷ। ଏନେଇ ୭ ଦିନ ଭିତରେ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ପଷ୍ଟୀକରଣ ନ ରଖିଲେ ବର୍ଷେ ପାଇଁ ଧାନ ସଂଗ୍ରହରୁ ବାଦ୍ ପଡ଼ିବେ। ଜମିରେ ଚାଷ ନକରି ଧାନ ସଂଗ୍ରହ ପାଇଁ କରିଥିଲେ ପଞ୍ଜିକରଣ। ସାଟେଲାଇଟ ସର୍ଭେରେ ଚାଷୀଙ୍କ ମିଥ୍ୟା ତଥ୍ୟ ଧରାପଡ଼ିଥିଲା। ୨୦୨୪-୨୫ ରବି ଋତୁ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ କରିଥିଲେ।



# ରାଜ୍ୟ ପୁଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ଆଜି ଓଏସଏପି ଷଷ୍ଠ ବାଟାଲିୟନ୍ ପରିସରରେ ୭୭ତମ ରାଜ୍ୟ ପୁଲିସ ଭଲିବଲ ଓ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ଉଦଯାପିତ ହୋଇଯାଇଛି। ଏହି ସମାରୋହରେ କ୍ରାଇମ୍ ବ୍ରାଞ୍ଚ୍ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତମାନଙ୍କୁ ପୁରସ୍କୃତ କରିଥିଲେ।। ଏହି ଅବସରରେ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡ଼ିଶା ପୁଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଓଡ଼ିଶା ପୁଲିସକୁ ଏହାର କ୍ରୀଡାବିତଙ୍କ ନିରନ୍ତର ସଫଳତା ଗୌରବାନ୍ୱିତ କରିଛି ବୋଲି ମତ ବ୍ୟକ୍ତ କରିବା ସହ ନିକଟରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳିଙ୍କୁ ପ୍ରେରଣା ଯୋଗାଇଛି ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ପୁଲିସ୍ ଜିଲ୍ଲା, ବାଟାଲିଅନ୍ ଓ ୟୁନିଟ୍‌ର ୨୫ଟି ପୁଲିସ ଭଲିବଲ ଟିମ ଓ ୪ଟି ବାସ୍କେଟବଲ ଟିମ ଅଂଶଗ୍ରହଣ କରିଥିବା ବେଳେ ୪୨୯ ଜଣ ଖେଳାଳି ଭାଗ ନେଇଥିଲେ।

ଭଲିବଲରେ କମିଶନରେଟ୍ ପୁଲିସ୍-ବି ଟିମ ଚାମ୍ପିଅନ ହୋଇଥିବା ବେଳେ ବାଲେଶ୍ୱର ଟିମ ରନର୍ସଅପ ହୋଇଛି। ଏହାଛଡ଼ା ମୟୂରଭଞ୍ଜ ଟିମ ବ୍ରୋଞ୍ଜ ମେଡାଲ ପାଇଥିବା ବେଳେ ୪ର୍ଥ ଆଇଆର ବାଟାଲିୟନ, ଦେବଗଡ଼କୁ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ ପୁରସ୍କୃତ କରାଯାଇଛି। ବାଲେଶ୍ୱର ଜିଲ୍ଲାର କନଷ୍ଟେବଳ ରାଜେଶ କୁମାର ସାହୁ ଶ୍ରେଷ୍ଠ ଆଟାକର୍, ଓଆଇଏସଏଫ, ଭୁବନେଶ୍ୱର ଦଳର କନଷ୍ଟେବଳ ମହେଶ୍ୱର ଗୋଚ୍ଛାୟତ ଶ୍ରେଷ୍ଠ ସେଟର୍ ଓ ମୟୂରଭଞ୍ଜ ଦଳର କନଷ୍ଟେବଳ ଅଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ଲିବେରୋ, କମିଶନରେଟ୍ ପୁଲିସ୍-ବି' ଟିମ୍‌ର ସିପାହୀ ଅଜିତ କୁମାର ମୁଦୁଲି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

ସେହିପରି ବାସ୍କେଟବଲରେ ଓଏସଏପି ଷଷ୍ଠ ବାଟାଲିୟନ ଚାମ୍ପିଅନ ହୋଇଥିବା ବେଳେ କମିଶନରେଟ୍ ପୁଲିସ୍-ଏ' ଟିମ ରନର୍ସଅପ ହୋଇଛି। ଏହାଛଡା ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁର ହାର୍ଡ ଲାଇନ ଟିମ, ରାଉରକେଲା ପୁଲିସ ଟିମ ଶ୍ରେଷ୍ଠ ଶୃଙ୍ଖଳା ଟିମ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାରେ ବେଷ୍ଟ ସ୍କୋରର ଭାବେ ଓଏସଏପି ଷଷ୍ଠ ବାଟାଲିୟନର ହାବିଲଦାର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁରର ସିପାହୀ ଅଭିଷେକ ପଶୁପାଳକ ଓ ଓଏସଏପି ଷଷ୍ଠ ବାଟାଲିୟନ, କଟକର ସିପାହୀ ସଞ୍ଜୀବ ବେହୁରା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

ଉଦଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଆଇଜିପି ଗଜଭିୟେ ସତୀଶ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବାତୁଲା ଗଙ୍ଗାଧରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ପରିଶେଷରେ ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଅକ୍ଷୟ ଶକ୍ତି ଉତ୍ପାଦନ, ଓଡ଼ିଶା ପଛରେ

**ଭୁବନେଶ୍ୱର,୨୮।୭:** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦେଉଥିବାବେଳେ ବିଗତ ୫ବର୍ଷ ମଧ୍ୟରେ ଓଡିଶାରେ ପାଖପାଖି ହଜାରେ କିଲୋୱାଟ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଛି। ଏଥିମଧ୍ୟରେ ମୁଖ୍ୟତଃ ସୌରଶକ୍ତି ପ୍ରକଳ୍ପ ରହିଥିବା ବେଳେ ଦେଶର ଅନ୍ୟାନ୍ୟ ରାଜ୍ୟମାନେ କିନ୍ତୁ ଓଡିଶାଠାରୁ ଢେର ଆଗରେ ରହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଏହି ସମୟ ମଧ୍ୟରେ ରାଜସ୍ଥାନରେ ୩୭ ହଜାର ମେଗାୱାଟରୁ ଅଧିକ କ୍ଷମତାର ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଥିବାବେଳେ ଗୁଜୁରାଟରେ ୩୫ହଜାର, କର୍ଣ୍ଣାଟକରେ ପାଖପାଖି ୨୧ ହଜାର, ମହାରାଷ୍ଟ୍ରରେ ୨୧ ହଜାରରୁ ଅଧିକ, ତାମିଲନାଡୁରେ ୨୩ ହଜାର ମୋଗାୱାଟରୁ ଅଧିକ କ୍ଷମତାସମ୍ପନ୍ନ ପ୍ରକଳ୍ପ ସ୍ଥାପନ ହୋଇଛି। ପଡୋଶୀ ଆନ୍ଧ୍ରପ୍ରଦେଶରେ ଏହି ୫ବର୍ଷ ମଧ୍ୟରେ ୧୦,୬୬୨ ମେଗାୱାଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଥିବାବେଳେ ଛତିଶଗଡରେ ୧୮୫୨ ମେଗାୱାଟ ପ୍ରକଳ୍ପ ସ୍ଥାପନ କରାଯାଇଛି । ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ମଧ୍ୟପ୍ରଦେଶରେ ୯ହଜାର ମେଗାୱାଟରୁ ଅଧିକ, ଜାମ୍ମୁ-କାଶ୍ମୀରରେ ୧୨ଶହ ମେଗାୱାଟ ଓ କେରଳରେ ୨୧ ଶହ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଛି ।



ସୌରଶକ୍ତି ସହିତ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ରାଜ୍ୟମାନେ ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଉଥିବାବେଳେ ୨୦୧୪-୧୫ ରୁ ୨୦୧୯-୨୦ ମଧ୍ୟରେ ଓଡିଶାରେ ୨୧୫୧ ମେଗାୱାଟର ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯାଇଛି । ତାମିଲନାଡୁରେ ଏହି ସମୟ ମଧ୍ୟରେ ୨୧୭୮, କେରଳରେ ୧୮୫୭, ପଶ୍ଚିମବଙ୍ଗରେ ୧୩୯୬, ମହାରାଷ୍ଟ୍ରରେ ୩୩୫୯, ମଧ୍ୟପ୍ରଦେଶରେ ୩୨୪୦, ଉତ୍ତରପ୍ରଦେଶରେ ୩୩୯୭, ଉତ୍ତରାଖଣ୍ଡରେ ୧୮୭୭, ପଞ୍ଜାବରେ ୩୮୧୯, ହିମାଚଳପ୍ରଦେଶରେ ୨୮୧୩, ହରିଆନାରେ ୨୩୧୨ ମେଗାୱାଟର ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯାଇଛି ।

ଅକ୍ଷୟଶକ୍ତି ଉତ୍ପାଦନର ବିଭିନ୍ନ ଉତ୍ସ ଯଥା ଜଳବିଦ୍ୟୁତ୍, ସୌରଶକ୍ତି, ପବନ ଶକ୍ତି ଆଦି ପାଇଁ ଓଡିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ଓଡିଶା କିନ୍ତୁ ଏ କ୍ଷେତ୍ରରେ ଢେର ପଛରେ ପଡିଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ନଦ ନଦୀ ଭରା ଓଡିଶାରେ ବର୍ଷାଦିନେ ନଦୀଗୁଡିକରେ ପ୍ରବାହିତ ଜଳର ଅଧାରୁ ଅଧିକ ସମୁଦ୍ରକୁ ବହି ଯାଉଥିବାବେଳେ ସେଭଳି ଆଖିଦୃଶିଆ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ହୋଇପାରୁନାହିଁ । ବିଶେଷକରି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କ୍ଷେତ୍ରରେ ଓଡିଶା ପଞ୍ଜାବ, ହରିଆନା ଭଳି ରାଜ୍ୟଠାରୁ ଢେର ପଛରେ ପଡିଥିବା ଲକ୍ଷ୍ୟ କରାଯାଇଛି ।

ସେହିଭଳି ସୌର ଶକ୍ତି ଉତ୍ପାଦନରେ ମଧ୍ୟ ଗୁଜୁରାଟ, ମହରାଷ୍ଟ୍ର ଓ ରାଜସ୍ଥାନ ଭଳି ରାଜ୍ୟଠାରୁ ଢେର ପଛରେ । ବ୍ୟାପକ ସବସିଡ୍ ପ୍ରଦାନ ସହିତ ପ୍ରଚାର ପ୍ରସାର ହେଉଥିଲେ ମଧ୍ୟ ଓଡିଶା ଲୋକେ ଏଥିପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି । ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା କମ୍ପାନୀମାନେ ମଧ୍ୟ ଲୋକଙ୍କୁ ସେଭଳି ଭାବେ ପ୍ରବର୍ତ୍ତାଉନଥିବା ଲକ୍ଷ୍ୟ କରାଯାଉଛି ।

ଉଲ୍ଲେଖନୀୟ ଯେ ବୃହତ୍ ଜଳବିଦ୍ୟୁତ୍ ସହିତ ଅନ୍ୟାନ୍ୟ ଅକ୍ଷୟଶକ୍ତି ଉତ୍ସରୁ ୨୦୨୨-୨୩ ବର୍ଷରେ ସମଗ୍ର ଦେଶରେ ୩ଲକ୍ଷ ୬୫ହଜାର ମେଗାୱାଟରୁ ଅଧିକ ଶକ୍ତି ମିଳିଥିବାବେଳେ ୨୦୨୪-୨୫ ରେ ଏହା ୪ଲକ୍ଷ ମେଗାୱାଟକୁ ଟପିଯାଇଥିଲା ଏବଂ ଚଳିତ ଆର୍ଥିକ ବର୍ଷରେ ମଇ ଶେଷ ସୁଦ୍ଧା ଅକ୍ଷୟଶକ୍ତି ଉତ୍ସରୁ ୭୩ହଜାର ମେଗାୱାଟରୁ ଅଧିକ ବିଜୁଳି ଉତ୍ପାଦିତ ହୋଇସାରିଲାଣି। (ତଥ୍ୟ)

### ଆଇଆଇସିଙ୍କ ମହାନତା

# ନିଜ ଖର୍ଚ୍ଚରେ କଲେ ଦାହସଂସ୍କାର



**କଟକ,୨୮।୭(ସଂଚାର ବ୍ୟୁରୋ):** କଟକ ଝାଞ୍ଜିରମଙ୍ଗଳା ଅଞ୍ଚଳରେ ଭଡ଼ାରେ ରହୁଥିବା ୯୦ ବର୍ଷୀୟ ଶଶିକାନ୍ତ ସାହୁ ସ୍ତ୍ରୀଙ୍କ ମୃତ୍ୟୁର ୩ ମାସ ପରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ତାଙ୍କ ମୃତଦେହ ନେବାକୁ ପ୍ରଥମେ ପୁଅ ମନା କରିଥିଲେ। ପୁଲିସ୍ ଉପସ୍ଥିତିରେ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ମୃତଦେହ ଉଦ୍ଧାର କରାଯବା ସହ ବ୍ୟବଚ୍ଛେଦ ହୋଇଥିଲା।। ପରେ ଶଶିକାନ୍ତଙ୍କ ନାତି ପହଞ୍ଚିଥିଲେ ମଧ୍ୟ ଜେଜେର ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଟଙ୍କା ନ ଥିବା ବାହାନା ଦେଖାଇ ଚାଲିଯାଇଥିଲେ। ତେଣୁ ଶଶିକାନ୍ତଙ୍କ ଦାହସଂସ୍କାର କାମ କେମିତି ହେବ, ସେନେଇ କିଛି ବି ନିଷ୍ପତ୍ତି ହୋଇପାରିନଥିଲା। ଏହି ସମୟରେ ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉଳ ମହାନତା ଦେଖାଇଥିଲେ। ସେ ଅନ୍ତିମ ସଂସ୍କାର ଦାୟିତ୍ୱ ନିଜେ ବହନ କରିଥିଲେ। ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ସେ ଶଶିକାନ୍ତଙ୍କ ଦାହ ସଂସ୍କାର କାର୍ଯ୍ୟ ସାରିଥିଲେ। ଯେଉଁଠି ନିଜ ରକ୍ତ ସମ୍ପର୍କୀୟ ଶଶିକାନ୍ତଙ୍କୁ ଭୁଲିଗଲେ, ସେଠି ଆଇଆଇସିଙ୍କ ଏପରି ମହାନ୍ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପ୍ରତିରକ୍ଷା ଶିଳ୍ପର ଗୁରୁତ୍ୱ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧରେ ଯେପରି ଭାବେ ଡ୍ରୋନ ଏବଂ ମିସାଇଲ ବ୍ୟବହାର ହେଉଛି ସେଥିରୁ ପ୍ରତିରକ୍ଷା କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କେତେ ଜରୁରୀ ତାହା ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନର ଯୁଗ ହେଲା ଟେକ୍ନୋଲୋଜିର ଯୁଗ। ଏହା ବିନା କୌଣସିକ୍ଷେତ୍ରରେ ସଫଳତା ସମ୍ଭବ ନୁହେଁ। ଏହା ପ୍ରତ୍ୟେକ କ୍ଷେତ୍ରରେ ବ୍ୟବସାୟିକ ସଫଳତାର ଏକ ମାଧ୍ୟମ। ପ୍ରତିରକ୍ଷା ଶିଳ୍ପ ମଧ୍ୟ ଏଥିରେ ସାମିଲ ରହିଛି। ଏହା ଆର୍ôଥକ ବିକାଶ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ନିକଟରେ କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହିସବୁ ଚୁକ୍ତି ଅନୁଯାୟୀ ଭାରତ ସରକାର ବିଭିନ୍ନ ରାଷ୍ଟ୍ରାୟତ ଏବଂ ଘରୋଇ ସଂସ୍ଥାଠାରୁ ପ୍ରତିରକ୍ଷା ସାମଗ୍ରୀ କିଣିବେ। ଏହା ଦ୍ୱାରା ଆମର ସେନାବାହିନୀ ଶକ୍ତିଶାଳି ହେବ, ସ୍ୱଳ୍ପ ମୂଲ୍ୟରେ ଅଧିକ ଉନ୍ନତ ମାନର ପ୍ରତିରକ୍ଷା ସାମଗ୍ରୀ ମିଳିବ ଏବଂ ତୃତୀୟରେ ସ୍ୱଦେଶୀ ସଂସ୍ଥା ଲାଭବାନ ହେବେ। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥାର ଆର୍ôଥକ ସ୍ଥିତି ସୁଦୃଢ଼ ହୋଇପାରିବ। ମୋଟ ଉପରେ ପ୍ରାୟ ୧ଲକ୍ଷ ୪୦ ହଜାର କୋଟି ଟଙ୍କାର ଚୁକ୍ତି ଏହିସବୁ ସଂସ୍ଥା ସହ ହୋଇଛି। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢ଼ୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

# ବିଶ୍ୱଗୁରୁ ଭାରତ: ପୁଣି ଶୀର୍ଷରେ ମୋଦି



**ବିକ୍ରମ କେଶରୀ ବିଶ୍ୱାଳ**

ଶହେ କୋଟି ଭାରତୀୟଙ୍କ ଭଲପାଇବା ଏବଂ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ସମ୍ମାନ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମର୍ନିଂ କନସଲ୍ଟ ଗ୍ଲୋବାଲ ଲିଡର ଆପ୍ରୁଭାଲ ଟ୍ରାକର'ରେ ପୁଣି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେ ବିଶ୍ୱର ସର୍ବଶ୍ରେଷ୍ଠ ରେଟିଂ ଏବଂ ସବୁଠାରୁ ବିଶ୍ୱସନୀୟ ନେତା ବିବେଚିତ ହୋଇଛନ୍ତି। ମୋଦିଜୀ ଜଣେ ସଶକ୍ତ ନେତା ଭାବେ ବିଶ୍ୱବାସୀଙ୍କ ସମ୍ମାନ ପ୍ରାପ୍ତ ହେବା ସହ ଭାରତର ସମ୍ମାନ ମଧ୍ୟ ବଢ଼ାଇଛନ୍ତି। କହିବାକୁଗଲେ ତାଙ୍କ ହାତରେ ଭାରତ ସୁରକ୍ଷିତ ରହିଛି। ପ୍ରଧାନମନ୍ତ୍ରୀ ମୋଦିଜୀ ପୁନର୍ବାର ମର୍ନିଂ କନସଲ୍ଟ ଗ୍ଲୋବାଲ ଲିଡର ଆପ୍ରୁଭାଲ ଟ୍ରାକରରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସମଗ୍ର ମହାଦେଶରେ ସେ ପ୍ରଶଂସିତ ହୋଇଛନ୍ତି। ତାଙ୍କର ଶକ୍ତିଶାଳୀ, ନିର୍ଣ୍ଣାୟକ ନେତୃତ୍ୱ ଭାରତର ଉତ୍ଥାନ ଓ ବିଶ୍ୱର ସମ୍ମାନକୁ ସୁନିଶ୍ଚିତ କରୁଛି। ଉଲ୍ଲେଖଯୋଗ୍ୟ ଏହା ପୂର୍ବରୁ ଗତ ଶୁକ୍ରବାର ମୋଦି ପ୍ରଧାନମନ୍ତ୍ରୀ ପଦରେ ଲଗାତର ଦୀର୍ଘଦିନ ରହିବାରେ ନୂଆ ରେକର୍ଡ଼ କରିଥିଲେ। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡ଼ ଭାଙ୍ଗିଥିଲେ। ଇନ୍ଦିରା ଲଗାତର ଭାବେ ୪୦୭୭ ଦିନ ପ୍ରଧାନମନ୍ତ୍ରୀ ରହିଥିଲେ। ମୋଦି ଏହାକୁ ପାର କରିଯାଇଛନ୍ତି।

ବିଶ୍ୱନେତାଙ୍କ ଲୋକପ୍ରିୟତା ପରଖୁଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡ଼ର ଆପ୍ରୁଭାଲ ରେଟିଙ୍ଗ' ଶନିବାର ଜାରି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁନର୍ବାର ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ବିବେଚିତ ହୋଇଛନ୍ତି। ତାଙ୍କୁ ସର୍ବାଧିକ ୭୫% ଆପ୍ରୁଭାଲ ରେଟିଂ ମିଳିଛି। ଆମେରିକାଭିତ୍ତିକ ବିଜନେସ ଇଣ୍ଟେଲିଜେନ୍ସ ସଂସ୍ଥା 'ମର୍ନିଙ୍ଗ କନସଲଟ' ଦ୍ୱାରା ଏହି ସଦ୍ୟ ରେଟିଂ ଜାରି କରାଯାଇଛି। ଏ ନେଇ ହୋଇଥିବା ସର୍ଭେରେ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କ ମତାମତ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ସର୍ବାଧିକ ୭୫% ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସବୁଠୁ ଲୋକପ୍ରିୟ ବୈଶ୍ୱିକ ଗଣତାନ୍ତ୍ରିକ ନେତା ଭାବେ ଦର୍ଶାଇଛନ୍ତି। ତାଲିକାର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ ଅଛନ୍ତି। ତାଙ୍କୁ ୫୯% ରେଟିଂ ପ୍ରଦାନ କରାଯାଇଛି। ତୃତୀୟ ସ୍ଥାନରେ ଆର୍ଜେଣ୍ଟିନାର ରାଷ୍ଟ୍ରପତି ଜାଭିୟର ମିଲେ (୫୭%) ଅଛନ୍ତି। ଚତୁର୍ଥରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି (୫୬%), ପଞ୍ଚମରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ (୫୪%), ଷଷ୍ଠରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବମ୍ (୫୩%), ସପ୍ତମରେ ସ୍ୱିସ୍ କନଫେଡେରେସନର ରାଷ୍ଟ୍ରପତି କ୍ୟାରିନ୍ କେଲର ସଟର ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୪୪% ରେଟିଂ ସହ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି। ଟାରିଫ ଯୁଦ୍ଧ ଯୋଗୁଁ ତାଙ୍କ ଲୋକପ୍ରିୟତା କମ ରହିଥିବା କୁହାଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ଶ୍ରେଷ୍ଠ ୫ଟି ସ୍ଥାନ ବି ରହିପାରି ନାହାନ୍ତି। ଚଳିତ ବର୍ଷ ଜୁଲାଇ ୪ରୁ ୧୦ ମଧ୍ୟରେ ନିଆଯାଇଥିବା ତଥ୍ୟ ଉପରେ ଏହା ସଦ୍ୟ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ ପର୍ଯ୍ୟବସତି।

ଓଡ଼ିଶାରେ ନୂତନ ସରକାର ମାତ୍ର ଶହେଦିନ କାର୍ଯ୍ୟକାଳ ଅତିକ୍ରମ କରିଯାଇଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ କ୍ଷମତାକୁ ଆସିବା ପରେ ମୋଦିଜୀ ମାତ୍ର ଶହେ ଦିନ ଭିତରେ ପ୍ରାଥମିକ ଭାବେ ଯେଉଁ କାର୍ଯ୍ୟ ଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ପୂରଣ କରିଛନ୍ତି ସେଥିମଧ୍ୟରୁ ତାଙ୍କ ସରକାରର ପ୍ରଥମ ଫୋକସ ଥିଲା ଭିତ୍ତିଭୂମିର ବିକାଶ। ମାତ୍ର ଶହେଦିନ ଭିତରେ ସଡ଼କ ଠାରୁ ବନ୍ଦର, ରେଳପଥ ଠାରୁ ବିମାନ ଭିତ୍ତିଭୂମି ଏଯାବତ ତିନିଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇଛି। ଏହାର ପରିମାଣ ୧୧.୧୧ଲକ୍ଷ କୋଟିକୁ ବଢ଼ିବା ପରେ ବ୍ୟାପକ ନିଯୁକ୍ତି ତିଆରି ହୋଇପାରିବ। ଚାଷୀଙ୍କ ପାଇଁ କିଶାନ ସମ୍ମାନ ନିଧିର



୧୭ତମ କିସ୍ତି ଜାରି କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୧୨କୋଟି ୩୩ଲକ୍ଷ ଚାଷୀଙ୍କୁ ୩ ଲକ୍ଷ କୋଟି ଟଙ୍କା ଦିଆଯାଇଛି। ସେହିଭଳି ୨୦୨୪-୨୫ ବର୍ଷ ପାଇଁ ଖରିପ ଫସଲର ଏମଏସପି ବର୍ଦ୍ଧିତ କରାଯିବା ଦ୍ୱାରା ୧୨କୋଟି ଚାଷୀଙ୍କୁ ୨ଲକ୍ଷ କୋଟି ଟଙ୍କାର ଫାଇଦା ମିଳିପାରିବ। କୋଲାଭରମ ପ୍ରକଳ୍ପ ପାଇଁ ୧୨ ହଜାର ୧୦୦ କୋଟି ଟଙ୍କା ସହ ଡିଜିଟାଲ କୃଷି ମିଶନ ସମେତ ସାତଟି ବଡ଼ ଯୋଜନା ପାଇଁ ୧୪ ହଜାର ୨୦୦ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଭାରତ ବର୍ଷ ଆଗେଇବା ପାଇଁ ଯୁବ ପିଢ଼ୀଙ୍କୁ ଆର୍ଥିକ କ୍ଷେତ୍ରରେ ମଜଭୁତ କରିବା ପାଇଁ ମୋଦିଜୀଙ୍କ ପ୍ରଥମ ଶହେ ଦିନରେ ଇଜି ଅଫ ଡୁଇଙ୍ଗ ବିଜିନେସ ଓ ଯୁବ ବର୍ଗଙ୍କ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। ଆଞ୍ଜେଲଟିକସ ହଟେଇ ଦିଆଯିବା ସହ କର୍ପୋରେଟ ଟିକସକୁ ମଧ୍ୟ କମାଯାଇଛି। ମହାକାଶ କ୍ଷେତ୍ରରେ ଷ୍ଟାଟପ୍ ପାଇଁ ୧ ହଜାର କୋଟିର ଭେଞ୍ଚର କ୍ୟାପିଟାଲର ବାରଦ ସହ ଟାୟାର-୨ ଓ ଟାୟାର-୩ ସହରରେ ଷ୍ଟାର୍ଟଅପ୍ ପ୍ରୋଗ୍ରାମକୁ ଅନୁମୋଦନ କରାଯାଇଛି। ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗଇ ଦେବା ଲାଗି ୨ଲକ୍ଷ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଯାହାଦ୍ୱାରା ଆଗାମୀ ପାଞ୍ଚ ବର୍ଷରେ ୪କୋଟି ୧୦ଲକ୍ଷ ଯୁବ ବର୍ଗ ସୁଫଳ ପାଇବେ।

ସମଗ୍ର ବିଶ୍ୱ ଦରବାରରେ ଭାରତର ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଅଖଣ୍ଡ ପ୍ରଭାବ ମଧ୍ୟ ବଢ଼ିଛି। ମୋଦିଜୀଙ୍କ ସରକାରର ବିଦେଶ ନୀତି ନୂଆ ଶିଖରରେ ପହଞ୍ଚିଛି। ଯୁଦ୍ଧଗ୍ରସ୍ତ ଋଷ ଓ ୟୁକ୍ରେନ ଗସ୍ତ କରି ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୪୧ ବର୍ଷ ପରେ ଅଷ୍ଟ୍ରିଆ ଓ ୪୫ ବର୍ଷ ପରେ ପୋଲାଣ୍ଡ ଗସ୍ତ କରି ଦ୍ୱିପାକ୍ଷିକ ସମ୍ପର୍କକୁ ବଢ଼ାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ଭାବେ ବ୍ରୁନେଇ ପରିଦର୍ଶନ କରିବା ସହ ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀରେ ଭାରତ ୧୨୦ରୁ ଅଧିକ ଦେଶକୁ ଗୋଟିଏ ଛାତ ତଳେ ଏକାଠି କରିପାରିଛି। ନୂଆ ଅପରାଧି ଆଇନ ମୋଦିଜୀଙ୍କ ସରକାରର ଏକ ସବୁଠାରୁ ବଡ଼ ଆଇନଗତ ନିଷ୍ପତ୍ତି। ସଂସଦରେ ୱାକଫ ସଂଶୋଧନ ବିଲ ଅଣାଯିବା ସହ ଜୁନ ୨୫ ତାରିଖକୁ ସମ୍ବିଧାନ ହତ୍ୟା ଦିବସ ଭାବେ ଘୋଷଣା କରାଯାଇଛି। କେବଳ ଏତିକି ନୁହେଁ ବିକାଶର ମାନଚିତ୍ରରେ ଓଡ଼ିଶା ଯଥେଷ୍ଟ ଆଗକୁ ଯାଇଛି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଓଡ଼ିଶା ଗସ୍ତ ସମୟରେ ଓଡ଼ିଶାବାସୀଙ୍କୁ ୨୮୭୧ କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେବା ପାଇଁ ଯାଉଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ବଜେଟରେ ରେକର୍ଡ଼ ଭାବେ ୧୦, ୫୮୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଯାହାକି ରେଳ ଚଳାଚଳ କରିବା ଇଲାକା ଗୁଡ଼ିକରେ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି ସହ ଓଡ଼ିଶାକୁ ପୂର୍ବୋଦୟ ବିକାଶର କେନ୍ଦ୍ର ଭାବେ ଗଢ଼ି ତୋଳିବା ସହ ଆକାଂକ୍ଷୀ ଜିଲ୍ଲା ତଥା ଆଦିବାସୀ ବହୁଳ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିପାରିବ। ଇତିମଧ୍ୟରେ ଓଡ଼ିଶାରେ ତିନୋଟି ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳ କରି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟର ସଡ଼କ ଭିତ୍ତିଭୂମି ପାଇଁ ଏନଡିଏ ସରକାରଙ୍କ ପ୍ରଥମ ଶହେ ଦିନରେ ୭୫ ହଜାର କୋଟି ଟଙ୍କାର ପ୍ରକଳ୍ପ ବିଷୟରେ ଘୋଷଣା ହେବା ସହ ଜାତୀୟ ରାଜପଥକୁ ବନ୍ଦର ସହିତ ଯୋଡ଼ିବା, ୧୫ ହଜାର କୋଟିର ଚାରଟି ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ ସହ ୨୦୨୪-୨୫ ବର୍ଷ ପାଇଁ ରାଜପଥ ମନ୍ତ୍ରଣାଳୟର ଗୋଟିଏ ନୂଆ ସେତୁ ଓ ପାଞ୍ଚଟି ସଡ଼କ ପଥ ପ୍ରକଳ୍ପ ନିର୍ମାଣ ବାବଦରେ ୮୯୨ କୋଟି ଟଙ୍କା ଖର୍ଚ୍ଚକୁ ଅନୁମୋଦନ କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାପରେ ବ୍ୟାପକ ଭାବରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗାମୀ ଦିନରେ ଓଡ଼ିଶା କେବଳ ଅର୍ଥନୈତିକ ନୁହଁ ସାମାଜିକ କ୍ଷେତ୍ରରେ ଏକ ଆଗୁଆ ରାଜ୍ୟ ଭାବେ ପରିଗଣିତ ହେବାକୁ ଯାଉଛି।

**ଯାଜପୁର ରୋଡ଼, ଯାଜପୁର, ମୋବାଇଲ୍: ୯୯୩୮୫୩୬୦୭୬**

# ମନ ସଂଯମର ଉପାୟ



**ଶ୍ରୀହରିଗୁରୁଆଶ୍ରିତ ଅତୀଶ**

କେନ୍ଦ୍ରାପଡ଼ାର ଶ୍ରୀନୃସିଂହ ଟିକିରି ମଠରେ ଶ୍ରୀନାମଚାର୍ଯ୍ୟ ବାୟା ବାବାଙ୍କୁ ଜଣେ ଶିକ୍ଷକ ପ୍ରଶ୍ନ କଲେ ବାବା ଶତ ଚେଷ୍ଟା କରି ମଧ୍ୟ ମନକୁ ଭଗବାନଙ୍କ ଠାରେ ଲଗାଇ ପାରୁନାହିଁ, ଏହାର ଉପାୟ କ'ଣ? ଶ୍ରୀ ବାବା କହିଲେ-ଏହାର ଏକମାତ୍ର ଉପାୟ ହେଉଛି ଗୁରୁଆଜ୍ଞା ପାଳନ। ଗୁରୁଆଜ୍ଞା ପାଳନ କରୁ କରୁ ଅଭ୍ୟାସରେ ପଡ଼ିଗଲେ ମନ ସ୍ୱତ ହିଁ ସଂଯତ ହୋଇଯାଏ। ପିଲା ଦୁଷ୍ଟ ହେଲେ ଆମେ କଣ କରୁ ଚାହାଳୀରେ ଅବଧାନଙ୍କ ଜିମା ଦେଉ ନୁହେଁ? ସେହିପରି ଏହି ଅବାଧ ମନକୁ ଶ୍ରୀଗୁରୁଚରଣରେ ଛାଡ଼ିଦେଲେ ସେ ଆପେ ଆପେ ସୁମନ ହୋଇଯିବ। ସେ ପୁଣି ପ୍ରଶ୍ନ କଲେ ଭଗବାନଙ୍କ ଶକ୍ତି ଆମ ଶକ୍ତିଠାରୁ କମ ବୋଲି ଜଣାଯାଉଛି। ତା ନହୋଇଥିଲେ ସେ ଆମ୍ଭ ମାନଙ୍କୁ ନିୟନ୍ତ୍ରଣ କର ପାରୁନଥାନ୍ତେ? ଶ୍ରୀ ବାବା କହିଲେ-ନା ବାବା (ସେ ନପାରିବେ ଏପରି କଥା କ'ଣ ଅଛି? ସେ ନହୋଇପାରିବ କଥାକୁ ଅନାୟାସରେ କରିପାରନ୍ତି ଏବଂ କୌଣସି କଥା କରିବାକୁ ସେ ବାଧ ନୁହଁନ୍ତି। ତେଣୁ ତାଙ୍କ ପାଖରେ ଅସମ୍ଭବ କିଛି ନାହିଁ। ସେ ଆମକୁ ନିୟନ୍ତ୍ରଣ କରି ପାରୁନାହାନ୍ତି ଏକଥା ନୁହେଁ। ଆମକୁ ନିୟନ୍ତ୍ରଣ କରିବା ଭାର ଆମ ଉପରେ ଛାଡ଼ି ଦେଇଛନ୍ତି। ସେ ପରା ମଣିଷକୁ ବିବେକ ଦେଇଛନ୍ତି। ତେଣୁ ତାଙ୍କର ପାରିବା ନପାରିବା କଥା ପୁଣି ଆସୁଛି କେଉଁଠୁ? ସେ ପରା ବାଞ୍ଛାକଳ୍ପତରୁ। ଆମେ ଯାହା ଚାହୁଁ, ସେ ତାହା ଦେଉଛନ୍ତି। ସେଥିରେ ତାଙ୍କର କ'ଣ ଦୋଷ ଅଛି? ଆମେ କି ଭଲ ଚାହୁଁଛୁ ଯେ ଭଲ ହେବ।

ଆମେ ତାଙ୍କ ପାଖରୁ ସାଂସାରିକ ସୁଖ ଓ ଲୋଭ, ପୂଜା, ପ୍ରତିଷ୍ଠା ପାଇଥାଉ ସେଇୟା। ବିଷୟା ବିଷ ବୋଲି ଜାଣି ସୁଦ୍ଧା ଆମେ ଏହି ସବୁ ଚାହିଁଥାଉ। ସେଥିରେ ଦେହ ଜଳାପୋଡ଼ା କଲେ ଦୋଷ କାହାର? ଦେଲାବାଲାର ଦୋଷ କି? ତାଙ୍କ ଉପରେ କାହିଁକି ଅଯଥା ଦୋଷାରୋପଣ କରିବା। ଏହି ପ୍ରସଙ୍ଗରେ ବାବା ଗୋଟଏ ଗପ କହିଲେ - ଉଦୁ ଉଦିଆ ଖରା ବେଳରେ ଗୋଟେ ଲୋକ ବାଟରେ ଯାଉଥିଲା ବାଟରେ ଯାଉ ଯାଉ ସେ ବହୁତ କ୍ଲାନ୍ତ ହୋଇପଡ଼ିଲା। ଭାବିଲା ଯଦି ଗଛ ଛାଇ ଟିକେ ମିଳନ୍ତା ତାହା ହେଲେ ଜୀବନ ରକ୍ଷା ହୋଇଯାନ୍ତା। ସଙ୍ଗେ ସଙ୍ଗେ ଅଦୂରରେ ବରଗଛ ଦେଖାଗଲା ବାଟୋଇଟି ଆନନ୍ଦ ମନରେ ଯାଇଁ ଗଛ ଛାଇରେ ବିଶ୍ରାମ କଲା। ସେ ବରଗଛ କଳ୍ପବଟ ଥିଲା ଯେକି ମନକାମନା ପୂର୍ଣ୍ଣ କରନ୍ତି। ସେ ଗରମରେ ଛଟପଟ ହୋଇ ଭାବିଲା ଟିକେ ଥଣ୍ଡା ପବନ ବହିଲେ ଭଲ ଲାଗନ୍ତା। ସଙ୍ଗେ ସଙ୍ଗେ ବସନ୍ତ ପବନ ବହିଲା ପୁଣି ଭାବିଲା ଭୋକ ହେଉଛି ଖାଇବାକୁ ମିଳନ୍ତା ଟିକେ ଭାବୁ ଭାବୁ ଗୋଟେ ଥାଳିରେ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଆସିଲା। ମନୁଷ୍ୟ ମନ ତେଣୁ ଖାଇସାରି ଭାବିଲା ଯଦି ଭଲ ବିଛଣା ମିଳନ୍ତା ତେବେ ସୁଖରେ ଶୁଅନ୍ତି ଭାବିବା ମାତ୍ରେ ସୁନ୍ଦର ପଲଙ୍କ ଆସିଲା ସେଥିରେ ବାଟୋଇ ଶୋଇଲା ଓ ନିର୍ଜନ ସ୍ଥାନ ଅଛି ଗୋଟେ ସୁନ୍ଦରୀ ନାରୀ ମିଳନ୍ତାନି ମୋର ସେବା କରନ୍ତା ସଙ୍ଗେ ସଙ୍ଗେ ଏକ ସୁନ୍ଦରୀ ନାରୀ କୋଉଠୁ ଥିଲା ଆସିଲା। ବାଟୋଇ ଭାବିଲା ନିକାଞ୍ଚନ ସ୍ଥାନରେ ନାରୀ ଆସିବ କେଉଁଠୁ? ନାରୀ ନୁହେଁ ପିଶାଚୀ ମତେ ମାରି ଖାଇଯିବ ସେ ଯାହା ଭାବିଲା ତାହାହେଲା ସୁନ୍ଦରୀ ପିଶାଚୀ ହୋଇ ବାଟୋଇକୁ ଖାଇଗଲା ହରିବୋଲ।

ତେଣୁ କୁହ ଦେଲାବାଲାର ଦୋଷ ରହିଲା କେଉଁଠି? ମନୁଷ୍ୟ ଏତେ ମୋହଗ୍ରସ୍ତ ଚିନ୍ତାମଣି ପାଇ ବାଲିଗରଡ଼ା ଭାବି ଖେଳୁଛି। ଗୁରୁରୂପୀ କଳ୍ପତରୁ ଆମର ଏହି ଅବସ୍ଥା ଦେଖି ନିଜେ ନିଜର ଶ୍ରୀଚରଣ ଛାୟା ଅଯାଚିତ ଭାବେ ଦେଉଛନ୍ତି। ଯେଉଁ କଳ୍ପତରୁ ମୂଳରେ ଭଗବତ ପ୍ରେମ ମହାଧନ ମାଗିବା କଥା, ସେଠି ଆମେ ମାଗିବସୁ ଧନ, ଜନ, ମାନ, ପ୍ରତିଷ୍ଠା ପ୍ରଭୃତି ଅସାର ଅକିଞ୍ôଚତକର ବସ୍ତୁ। ସଂସାର ମାରୁରେ ଘୁରି ଘୁରି ଏତେ ଦୁଃଖ ସହି ମଧ୍ୟ ଆମର ଚୈତନ୍ୟ ଆସୁନାହିଁ। ଆମଠୁଁ ବଳି ଅଭାଗା ଆଉ କିଏ ଅଛି କୁହନ୍ତୁ? ତଥାପି ସେ କରୁଣାମୟ ତାଙ୍କ ଚରଣରେ ସ୍ଥାନ ଦେବେ। ଆମ କର୍ତ୍ତବ୍ୟ ଗୁରୁଆଜ୍ଞା ଅବିଚାରରେ ପାଳନ କରିବା ଆଦେଶ ପାଳନ କରୁ କରୁ ମନ ସ୍ୱତଃ ସ୍ଥିର ହୋଇଯାଏ। ଅବଶ୍ୟ ପ୍ରଥମ ଅବସ୍ଥାରେ ସେ ଚଞ୍ଚଳତା ଛାଡ଼େ ନାହିଁ। ଅସ୍ଥିରକରେ ସେଥିରେ ବ୍ୟତିବ୍ୟସ୍ତ ହେବନାହିଁ। ଆଦେଶ ପାଳନ କରି ଚାଲ ଦେଖିବ ଶେଷରେ ମନ ସ୍ଥିର ହୋଇଯିବ ଭଗବାନଙ୍କ ପାଖରେ ବହୁତ ଆନନ୍ଦ ଲାଗିବ। ନିତାଇ ଗୌର ହରି ବୋଲ।

**ମୋବାଇଲ୍: ୬୩୭୧୫୮୦୫୨୪**



# ମାନନୀୟ, ଦୟାକରି ଧ୍ୟାନ ଦିଅନ୍ତୁ



**ଗୋପାଳ ମହାପାତ୍ର**

ଏହି ଲେଖାଟିର ପ୍ରତିଟି ଶବ୍ଦ ଦେଶର ସେଇ ସବୁ ମାନନୀୟ ସାଂସଦ ମାନଙ୍କ ଉଦେଶ୍ୟରେ ଯେଉଁ ମାନଙ୍କୁ ଭୋଟର ମାନେ ସ୍ନେହ ଓ ଭଲପାଇବା ଏବଂ ସମ୍ମାନର ସହ ନିର୍ବାଚିତ କରିଛନ୍ତି। ଏମାନେ ସଂସଦ (ଲୋକସଭା) ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି, କିନ୍ତୁ ସେମାନେ ମନେରଖିବା ଉଚିତ୍ ଯେ ଏହି ସଂସଦ ଦେଶର ସାଧାରଣ ଲୋକଙ୍କ ପାଇଁ ପବିତ୍ର ଏବଂ ସମ୍ମାନର ସ୍ଥାନ ଅଟେ। ଯେଉଁଠି ସାଧାରଣ ଲୋକଙ୍କ ସମସ୍ୟା, ସେମାନଙ୍କ ଆକାଂକ୍ଷା ଏବଂ ସେମାନଙ୍କ ସ୍ୱର୍ତ୍ଥରକ୍ଷାର ଦାୟୀତ୍ୱଥାଏ। କ'ଣ ଏହି ମହତ୍ୱପୂର୍ଣ୍ଣ ଦାୟୀତ୍ୱ ମାନନୀୟ ମାନେ ପାଳନ କରୁଛନ୍ତି? ସଂସଦର ହୋ ହାଲ୍ଲାକୁ ଦେଖିଲେ ମନରେ କେମିତି ଏକ ନକାରାତ୍ମକ ଭାବ ସୃଷ୍ଟି ହୁଏ। ସଂସଦ ଚାଲି ପାରୁନାହିଁ କାହିଁକି? ସପ୍ତ ଦଶ ଲୋକସଭାରେ ମାତ୍ର ୧୩୫୪ ଘଣ୍ଟା ସଂସଦ ଚାଲିଛି। ଏହି ସମୟରେ ଲୋକସଭାରେ ୨୨୨ ବିଧାୟକ ଗୃହୀତ ହୋଇଛି ଓ ଏହାର ମାତ୍ର ୧୬ ପ୍ରତିଶତ ସ୍ଥାୟୀ ସମିତି ପାଖକୁ ଯାଇଛି। ପ୍ରଥମ ଲୋକସଭାରେ ପ୍ରତିବର୍ଷ ୧୩୫ ଦିନ ସଂସଦ ଚାଲୁଥିଲା। ସପ୍ତଦଶ ଲୋକସଭାରେ ୫୫ ଦିନ ହିଁ ସଂସଦ ଚାଲିଛି।

ସପ୍ତଦଶ ଲୋକସଭା କେତେକ କାରଣରୁ ଚର୍ଚ୍ଚାରେ ଥିଲା। ଏହି ସମୟରେ ବିରୋଧି ଦଳର ଅନ୍ୟତମ ନେତା ରାହୁଲ ଗାନ୍ଧୀ ଓ ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରାଙ୍କ ସମେତ ୬ଜଣ ସଂସଦଙ୍କ ସଦସ୍ୟତା କେତେକ କାରଣରୁ ରଦ୍ଦ କରି ଦିଆଯାଇଥିଲା। ପରେ ମହୁଆ ମାଇତ୍ରାଙ୍କ ବ୍ୟତୀତ ଅନ୍ୟମାନେ ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ଲୋକସଭାକୁ ଫେରିଥିଲେ। ଏତିକି ନୁହେଁ ରାଜ୍ୟ ସଭା ଓ ଲୋକସଭା ଉଭୟ ସଦନର ୧୪୬ ସଦସ୍ୟଙ୍କୁ କେତେକ କାରଣରୁ ନିଲମ୍ବିତ କରାଯାଇଥିଲା। ଏ ପ୍ରସଙ୍ଗରେ ବିରୋଧିଙ୍କ ଅଭିଯୋଗ ଥିଲା ଯେ ଯାହା ଉପରେ ସଂସଦର କାର୍ଯ୍ୟ ଚଳାଇବାର ଦାୟୀତ୍ୱ ରହିଛି ସିଏ ସାଂସଦଙ୍କ ସ୍ୱରକୁ ଚପାଇ ଦେଉଛନ୍ତି।

ଏଭଳି ଘଟଣା କିଛି ନୂଆ ନୁହେଁ। ୧୯୮୫ରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେତେବେଳେ ଲୋକସଭାରେ କଂଗ୍ରେସ ସାଂସଦଙ୍କ ସଂଖ୍ୟା ଥିଲା ୪୦୪। ରାଜୀବ ଗାନ୍ଧୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ଠକ୍କର କମିଶନ ଗଠନ କରିଥିଲେ। ଠକ୍କର କମିଶନ ତଦନ୍ତ କରି କ'ଣ ରିପୋର୍ଟ ଦେଲେ ତାହା ଏଯାବତ୍ ସାର୍ବଜନୀନ କରାଯାଇ ନାହିଁ। ସେତେବେଳେ ବିରୋଧି ଦଳମାନେ ଠକ୍କର କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ସ୍ୱର ଉଠାଇଥିଲେ। ସେତେବେଳେ ଲୋକସଭାର ବାଚସ୍ପତି ଥିଲେ ବଳରାମ ଝାକର। ସେ ୬୩ ଜଣ ସାଂସଦଙ୍କୁ ନିଲମ୍ବିତ କରିଦେଇଥିଲେ। ଗଣ ମାଧମରେ ଏହାକୁ ନେଇ ଚର୍ଚ୍ଚା ହେବା ଓ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବା ପରେ ନିଲମ୍ବନକୁ ତା ପର ଦିନ ପ୍ରତ୍ୟାହାର କରି ନେଇଥିଲେ। କିନ୍ତୁ ସେତେବେଳେ କଂଗ୍ରେସର ସଂଖ୍ୟାବଳର ଦୁରୁପଯୋଗ ପ୍ରବୃତ୍ତି ଜନ୍ମ ନେଇ ସାରିଥିଲା। ଚତୁର୍ଦଶ ଏବଂ ପଞ୍ଚଦଶ ଲୋକସଭାରେ ୫୦ ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ସେ ସମୟରେ ଡ଼କ୍ଟର ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ। ଏପରି ନିଲମ୍ବନର ସଂଖ୍ୟା ଷୋଡ଼ଶ ଏବଂ ସପ୍ତଦଶ ଲୋକସଭାରେ ଆଶ୍ଚର୍ଯ୍ୟଜନକ ଭାବରେ ବଢ଼ିଥିଲା ଓ ବିଗତ ଥର ୧୫୫ ଜଣ ସଦସ୍ୟ ନିଲମ୍ବିତ ହୋଇଥିଲେ।

ଏଥିରୁ ସ୍ପଷ୍ଟ ଯେ ମାମଲା 'ୟାଙ୍କର' ବା 'ତାଙ୍କର' ନୁହେଁ। ଏକ ଅବାଂଛିତ ପରମ୍ପରା ସୃଷ୍ଟି ହୋଇଥିଲା। ମାନନୀୟ ସଦସ୍ୟ ମାନେ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବରେ ବୁଝିବା ଦରକାର କାରଣ ଏବେ ସଂସଦ ଆରମ୍ଭ ହୋଇଛି। ଏହି ଅଧିବେଶନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। କିଛି ଦିନ ପୁର୍ବେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ତାପରେ ଅପରେସନ ସିନ୍ଦୁର କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ ଆମ ଦେଶର ଲାଭ କେତେ ଏବଂ କ୍ଷତି କ'ଣ ହେଲା ସେକଥା ସାଧାରଣ ଜନତା ସଂସଦ ଏବଂ ସରକାରଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି। କାରଣ ଏହା ପକ୍ଷ ବା ବିପକ୍ଷର କଥା ନୁହେଁ ବରଂ ଦେଶର ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଅଟେ। ଏତଦ୍ ବ୍ୟତୀତ ଅନେକ ଆଭ୍ୟନ୍ତରୀଣ ପ୍ରସଙ୍ଗ ଏବଂ ଗୁରୁତ୍ୱପୁର୍ଣ୍ଣ ବିଧେୟକ ଏହି ଅଧିବେଶନରେ ଆଗତ ହେବାର ଅଛି। ଆମ ସାଂସଦ ମାନେ ଚାହିଁଲେ ଏହି ଅଧିବେଶନରେ ସମସ୍ତ ସମସ୍ୟାର ସମାଧାନ ହାସଲ କରିପାରିବେ। ଏଠାରେ ଏକ ଉଦାହରଣର ଆବଶ୍ୟକତା ରହିଛି। ୧୯୬୨ରେ ଚୀନ ଭାରତ ଉପରେ ଆକ୍ରମଣ କଲା। ସେ ସମୟରେ ଯେତେବେଳେ ଆମ ସେନା ବରଫାବୃତ୍ତ ସୀମାରେ ପର୍ଯ୍ୟପ୍ତ ସାଧନ ବିନା ଲଢ଼େଇ କରୁଥିଲେ ସେତେବେଳେ ସଂସଦରେ ବିରୋଧିଦଳର ସବୁ ବରିଷ୍ଠ ନେତାମାନେ ସରକାର ବିରୁଦ୍ଧରେ ଭିନ୍ନଭିନ୍ନ ଅଭିଯୋଗ ଆଣିଥିଲେ। ଓଜସ୍ୱୀ ନେତା ଅଟଳ ବିହାରୀ ବାଜପେୟୀ ମଧ୍ୟ ସରକାରକୁ ବିରୋଧ କରୁଥିଲେ। ବିରୋଧିଙ୍କ ଅଭିଯୋଗ ଥିଲା ଯେ ନେହେରୁ ସରକାର ତାଙ୍କ ଦାୟିତ୍ୱ ଠିକ୍ ଭାବରେ ପାଳନ କରୁନାହାଁନ୍ତି। ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ ବିରୋଧି ଦଳରେ ଥିବା କାରଣରୁ ଏମାନେ ବିରୋଧ କରୁନଥିଲେ। ଯଦି ଏମିତି ହୋଇଥାନ୍ତା ତେବେ ୧୯୭୧ରେ ସେଇ ବାଜପେୟୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରିନଥାନ୍ତେ। ସେ ସମୟରେ ଭାରତ ଏବଂ ପାକିସ୍ଥାନ ଯୁଦ୍ଧ ଏକ ନିର୍ଣ୍ଣାୟକ ଅବସ୍ଥାରେ ଥିଲା। ବାଜପେୟୀ କିନ୍ତୁ ନିର୍ବାଚିତ ସରକାରକୁ ପ୍ରଶଂସା କରିଥିଲେ।

କଂଗ୍ରେସ ମଧ୍ୟ ଏଭଳି କାର୍ଯ୍ୟରେ ପଛରେ ନଥିଲା। ୧୯୯୪ରେ ନରସିଂହରାଓ ପ୍ରଧାନମନ୍ତ୍ରୀ ଥିବା ସମୟରେ ବାଜପେୟୀଙ୍କୁ କାଶ୍ମୀର ପ୍ରସଙ୍ଗରେ ଭାରତ ସପକ୍ଷରେ କହିବା ପାଇଁ ଜାତିସଂଘର ମାନବାଧିକାର ଆୟୋଗଙ୍କ ନିକଟକୁ ପାଠାଇଥିଲେ। ନେହେରୁ ଏବଂ ବାଜପେୟୀଙ୍କ କଥା ଆଲୋଚନା ହେଲେ ମନେପଡ଼େ ଯେ ନେହେରୁ ବାଜପେୟୀଙ୍କ ଭାଷଣ ପାଇଁ ତାଙ୍କୁ ପ୍ରଶଂସା କରୁଥିଲେ ଯଦିଓ ବାଜପେୟୀ ତାଙ୍କ ଭାଷଣରେ ନେହେରୁଙ୍କର ଜବରଦସ୍ତ ଆଲୋଚନା କରୁଥିଲେ। ନେହେରୁଙ୍କ ନିଧନ ପରେ ବାଜପେୟୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଓ କହିଥିଲେ "ଏକ ସ୍ୱପ୍ନ ଭାଙ୍ଗି ଯାଇଛି, ଏକ ଗୀତ ଚୁପ ହୋଇଯାଇଛି, ଏକ ଜ୍ୟୋତି ଅନନ୍ତରେ ବିଲିନ ହୋଇ ଯାଇଛି। ବାଜପେୟୀଙ୍କ ଏଭଳି ମନ୍ତବ୍ୟ ଇତିହାସ ହୋଇ ରହିଯାଇଛି।

ଏକଥା ନୁହେଁ ଯେ ଏବେ ପୁର୍ବର ଅବସ୍ଥା ନାହିଁ। ମାନବିକତା ସମ୍ପୂର୍ଣ୍ଣ ହଜିଯାଇନାହିଁ। ବହୁ ପୁର୍ବର କଥା ନୁହେଁ ବିଗତ ବଜେଟ ଅଧିବେଶନର ଉଦାହରଣ ଦେବାକୁ ଉଚିତ୍ ମନେକରୁଛି। ସଂସଦର ଉଭୟ ସଦନରେ ଅଭୁତପୁର୍ବ ଏକଜୁଟତା ଦେଖିବାକୁ ମିଳିଥିଲା। ସେହି ଅଧିବେଶନରେ ଲୋକସଭାର ଉତ୍ପାଦକତା ୧୧୮ ପ୍ରତିଶତ ଏବଂ ରାଜ୍ୟ ସଭାର ଉତ୍ପାଦକତା ୧୧୯ ପ୍ରତିଶତ ଥିଲା। ରାଜ୍ୟସଭା ଇତିହାସ ସୃଷ୍ଟି କରିଥିଲା। ଅଧିବେଶନର ଶେଷଦିନ ଅର୍ଥାତ୍ ଅପ୍ରେଲ ୩ ତାରିଖ ଦିନ ୧୧ରୁ ଆରମ୍ଭ ହୋଇଥିବା ରାଜ୍ୟସଭାର କାର୍ଯ୍ୟ ପରବର୍ତ୍ତୀ ଦିନ ଭୋର ୪ଟା ପର୍ଯ୍ୟନ୍ତ ଚାଲିଥିଲା। ସବୁ କିଛି ସମ୍ଭବ କେବଳ ମାନସିକତା ଆବଶ୍ୟକ। କ'ଣ ଆମ ମାନନୀୟ ମାନେ ଏଭଳି ସକାରାତ୍ମକ କିର୍ତ୍ତୀମାନ ଜାରି ରଖିବା ପାଇଁ ଚାହିଁବେ? ସମୟ ଏହି ପ୍ରଶ୍ନର ଉତ୍ତର ଦେବ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ମନସାପରେ ବାରବାଙ୍କି ମନ୍ଦିରରେ ଦଳାଚକଟା ୨ ମୃତ

ବାରବାଙ୍କି,୨୮।୭: ୟୁପିର ବାରବାଙ୍କୀରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ସାୱନ ମାସର ତୃତୀୟ ସୋମବାର ଦିନ ପ୍ରାଚୀନ ଆବାସନେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ ସମୟରେ ଏକ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା, ଯାହା ଫଳରେ ଟିନ୍ ସେଡ୍ ଦେଇ ବିଦ୍ୟୁତ୍ କରେଣ୍ଟ ପ୍ରବାହିତ ହୋଇଥିଲା । କରେଣ୍ଟ ଯୋଗୁଁ ଦଳାଚକଟା ହୋଇଥିଲା ଏବଂ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ପ୍ରାୟ ୨୯ ଜଣ ଆହତ ହୋଇଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ମାଙ୍କଡ଼ମାନେ ଟିନ୍ ସେଡ୍ ଉପରେ ବିଦ୍ୟୁତ୍ ତାର ପକାଇ ଦେଇଛନ୍ତି ।

ବାରବାଙ୍କି ଜିଲ୍ଲାର ହାଇଦରଗଡ଼ ଅଞ୍ଚଳରେ ଅବସ୍ଥିତ ପ୍ରାଚୀନ ଆବାସନେଶ୍ୱର ମହାଦେବ ମନ୍ଦିରରେ ରବିବାର ରାତିରେ ଏକ ବଡ଼ ଦୁର୍ଘଟଣା ଘଟିଛି । ସାୱନ ମାସର ତୃତୀୟ ସୋମବାରରେ, ଜଳାଭିଷେକ ପାଇଁ ଏକତ୍ରିତ ହୋଇଥିବା ଭକ୍ତଙ୍କ ଏକ ବିଶାଳ ଭିଡ଼ ମଧ୍ୟରେ ରାତି ୧୨ଟା ପରେ ଜଳାଭିଷେକ ଆରମ୍ଭ ହୋଇଥିଲା । ଏହି ସମୟରେ, ପ୍ରାୟ ୨ଟା ସମୟରେ, ମନ୍ଦିର ପରିସରରେ ହଠାତ୍ କରେଣ୍ଟ ବ୍ୟାପିଗଲା, ଯାହା ଫଳରେ ଦଳାଚକଟା ସୃଷ୍ଟି ହେଲା । ମାଙ୍କଡ଼ମାନେ ଟିଣ ସେଡ୍ ଉପରେ ଡେଇଁ ପଡ଼ିବା ଯୋଗୁଁ ବିଦ୍ୟୁତ୍ ତାର ଭାଙ୍ଗିଯିବାରୁ କରେଣ୍ଟ ବ୍ୟାପିଗଲା ।

ଘଟଣା ସମୟରେ ଭକ୍ତମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଲୋକମାନେ ଚିତ୍କାର ମଧ୍ୟରେ ଏଣେତେଣେ ଦୌଡ଼ିବାକୁ ଲାଗିଲେ । ଦୁର୍ଘଟଣାରେ ଦୁଇଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ଅଛନ୍ତି । ମନ୍ଦିର ପରିସରରେ ସୁରକ୍ଷା ପାଇଁ ପୂର୍ବରୁ ପୋଲିସ ଫୋର୍ସ ଉପସ୍ଥିତ ଥିଲେ, କିନ୍ତୁ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପ୍ରବଳ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ହାଇଦରଗଡ଼ ଏବଂ ତ୍ରିବେଦୀଗଞ୍ଜ ସାମୁହିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା, ଯେତେବେଳେ କିଛି ଗୁରୁତର ଆହତଙ୍କୁ ଜିଲ୍ଲା ହସ୍ପିଟାଲ ବାରବାଙ୍କିକୁ ରେଫର କରାଯାଇଥିଲା ।

ଘଟଣାର ସୂଚନା ପାଇବା ମାତ୍ରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଶଶାଙ୍କ ତ୍ରିପାଠୀ ଏବଂ ପୋଲିସ ଅଧୀକ୍ଷକ ଅର୍ପିତ ବିଜୟବର୍ଗୀୟ ଏବଂ ଅନ୍ୟ ଉଚ୍ଚ ପଦାଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଡିଏମ୍ କହିଛନ୍ତି ଯେ କିଛି ମାଙ୍କଡ଼ ବିଦ୍ୟୁତ୍ ତାର ଉପରେ ଡେଇଁ ପଡ଼ିଥିଲେ, ଯାହା ଫଳରେ ତାର ଛିଣ୍ଡି ମନ୍ଦିର ପରିସରରେ ଥିବା ଟିନ୍ ସେଡ୍ ଉପରେ ପଡ଼ିଥିଲା । ଏହା ଯୋଗୁଁ କରେଣ୍ଟ ବ୍ୟାପିଗଲା ଏବଂ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହେଲା । ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ ଦୁର୍ଘଟଣାରେ ୨୯ ଜଣ ଆହତ ହୋଇଛନ୍ତି । ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରବାଙ୍କୀ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ରାଜେନ୍ଦ୍ର ଚୋଳଙ୍କ ସମ୍ମାନାର୍ଥେ ମୋଦି ଜାରି କଲେ ସ୍ମାରକୀ ମୁଦ୍ରା

# ତାମିଲନାଡୁରେ ହେବ ଚୋଳଙ୍କ ପ୍ରତିମୂର୍ତ୍ତି

ନୂଆଦିଲ୍ଲୀ, ୨୮।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ତାମିଲନାଡୁ ଗସ୍ତରେ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଚୋଳ ସାମ୍ରାଜ୍ୟର ମହାନ ଶାସକ ରାଜେନ୍ଦ୍ର ଚୋଳଙ୍କ ଜନ୍ମବାର୍ଷିକୀରେ ରାଜ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ତାମିଲନାଡୁର ଆରିଆଲୁର ଜିଲ୍ଲାରେ ଆୟୋଜିତ ହୋଇଥିଲା ।



ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଗଙ୍ଗେଇକୋଣ୍ଡା ଚୋଳପୁରମ ମନ୍ଦିର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ପ୍ରାର୍ଥନା ମଧ୍ୟ କରିଥିଲେ । ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ଐତିହାସିକ ମନ୍ଦିରରେ ମୁଁ ଦେଶର ୧୪୦ କୋଟି ଲୋକଙ୍କ ମଙ୍ଗଳ ଏବଂ ଦେଶର ନିରନ୍ତର ପ୍ରଗତି ପାଇଁ ପ୍ରାର୍ଥନା କରିଛି ।

ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଚୋଳ ରାଜାମାନେ ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଦକ୍ଷିଣ ପୂର୍ବ ଏସିଆ ଭଳି ଅଞ୍ଚଳ ସହିତ ସେମାନଙ୍କର କୂଟନୈତିକ ଏବଂ ବାଣିଜ୍ୟକ ସମ୍ପର୍କକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଥିଲେ । ଏହା କେବଳ ଏକ ସଂଯୋଗ ଯେ ମୁଁ ଗତକାଲି ମାଳଦ୍ୱୀପରୁ ଫେରିଥିଲି ଏବଂ ଆଜି ମୋତେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବାର ସୌଭାଗ୍ୟ ମିଳିଛି ।

ସେ ଆହୁରି କହିଥିଲେ ଯେ ଏହା ରାଜରାଜାଙ୍କ ବିଶ୍ୱାସର ଭୂମି, ଏବଂ ଇଲାଇୟାରାଜା ଏହି ବିଶ୍ୱାସର ଭୂମିରେ ଆମ ସମସ୍ତଙ୍କୁ ଶିବ ଭକ୍ତିରେ ବୁଡ଼ାଇ ଦେଇଥିଲେ, ମୁଁ କାଶୀର ଜଣେ ସାଂସଦ। ଏବଂ ଯେତେବେଳେ ମୁଁ 'ଓମ୍ ନମଃ ଶିବାୟ' ଶୁଣେ, ମୋର ହୃଦୟ ବିଦାରକ ହୋଇଯାଏ ।

ସେ କହିଛନ୍ତି ଯେ, ଚୋଳ ସାମ୍ରାଜ୍ୟର ଇତିହାସ ଏବଂ ଐତିହ୍ୟ ଭାରତର ଅପାର ସମ୍ଭାବନାର ପ୍ରମାଣ ଏବଂ ଦେଶର ପ୍ରଗତି ଦୃଷ୍ଟିକୋଣ ପାଇଁ ପ୍ରେରଣାର ଉତ୍ସ । ଏହି ଐତିହ୍ୟ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଆମର ଯାତ୍ରାକୁ ପ୍ରେରଣା ପ୍ରଦାନ କରେ। ଏହି ପ୍ରେରଣାକୁ ମନେ ରଖି, ମୁଁ ମହାନ ରାଜେନ୍ଦ୍ର ଚୋଳଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜେନ୍ଦ୍ର ଚୋଳ ଏକ ଚମତ୍କାର ଗଙ୍ଗେଇକୋଣ୍ଡା ଚୋଳପୁରମ ମନ୍ଦିର ନିର୍ମାଣ କରିଥିଲେ, ଯାହା ଏବେ ବି ସାରା ବିଶ୍ୱରେ ପ୍ରଶଂସିତ ଏକ ସ୍ଥାପତ୍ୟ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଭାବରେ ଠିଆ ହୋଇଛି । ଚୋଳ ସାମ୍ରାଜ୍ୟର ଐତିହ୍ୟ ପବିତ୍ର କାବେରୀ ନଦୀର ଭୂମିରେ ମା' ଗଙ୍ଗା ଉତ୍ସବ ପାଳନକୁ ମଧ୍ୟ ଜନ୍ମ ଦେଇଥିଲା । ଚୋଳ ସମ୍ରାଟମାନେ ଭାରତକୁ ସାଂସ୍କୃତିକ ଏକତାର ସୂତ୍ରରେ ବାନ୍ଧିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆଜି ଆମ ସରକାର ଚୋଳ ଯୁଗର ସମାନ ଦୃଷ୍ଟିକୋଣକୁ ଆଗକୁ ବଢ଼ାଉଛି । କାଶୀ-ତାମିଲ ସଙ୍ଗମମ୍ ଏବଂ ସୌରାଷ୍ଟ୍ର-ତାମିଲ ସଙ୍ଗମମ୍ ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଏହି ପୁରୁଣା ଏକତା ବନ୍ଧନକୁ ଆହୁରି ମଜବୁତ କରୁଛୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଖ୍ୟାତ ଚୋଳ ସମ୍ରାଟ ରାଜେନ୍ଦ୍ର ଚୋଳଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଚୋଳ ରାଜାଙ୍କ ସମ୍ମାନାର୍ଥେ ଏକ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଥିଲେ । ଏହା ଭାରତୀୟ ଇତିହାସ, ସ୍ଥାପତ୍ୟ ଏବଂ ସାମୁଦ୍ରିକ ଐତିହ୍ୟ ପ୍ରତି ତାଙ୍କର ଅବଦାନକୁ ପାଳନ କରିଥିଲା ।

## ଡିଜିଟାଲ ପାୟରେସୀ ପାଇଁ ସରକାରଙ୍କ ୩ ବର୍ଷ ଜେଲ ବ୍ୟବସ୍ଥା



ନୂଆଦିଲ୍ଲୀ, ୨୮।୭: ଡିଜିଟାଲ ପାୟରେସୀ ନିୟନ୍ତ୍ରିତ କରିବା ପାଇଁ କେନ୍ଦ୍ର ସରକାର ଆଇନ ସଂଶୋଧନ କରିଛନ୍ତି। ଏଣିକି ଫିଲ୍ମର ଅବୈଧ ରେକର୍ଡିଂ ଓ ପ୍ରସାରଣରେ ସାମିଲ ଲୋକଙ୍କ ନିମନ୍ତେ ୩ ବର୍ଷ ଜେଲ ଓ ଫିଲ୍ମ ନିର୍ମାଣ ବ୍ୟୟର ୫% ପ୍ରତିଶତ ପର୍ଯ୍ୟନ୍ତ କଠିନ ଜରିମନାର ବ୍ୟବସ୍ଥା କରିଛନ୍ତି। ପାୟରେସୀର ଭୟ ବିଶେଷ କରି ସଫ୍ଟୱେର, ସଙ୍ଗୀତ, ଫିଲ୍ମ ଓ ପୁସ୍ତକ ଭଳି କପି ରାଇଟ୍ ସାମଗ୍ରୀର ଅବୈଧ ଉପାୟରେ ପୁନରୁତ୍ପାଦନ, ବିତରଣ ଅଥବା ଉପଯୋଗ ଯୋଗୁ ହୋଇଥାଏ। ଏଥିରେ ସରକାର ଫିଲ୍ମ ପାୟରେସୀ ବିରୋଧରେ କଟକଣା କଡ଼ାକଡି କରିବା ପାଇଁ ୨ ବର୍ଷ ପୂର୍ବେ ସିନେମାଟୋଗ୍ରାଫ ଅଧିନିୟମ ବଦଳାଇଥିଲେ। ସୂଚନା ଓ ପ୍ରସାରଣ ରାଜ୍ୟମନ୍ତ୍ରୀ ଏଲ.ମୁରୁଗନ ସଂସଦକୁ କହିଛନ୍ତି ଯେ ଏହି ସଂଶୋଧନରେ ସର୍ବନିମ୍ନ ୩ ମାସ ଜେଲ ଓ ୩ ଲକ୍ଷ ଟଙ୍କାର ଜରିମନାର କଡ଼ା ପ୍ରାବଧାନ ରହିଛି। ତେବେ ନୂଆ ସଂଶୋଧନରେ ୩ ମାସର ଦଣ୍ଡକୁ ୩ ବର୍ଷ ଓ ଏଡିଟ କରାଯାଇଥିବା ରେକର୍ଡ ଭିଡିଓ ମୂଳ ଫିଲ୍ମ ନିର୍ମାଣରେ ୫% ପର୍ଯ୍ୟନ୍ତ ଜରିମନା କରାଯାଇ ପାରେ।



## ଡଙ୍ଗା ଓଲଟି ୨୫ ଜଣଙ୍କ ମୃତ୍ୟୁ

ନାଇଜେରିଆ, ୨୮।୭: ଆଫ୍ରିକୀୟ ଦେଶ ନାଇଜେରିଆରୁ ଏକ ବଡ଼ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ଉତ୍ତର-ମଧ୍ୟ ନାଇଜେରିଆରେ ଏକ ଡଙ୍ଗା ବୁଡ଼ିଯିବା ଯୋଗୁଁ ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହେବାର ଆଶଙ୍କା କରାଯାଉଛି । ରବିବାର ଦିନ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ଡଙ୍ଗା ବୁଡ଼ିବା ଯୋଗୁଁ ଘଟିଥିବା ଏହି ଦୁର୍ଘଟଣାରେ ଅତି କମରେ ୨୫ ଜଣଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଛି ବୋଲି ଅଧିକାରୀମାନେ କହିଛନ୍ତି। ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ନାଇଜେରିଆରେ ଏହି ଦୁଃଖଦ ଦୁର୍ଘଟଣା ଶନିବାର ଦିନ ନାଇଜର ରାଜ୍ୟର ଶିରୋରୋ ଅଞ୍ଚଳର ଗୁମୁ ଗାଁ ନିକଟରେ ଘଟିଥିଲା । କୁହାଯାଉଛି ଯେ ଏକ ବଜାରକୁ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଅତି କମରେ ୨୫ ଜଣଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି ।



ସିଟି ଅଫ୍ ବାଥ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭାସୀ ଓଡ଼ିଶା ସୁସ୍ମିତା ଓ ଆଶିଷ ରାଜହଂସ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲଣ୍ଡନ ଗସ୍ତ ଅବସରରେ ଭେଟି ପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

## ସାରା ବିଶ୍ୱ ପାଇଁ ଲାଭଦାୟକ ହେବ ନିସାର: ଇସ୍ରୋ ମୁଖ୍ୟ



ଚେନ୍ନାଇ,୨୮।୭: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଓ ଆମେରିକୀୟ ସ୍ପେଶ ଏଜେନ୍ସି (ନାସା)ର ମିଳିତ ଅପରେସନ ଦ୍ୱାରା ଗତ ଜୁନ୍ ୩୦ ତାରିଖରେ ଲଞ୍ଚ ହୋଇଥିବା ଶକ୍ତିଶାଳୀ ସାଟେଲାଇଟ୍ ନିସାର ଉପରେ ଇସ୍ରୋ ମୁଖ୍ୟ ଭି. ନାରାୟଣନ ପ୍ରତିକ୍ରିୟା ରଖିଛନ୍ତି । ଏହି ସାଟେଲାଇଟ୍ ଭାରତ, ଆମେରିକା ଓ ସାରା ବିଶ୍ୱ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ନିସାର ପଠାଉଥିବା ତଥ୍ୟ ଦ୍ୱାରା ସାରା ବିଶ୍ୱରେ ପ୍ରାକୃତିକ ସମ୍ପଦର ଉନ୍ନତ ପରିଚାଳନା ସହିତ ଭବିଷ୍ୟତରେ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଜଣାପଡ଼ିବ ବୋଲି ସେ କହିଛନ୍ତି । ଏହାକୁ ଇସ୍ରୋର GSLV-S16 ରକେଟ୍ ସାହାଯ୍ୟରେ ଶ୍ରୀହରିକୋଟା ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଲଞ୍ଚ କରାଯାଇଥିଲା । ୨୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ ନିସାର ସାଟେଲାଇଟ୍ ହେଉଛି ଏକ ଅନନ୍ୟ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମ ଥର ପାଇଁ ଇସ୍ରୋର ସଂଶୋଧିତ ୧୩ ହଜାର ସାଟେଲାଇଟ୍ ବସ୍ ସହିତ ସଂଯୁକ୍ତ । ଏହା ନାସାର ୧୨ ମିଟର ଅନଫର୍ଲେବଲ୍ ମେଶ୍ ରିଫ୍ଲେକ୍ଟର ଆଣ୍ଟେନା ବ୍ୟବହାର କରି ଏକ ଡୁଆଲ୍-ଫ୍ରିକ୍ୱେନ୍ସି ସିନ୍ଥେଟିକ୍ ଆପର୍ଚର ରାଡାର (ନାସାର ଏଲ୍-ବ୍ୟାଣ୍ଡ ଏବଂ ଇସ୍ରୋର ଏସ୍-ବ୍ୟାଣ୍ଡ) ସହିତ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ ବୋଲି ରବିବାର ରାତିରେ ଚେନ୍ନାଇ ଏୟାରପୋର୍ଟରେ ସାମ୍ବାଦିକଙ୍କ ସହିତ କଥାବାର୍ତ୍ତା କରି ଇସ୍ରୋ ମୁଖ୍ୟ ପ୍ରତିକ୍ରିୟା ରଖିଛନ୍ତି । ମହାକାଶ ଏଜେନ୍ସି ଅନୁଯାୟୀ, ଏହା ପ୍ରଥମ ଥର ପାଇଁ ସ୍ୱିପ୍ ଏସ୍ଏଆର୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ୨୪୨ କିଲୋମିଟର ଏବଂ ଉଚ୍ଚ ସ୍ଥାନିକ ରିଜୋଲ୍ୟୁସନ ସହିତ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ । ଏହାକୁ ପୃଥିବୀଠାରୁ ୭୪୦ କିଲୋମିଟର ଦୂରକୁ ପଠାଯାଇଛି । ଏହା ୨୪ ଘଣ୍ଟା ସମସ୍ତ ପାଣିପାଗରେ ପୃଥିବୀର ଫଟୋ ନେବାରେ ସକ୍ଷମ। ଏହା ସାଟେଲାଇଟ୍‌ଟି ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ମଧ୍ୟ ପୂର୍ବାନୁମାନ ପ୍ରଦାନ କରିବ ଓ ପାଣିପାଗ ପରିବର୍ତ୍ତନକୁ ମନିଟର୍ କରିବ । ଏପରିକି କୌଣସି ସ୍ଥାନରେ ସାମାନ୍ୟ ଗତିବିଧି, ଯେପରିକି ଟିକେ ମାଟି ଖସିଲେ ମଧ୍ୟ ତାହା ଜାଣିପାରିବ ଏହି ସାଟେଲାଇଟ୍ ।ଏହି ଉପଗ୍ରହଟି ସମଗ୍ର ବିଶ୍ୱକୁ ସ୍କାନ କରିବ ଏବଂ ୧୨ ଦିନ ବ୍ୟବଧାନରେ ସମସ୍ତ ପାଣିପାଗ, ଦିନ ଏବଂ ରାତିର ତଥ୍ୟ ପ୍ରଦାନ କରିବ । ଏହି ଉପଗ୍ରହଟି ମେଘମାଳା ଦ୍ୱାରା ବାଧାପ୍ରାପ୍ତ ନ ହୋଇ ବିଭିନ୍ନ ପ୍ରକାରର ପ୍ରୟୋଗକୁ ସକ୍ଷମ କରିବ ।

## ସର୍ଜରୀର ଲାଇଭ ଟେଲିକାଷ୍ଟ ଉପରେ ଏନଏମସିର କଡ଼ା ଗାଇଡଲାଇନ୍

ନୂଆଦିଲ୍ଲୀ,୨୮।୭: ନ୍ୟାସନାଲ ମେଡିକାଲ କମିଶନ (ଏନ୍ଏମ୍ସି) ନିର୍ଦ୍ଦେଶ ଦେଇଛନ୍ତି ଯେ ସର୍ଜରୀର ଲାଇଭ୍ ଷ୍ଟ୍ରିମିଂକୁ ସର୍ଜନ, ହସ୍ପିଟାଲ କିମ୍ବା ଉତ୍ପାଦ ବ୍ରାଣ୍ଡର ପ୍ରଚାର ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ। ଏହା କରିବା ପୂର୍ବରୁ ରୋଗୀଙ୍କ ସମ୍ମତି ନିଆଯିବା ଆବଶ୍ୟକ।ଏନ୍ଏମ୍ସି ସର୍ଜରୀର ଲାଇଭ୍ ଷ୍ଟ୍ରିମିଂକୁ ନିୟନ୍ତ୍ରଣ କରିବା ପାଇଁ ଏହି ସପ୍ତାହରେ ବିସ୍ତୃତ ଗାଇଡଲାଇନ୍ ଜାରି କରିଛି। ଏହା ଅନୁଯାୟୀ, ସର୍ଜରୀ ସମୟରେ ବ୍ୟବହୃତ ଉପକରଣରେ ସର୍ଜନମାନଙ୍କର କୌଣସି ଆର୍ଥିକ କିମ୍ବା ବାଣିଜ୍ୟିକ ସ୍ୱାର୍ଥ ରହିବା ଉଚିତ୍ ନୁହେଁ।ଗାଇଡଲାଇନ୍ ଅନୁସାରେ, 'ଲାଇଭ୍ ଷ୍ଟ୍ରିମିଂର ଉଦ୍ଦେଶ୍ୟ କେବଳ ଶିକ୍ଷାଗତ ହେବା ଉଚିତ ଏବଂ ବାଣିଜ୍ୟିକ ଲାଭ କିମ୍ବା ପ୍ରୋତ୍ସାହନ ପାଇଁ ନୁହେଁ। ସର୍ଜନମାନେ ଶଲ୍ୟଚିକିତ୍ସା କୌଶଳ ଏବଂ ରୋଗୀ ଯତ୍ନ ଉପରେ ଧ୍ୟାନ ଦେବା ଉଚିତ। ଏଥିରେ ରେଖାଙ୍କିତ କରାଯାଇଛି ଯେ, ଲାଇଭ୍ ଷ୍ଟ୍ରିମିଂ ସହିତ ଜଡିତ ଜଟିଳତା ଏବଂ ବିପଦଗୁଡ଼ିକୁ କଠୋର ନିୟମ ଏବଂ ବୀମା କଭରେଜ୍ ମାଧ୍ୟମରେ ସମାଧାନ କରାଯିବା ଉଚିତ। ଏନ୍ଏମ୍ସି କହିଛି ,ଯଦିଓ ଶଲ୍ୟଚିକିତ୍ସାର ଲାଇଭ୍ ଷ୍ଟ୍ରିମିଂ ଶିକ୍ଷଣୀୟ ହୋଇପାରେ, ଏହା ଇଣ୍ଟରାକ୍ଟିଭ୍ କିମ୍ବା ବ୍ୟବହାରିକ ତାଲିମ ଭଳି ଗଭୀର ଶିକ୍ଷା ପ୍ରଦାନ କରିପାରିବ ନାହିଁ।



# ବନ୍ୟାରେ ଭାସିଆସିଥିବା ଝିଅକୁ କୋଳେଇନେଲେ ସରକାର

## ଦେଲେ 'ରାଜ୍ୟର ସନ୍ତାନ' ଟ୍ୟାଗ୍



ନୂଆଦିଲ୍ଲୀ, ୨୮।୭: ସରକାରଙ୍କ ଝିଅ ହେଲେ ନୀତିକା । ବନ୍ୟାରେ ଭାସିଆସିଥିବା ଶିଶୁକୁ ଝିଅ କଲେ ରାଜ୍ୟ ସରକାର । କହିଲେ ଏ ଝିଅ ଏବେଠୁ ରାଜ୍ୟର ଝିଅ । ହିମାଚଳ ସରକାର ଝିଅକୁ ଦେଲେ 'ରାଜ୍ୟର ସନ୍ତାନ' ଟ୍ୟାଗ୍ । ଦର୍ଶକବନ୍ଧୁ ସମ୍ପୂର୍ଣ୍ଣ ଘଟଣା ଜାଣିଲେ ଆପଣଙ୍କ ଆଖିରେ ଲୁହ ଭରିଯିବ । ଆକସ୍ମିକ ବନ୍ୟାରେ ପରିବାରକୁ ହରାଇଥିଲା ଏ ନିଷ୍ପାପ ନିରୀହ ଶିଶୁକନ୍ୟା । ଏବେ ସମଗ୍ର ରାଜ୍ୟର ସେ ଝିଅ । ଘଟଣାଟି ହେଉଛି ହିମାଚଳପ୍ରଦେଶର, ବନ୍ୟାରେ ଭାସିଯାଇଛନ୍ତି ପରିବାର । ବାପା ମା' ଛେଉଣ୍ଡ ହୋଇଯାଇଛି ଏହି କୁନିଝିଅ । ବାପା ମା' ଓ ଜେଜେ ମା'ଙ୍କ ମୃତ୍ୟୁ ପରେ ଏବେ ସମ୍ପୂର୍ଣ୍ଣ ଏକା ହୋଇଯାଇଥିବା କୁନି ଝିଅକୁ 'ରାଜ୍ୟର ସନ୍ତାନ' ଘୋଷଣା କରିଛନ୍ତି ସରକାର । ହିମାଚଳର ମଣ୍ଡିରେ ଆକସ୍ମିକ ବନ୍ୟା ବହିଯାଇ ଗୋଟିଏ ପରିବାର ଉଜାଡି ଦେଲା । ଆଉ ବାପା ମା' ସ୍ନେହରୁ ବଞ୍ଚିତ ହୋଇଗଲା ଝିଅ । କଥାରେ ପରା ଅଛି ଯାହାର କେହି ନାହାନ୍ତି ତାକୁ ଭଗବାନ ହୁଅନ୍ତି ସାହା । ହଁ ଆଜ୍ଞା ପରିବାରର ସମସ୍ତେ ମୃତ୍ୟୁବରଣ କରିବା ପରେ ଏବେ ସମଗ୍ର ରାଜ୍ୟର ଝିଅ ପାଲଟିଛି ଏହି କୁନି ଝିଅ । ଶିଶୁଟିର ନାମ ହୋଇଛି ନୀତିକା । ୧୦ମାସର ନୀତିକା ଏଦୁନିଆ ବିଷୟରେ ଜାଣିବା ପୂର୍ବରୁ ତା'ର ମାର୍ଗଦର୍ଶକଙ୍କୁ ହରାଇଛି। ଏହାକୁ ଦେଖି ନୀତିକାଙ୍କୁ "ରାଜ୍ୟର ସନ୍ତାନ" ଘୋଷଣା କରାଯାଇଛି । ସରକାର ତାଙ୍କ ଶିକ୍ଷା ଏବଂ ଲାଳନପାଳନକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ମୁତାବକ, ଜୁନ୍ ୩୦ ଏବଂ ଜୁଲାଇ ୧ ମଧ୍ୟରାତ୍ରିରେ ତଲୱାରା ଗାଁରେ ଆକସ୍ମିକ ବନ୍ୟା ଆସିବା ପରେ ନୀତିକା ତାଙ୍କ ବାପାମା ଏବଂ ଜେଜେମାଙ୍କୁ ହରାଇଥିଲେ। ତାଙ୍କ ବାପା ୩୧ ବର୍ଷୀୟ ରମେଶଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ୨୪ ବର୍ଷୀୟ ରାଧା ଦେବୀ ଏବଂ ଜେଜେମା ୫୯ ବର୍ଷୀୟ ପୂର୍ଣ୍ଣୁ ଦେବୀ ଏବେ ବି ନିଖୋଜ ଅଛନ୍ତି। ଘରେ ପ୍ରବେଶ କରୁଥିବା ପାଣିର ପ୍ରବାହକୁ ରୋକିବା ପାଇଁ ରମେଶ ଘର ବାହାରକୁ ବାହାରି ଆସିଥିଲେ। ତାଙ୍କ ପଛେ ପଛେ ତାଙ୍କ ସ୍ତ୍ରୀ ଏବଂ ମା' ସାହାଯ୍ୟ କରିବାକୁ ଘରୁ ବାହାରିଥିଲେ ବି ଆଉ ଫେରି ନଥିଲେ । ଏହି ଘଟଣା ପରେ ହିମାଚଳ ପ୍ରଦେଶ ସରକାରଙ୍କ ମୁଖ୍ୟମନ୍ତ୍ରୀ ସୁଖ-ଆଶ୍ରୟ ଯୋଜନା ଅଧୀନରେ ନୀତିକାଙ୍କୁ "ରାଜ୍ୟର ସନ୍ତାନ" ଘୋଷଣା କରାଯାଇଛି। ରାଜସ୍ୱ ମନ୍ତ୍ରୀ ଜଗତ୍ ସିଂହ ନେଗି କହିଛନ୍ତି, "ରାଜ୍ୟ ସରକାର ଏକ ଦୀର୍ଘକାଳୀନ ଯୋଜନାର ଅଂଶ ଭାବରେ ଛୋଟ ଝିଅଟିର ଲାଳନପାଳନ, ଶିକ୍ଷା ଏବଂ ଭବିଷ୍ୟତର ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ । ଏହି ଝିଅଟି ଭବିଷ୍ୟତରେ ଯାହା ହେବାକୁ ଚାହିଁବ; ଡାକ୍ତର, ଇଞ୍ଜିନିୟର କିମ୍ବା ଅଧିକାରୀ, ସରକାର ସମସ୍ତ ଖର୍ଚ୍ଚ ବହନ କରିବ । ୨୦୨୩ ମସିହାରେ ଆରମ୍ଭ ହୋଇଥିବା ସୁଖ-ଆଶ୍ରୟ ଯୋଜନା ଅଧୀନରେ ଅନାଥ ପିଲାମାନଙ୍କୁ ଅନେକ ସୁବିଧା ପ୍ରଦାନ କରାଯାଉଛି, ଯେଉଁଥିରେ ୧୮ ରୁ ୨୭ ବର୍ଷ ବୟସର ଅବିବାହିତ ଅନାଥ ପିଲାମାନଙ୍କୁ ଖାଦ୍ୟ, ବାସସ୍ଥାନ, ପୋଷାକ, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ପ୍ରଦାନ କରିବା ଅନ୍ତର୍ଭୁକ୍ତ । ବର୍ତ୍ତମାନ, ଝିଅଟି ତାଲୱାରା ଗାଁରୁ ପ୍ରାୟ ୨୦ କିଲୋମିଟର ଦୂର ଶିକୌରୀ ଗାଁରେ ତାଙ୍କ ପିଉସୀ କିର୍ଣ୍ଣା ଦେବୀଙ୍କ ସହିତ ରହୁଛି, ଯିଏକି ସମ୍ପର୍କରେ ମୃତ ରମେଶଙ୍କ ସାନ ଭଉଣୀ ହେବେ ।

# ମନ୍ଦିରରେ ୩୦ ବର୍ଷର ବର୍ବରତା

ବେଙ୍ଗାଲୁରୁ,୨୮।୭: ଜୁଲାଇ ୧୧ରେ କର୍ନାଟକର ଧର୍ମଶାଳା ସହରସ୍ଥିତ ବେଲଥାଙ୍ଗଡ଼ି କୋର୍ଟରେ ହାଜର କରାଯିବାବେଳେ ହ୍ୱିସିଲବ୍ଲୋୟରଙ୍କ ମୁହଁ କଳା ହୁଡ୍‌ରେ ଢଙ୍କାଯାଇଥାଏ। ତାଙ୍କ ହାତରେ ଥାଏ କେତୋଟି କଙ୍କାଳର ଅବଶେଷ, ଯାହାକୁ ସେ ବଳାତ୍କାର ପୀଡ଼ିତାଙ୍କୁ ପୋତାଯାଇଥିବା ଏକ ଗଣସମାଧିରୁ ଆଣିଥିବା ଦାବି କରିଥିଲେ। ବ୍ୟକ୍ତି ଜଣକ ନିଜକୁ ୮୦୦ ବର୍ଷ ପୁରୁଣା ଉକ୍ତ ମନ୍ଦିରର ଜଣେ ପୂର୍ବତନ ସଫେଇ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏପରି କି ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଲେଖିଥିଲେ, ୨୦୧୪ରେ ନିଜ ପରିବାର ସହ ଲୁଚି ପଳାଇବା ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ସେଠାରେ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ। ନଦୀ କୂଳରେ ଥିବା ଧର୍ମଶାଳା ହିନ୍ଦୁମାନଙ୍କ ଏକ ବଡ଼ ତୀର୍ଥସ୍ଥାନ। ଏହି ମଧ୍ୟଯୁଗୀୟ





ଶ୍ରୀମଞ୍ଜୁନାଥ ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି। ମନ୍ଦିରଟି ଏକ ପରିବାର ଦ୍ୱାରା ପରିଚାଳିତ। ଏହା ପ୍ରତିବର୍ଷ ଉକ୍ତ ଛୋଟ ସହରକୁ ଅନେକ ଲକ୍ଷ ଭକ୍ତଙ୍କୁ ଟାଣିଆଣିଥାଏ। ହ୍ୱିସିଲବ୍ଲୋୟର ଜଣକ କହିଛନ୍ତି, ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ସେହି ମନ୍ଦିରରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କ ଚାକିରି ନିୟମିତ କରାଯିବା ପରେ ଅତ୍ୟନ୍ତ ଜଘନ୍ୟ ଅପରାଧଗୁଡ଼ିକର ପ୍ରମାଣ ଲୁଚାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ତେବେ ଜଣେ ଝିଅଙ୍କୁ ବଳାତ୍କାର କରାଯିବା ପରେ ୨୦୧୪ ଡିସେମ୍ବରରେ ସେ ମାନସିକ ନିର୍ଯାତନା ସହି ନ ପାରି ସେଠାରୁ ଲୁଚି ପଳାଇବାକୁ ବାଧ୍ୟ ହୋଇଥିଲେ। ଏକ ପଡ଼ୋଶୀ ରାଜ୍ୟରେ ହ୍ୱିସିଲବ୍ଲୋୟର ଓ ତାଙ୍କ ପରିବାର ଆମତ୍ମୋପନ କରିଥିଲେ। ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ। ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା। ମହିଳାଙ୍କ ଭଳି ତୁମ ଶରୀରକୁ ଖଣ୍ଡ ଖଣ୍ଡ କରି ହାଣିବୁ ଓ ତୁମ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ସେତେବେଳେ ଧମକ ଦିଆଯାଇଥିଲା। ଏକ ଘଟଣା। ଧର୍ମଶାଳାରୁ ୩୦ କି.ମି. ଦୂର ଏକ ସ୍ଥାନକୁ ତାଙ୍କୁ ପଠାଯାଇଥିଲା। ସେଠାରେ ୧୨ରୁ ୧୫ ବର୍ଷୀୟା ଜଣେ ଝିଅଙ୍କ ମୃତଦେହ ପୋତିବାକୁ ତାଙ୍କୁ କୁହାଯାଇଥିଲା। ଝିଅ ନିଜ ସ୍କୁଲ ବ୍ୟାଗ୍ ଧରିଥିବାବେଳେ ୟୁନିଫର୍ମ ପିନ୍ଧିଥିଲେ। କିନ୍ତୁ ତଳଭାଗରେ ବସ୍ତ୍ର ନ ଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା କ୍ଷତଚିହ୍ନରୁ ସ୍ପଷ୍ଟ ବାରି ହୋଇଯାଉଥିଲା। ଗଳା ଚିପି ହତ୍ୟା କରାଯାଇଥିବା ଚିହ୍ନରୁ ଜାଣି ହେଉଥିଲା। ତାକୁ ନେଇ ସେ ବିଚଳିତ ହୋଇପଡ଼ିଥିଲେ। ବର୍ବରତା ଓ ହତ୍ୟାକୁ ନେଇ ସ୍ମୃତିର ବୋଝକୁ ଆଉ ସହିପାରିବେ ନାହିଁ ବୋଲି ହ୍ୱିଶିଲବ୍ଲୋୟର କହିଛନ୍ତି। ଓକିଲ କେଭି ଧନଞ୍ଜୟ କହିଛନ୍ତି, ଏହା ଏକ ଅଭୂତପୂର୍ବ ମାମଲା, ଯେଉଁଠି ସାକ୍ଷୀମାନେ କେବଳ ତାଙ୍କ ମହକିଲଙ୍କ ସପକ୍ଷରେ ଆଗେଇ ଆସିନାହାନ୍ତି, ବରଂ ଉତ୍ତରଦାୟିତ୍ୱ ସ୍ଥିର ପାଇଁ ସେମାନେ ମଧ୍ୟ ଅନେକ ପ୍ରମାଣ ସାମ୍ନାକୁ ଆଣିଛନ୍ତି। ଆଇନକୁ ଡରି ନୁହେଁ, ବରଂ ନିଜ ବିବେକ ଓ ନୈତିକତା ଦୃଷ୍ଟିରୁ ସାମ୍ନାକୁ ଆସିଛନ୍ତି। ଜୁଲାଇ ୨୦ରେ ମନ୍ଦିର କର୍ତ୍ତୃପକ୍ଷ ଜାରି କରିଥିବା ବିବୃତିରେ କହିଛନ୍ତି, ସେମାନେ ଏକ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତକୁ ସମର୍ଥନ କରୁଛନ୍ତି। ଏସ୍ଆଇଟି ନିରପେକ୍ଷ ତଦନ୍ତ କରିବ ବୋଲି ଆଶାବାଦୀ ଥିବା ଶ୍ରୀକ୍ଷେତ୍ର ଧର୍ମଶାଳା ମୁଖପାତ୍ର କେ. ପାର୍ଶ୍ୱନାଥ ଜୈନ କହିଛନ୍ତି। କର୍ନାଟକ ମହିଳା କମିଶନ ମୁଖ୍ୟ ନାଗଲକ୍ଷ୍ମୀ ଚୌଧରୀ ତଦନ୍ତ ପାଇଁ ଏସ୍ଆଇଟି ଗଠନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି।

# ମୁମ୍ବାଇରେ ଟେପଓ୍ୱାର୍ମ ବିପଦ

## ସଂକ୍ରମିତ ହେଲେ ବ୍ରେନ ହାମରେଜ

ମୁମ୍ବାଇ,୨୮।୭:ମୁମ୍ବାଇକୁ ଘାରିଲା ଫିତାକୃମି ବା ଟେପଓ୍ୱାର୍ମ ବିପଦ । ଟେପଓ୍ୱାର୍ମ ସଂକ୍ରମଣ ଯୋଗୁଁ ବ୍ରେନ ହାମରେଜ ଆଶଙ୍କା ରହିଛି । ସଂକ୍ରମିତ ପାଣି କିମ୍ବା ଖାଦ୍ୟ ମାଧ୍ୟମରେ ଟେପଓ୍ୱାର୍ମର ଲାର୍ଭା ବା ଅଣ୍ଡା ପେଟକୁ ଯିବା ଦ୍ୱାରା ଏହି ସଂକ୍ରମଣ ବ୍ୟାପୁଥିବା ଡାକ୍ତରମାନେ ଚେତାବନୀ ଦେଇଛନ୍ତି । ବର୍ଷାଦିନେ ଖାଦ୍ୟ ପରିଚ୍ଛନ୍ନତା ଅବଲମ୍ବନ ନକରିବା, ଭଲ ଭାବେ ରନ୍ଧା ହୋଇନଥିବା ଖାଦ୍ୟ ଖାଇବା ଏବଂ ପନିପରିବା ଭଲ ଭାବେ ନଧୋଇବା ଯୋଗୁଁ ସଂକ୍ରମଣ ବ୍ୟାପୁଥିବାରୁ ଏଥିପ୍ରତି ସଚେତନ ହେବାକୁ କୁହାଯିବା ସହ ରାସ୍ତାକଡରେ ବିକ୍ରି ହେଉଥିବା ଖାଦ୍ୟ ନଖାଇବାକୁ ପରାମର୍ଶ ଦିଆଯାଇଛି । ମୁମ୍ବାଇରେ ବଢିଚାଲିଛି ଟେପଓ୍ୱାର୍ମ ବା ଫିତାକୃମି ସଂକ୍ରମଣ । ବର୍ଷାଋତୁରେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ଫିତାକୃମି ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ସଂକ୍ରମିତ ପାଣି କିମ୍ବା ଖାଦ୍ୟ ମାଧ୍ୟମରେ ଟେପଓ୍ୱାର୍ମର ଲାର୍ଭା ବା ଅଣ୍ଡା ପେଟ ଭିତରକୁ ଯିବା ଦ୍ୱାରା ମସ୍ତିଷ୍କରେ 'ନ୍ୟୁରୋସିଷ୍ଟିସରକୋସିସ୍' ରୋଗ ସୃଷ୍ଟି ହୋଇଥାଏ । ଫିତାକୃମିର ଲାର୍ଭା ମସ୍ତିଷ୍କ ଓ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ ସିଷ୍ଟ ସୃଷ୍ଟି କରିଥାଏ । ଏଥିରେ ସଂକ୍ରମିତଙ୍କ ମୃତ୍ୟୁ ହେବାର ଆଶଙ୍କା ଥିବାରୁ ଡାକ୍ତରମାନେ ଏଥିପାଇଁ ସତର୍କତା ଅବଲମ୍ବନ କରିବା ସହ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ସାଧାରଣତଃ ଟେପଓ୍ୱର୍ମ ସଂକ୍ରମଣ ଟାଏନିଆସିସ ଜୀବନ ପ୍ରତି ବିପଦ ସୃଷ୍ଟି କରିନଥାଏ । ତେବେ ନ୍ୟୁରୋସିଷ୍ଟିସରକୋସିସ୍ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏଥିରୁ ରକ୍ଷା ପାଇବାକୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି।



ଭଲ ଭାବେ ରନ୍ଧା ହୋଇନଥିବା ଖାଦ୍ୟ ବିଶେଷ କରି ମାଂସ, ଅପରିଷ୍କାର ଶାଗ ଓ ପନିପରିବାରେ ଫିତାକୃମି ବା ଟେପଓ୍ୱାର୍ମ ସୃଷ୍ଟି ହେବାର ଆଶଙ୍କା ଥାଏ । ଟେପଓ୍ୱାର୍ମଗୁଡିକ ପରଜୀବୀ ହୋଇଥିବାରୁ ସେମାନେ ମସ୍ତିଷ୍କରେ ସିଷ୍ଟ ସୃଷ୍ଟି କରିଥାନ୍ତି। ଚେତା ହରାଇବା, ତୀବ୍ର ମୁଣ୍ଡବ୍ୟଥା, ଦୃଷ୍ଟି ସମସ୍ୟା, ମାନସିକ ଭାରସାମ୍ୟ ହରାଇବା ଆଦି ନ୍ୟୁରୋସିଷ୍ଟିସରକୋସିସ ରୋଗର ଲକ୍ଷଣ । ତେବେ ସଂକ୍ରମଣ ଅଧିକ ହେଲେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବା ସହ ଅନ୍ତନଳୀରେ ବ୍ଲକେଜ ସୃଷ୍ଟି ହୋଇଥାଏ । ମସ୍ତିଷ୍କ ଫୁଲିଯିବା ସହ ପାଣି ଜମି ଯାଇଥାଏ। ତେବେ କିଛି ସଂକ୍ରମିତଙ୍କ କ୍ଷେତ୍ରରେ କୌଣସି ଲକ୍ଷଣ ଦେଖା ଦେଇନଥାଏ । ଏଥିରୁ ରକ୍ଷା ପାଇବାରୁ ମାଂସକୁ ଭଲ ଭାବେ ରାନ୍ଧି ଖାଇବା ସହ ଶାଗ, ପନିପରିବା ଓ ଫଳମୂଳକୁ ଭଲଭାବେ ଧୋଇ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି । ବିଶେଷ କରି ଶାଗ ଏବଂ ବନ୍ଧାକୋବିକୁ ଭଲ ଭାବେ ପରିଷ୍କାର କରି ବ୍ୟବହାର କରିବାକୁ କୁହାଯାଇଛି। ବର୍ଷା ଦିନେ ରାସ୍ତାକଡରେ ବିକ୍ରି ହେଉଥିବା ଚାଟ, ଗୁପୁଚୁପ୍ , କଟା ଫଳ ଖାଇବାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଖୋଲାରେ ବିକ୍ରି ହେଉଥିବା ଜୁସ୍, ସରବତ ନପିଇବାକୁ କୁହାଯାଇଛି । କେବଳ ଫୁଟା ଯାଇଥିବା କିମ୍ବା ପରିଷ୍କାର ପାଣି ପିଇବା ଦ୍ୱାରା ଏଭଳି ସଂକ୍ରମଣକୁ ଏଡା ଯାଇପାରିବ। ସେହିପରି ବର୍ଷା ଦିନେ ଖାଦ୍ୟ ଖାଇବା କିମ୍ବା ପ୍ରସ୍ତୁତ କରିବା ପୂର୍ବରୁ ହାତ ଭଲ ଭାବେ ଧୋଇବା ସହ ପରିଚ୍ଛନ୍ନତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ଖାଦ୍ୟ ପ୍ରସ୍ତୁତ ପରେ ଢାଙ୍କି ରଖିବା ସହ ଏହାକୁ ଭଲ ଭାବେ ସଂରକ୍ଷଣ କରିବାକୁ କୁହାଯାଇଛି । ସେହିପରି ମୁଣ୍ଡବ୍ୟଥା, ଜ୍ୱର, କିମ୍ବା ମୂର୍ଚ୍ଛା ରୋଗର ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି । ଏମଆରଆଇ, ସିଟି ସ୍କାନ ଆଦି ଦ୍ୱାରା ଏହି ରୋଗ ଚିହ୍ନଟ ହୋଇଥାଏ । ନ୍ୟୁରୋସିଷ୍ଟିସରକୋସିସ ଚିକିତ୍ସାରେ ଆଣ୍ଟି-ପାରାସାଇଟିକ ଡ୍ରଗ୍ସ ଓ କେତେକ କ୍ଷେତ୍ରରେ ଅସ୍ତ୍ରୋପଚାର ଆବଶ୍ୟକ ହୋଇପାରେ ।

## ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

# ଆଦ୍ୟ, ସାଇ ଶକ୍ତି ବିଜେତା



**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ (ଓଏସ୍‌ସିଏ) ଆନୁକୂଲ୍ୟରେ ସତ୍ୟଭାମାପୁରସ୍ଥିତ ବିଜେଇଏମ୍ ସ୍କୁଲ୍-୨ଠାରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଓପନ୍ ପ୍ରତିଯୋଗିତାରେ ଆଦ୍ୟ ଅଦ୍ୱିତ ଦାସ (ମିନି) ଓ ସାଇ ଶକ୍ତି ପଣ୍ଡା (ସବ୍‌ଜୁନିୟର) ବିଜେତା ହୋଇଛନ୍ତି। ନିଜ ନିଜ ବର୍ଗରେ ଉଭୟ ସମାନ ୫ରୁ ୫ ପଏଣ୍ଟ କରାୟତ୍ତ କରିଥିଲେ। ମିନିରେ ସାଇ ସ୍ୱାଗତ ପରିଜା ଓ ମୟଙ୍କ ବରାଳ (୪ ପଏଣ୍ଟ), ରେୟାଂଶ ମହାନ୍ତି, ଦିବ୍ୟଦୃଷ୍ଟି ଶତପଥୀ (୩.୫ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସବ୍ ଜୁନିୟରରେ ସତ୍ୟମ ସ୍ୱରୂପ ସାହୁ (୪.୫ ପଏଣ୍ଟ) ଉପବିଜେତା ହୋଇଥିଲା ବେଳେ ପ୍ରାଶୁଂ ଦାଶ, ହିମାଂଶୁ ଶେଖର ସାହୁ ଓ ଉଦୟକାନ୍ତ ନାୟକ (ସମସ୍ତେ ୪ ପଏଣ୍ଟ) ଯଥାକ୍ରମେ ତୃତୀୟରୁ ଚତୁର୍ଥ ସ୍ଥାନରେ ରହିଥିଲେ। ବିଭିନ୍ନ ବୟସ ବର୍ଗରେ ବେଦିକା ସିଂହ, ଅର୍ଯ୍ୟମ ପ୍ରଧାନ, ସାତ୍ୱିକ ମିଶ୍ର, ଆର୍ଯ୍ୟଂଶ ମିଶ୍ର, ସ୍ୱୟମ୍ ସ୍ୱରୂପ ମହାନ୍ତି ଓ ଲବ୍‌ଧୀ ସ୍ୱାଇଁ ଶୀର୍ଷରେ ରହି ପୁରସ୍କୃତ ହୋଇଥିଲେ। ଯଶଶ୍ରୀ ସ୍ୱାଇଁ, ସାଇସୃଷ୍ଟି ରଥ, ଆରିସ ନନ୍ଦ ଗୋସ୍ୱାମୀ, ଅନ୍‌ଭିତା ରିୟା ଦାଶ, ସାଇ ଆୟଙ୍କ ସାହୁ, ଆଦିତ୍ୟ ଆୟାଂଶ ପଣ୍ଡା, ଶାଶ୍ୱତ ସାସମଲ, ମନୀଷ ରଞ୍ଜନ ଦାସ, ସାଇ କ୍ରିଷ୍ଣା ସାମଲ ଓ ସାଇ ଅକ୍ଷିତ ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ମିଳିଥିଲା। ସ୍ଥିତପ୍ରଜ୍ଞ ପଟ୍ଟନାୟକ, ସ୍ୱୟମ୍ଭୁ ପଣ୍ଡା, ଚିରାଗ ମୁଖାର୍ଜୀ, ଆର୍ ଦୈତ୍ୱିକ ସଙ୍କେତ ଓ ପ୍ରନିତ ଦାସ ମଧ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓସ୍କା ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବିଜେଇଏମ୍ ସ୍କୁଲ୍-୨ କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସରକାର, କ୍ରୀଡ଼ା ଶିକ୍ଷକ ବସନ୍ତ ପ୍ରଧାନ, ନିଳିମା ମହାନ୍ତି ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ବିଜେଇଏମ୍ ସ୍କୁଲ୍-୨ର ଅଧକ୍ଷ ବରଦା ପ୍ରସାନ ପାଇକରାୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ଦିବ୍ୟା ଦେଶମୁଖ ହେଲେ ବିଶ୍ୱ ଚେସ୍ ଚାମ୍ପିୟନ



**ନୂଆଦିଲ୍ଲୀ, ୨୮।୭:** ମହିଳା ଚେସ୍ ବିଶ୍ୱକପର ଫାଇନାଲ ମ୍ୟାଚ୍‌ରେ, ଦିବ୍ୟା ଦେଶମୁଖ ଗ୍ରାଣ୍ଡମାଷ୍ଟର ଏବଂ ନିଜ ଦେଶର କୋନେରୁ ହମ୍ପିଙ୍କୁ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି। ସେ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। କୋନେରୁ ହମ୍ପିଙ୍କ ପାଖରେ ପ୍ରତ୍ୟାବର୍ତ୍ତନ କରିବାର ଏକ ଛୋଟ ସୁଯୋଗ ଥିଲା, କିନ୍ତୁ ସେ ଏହାର ଫାଇଦା ଉଠାଇ ପାରିନଥିଲେ। ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଫିଡେ ମହିଳା ବିଶ୍ୱକପ୍ ଫାଇନାଲର ପ୍ରଥମ ଏବଂ ଦ୍ୱିତୀୟ ଗେମରେ କୌଣସି ସୁଯୋଗ ନ ଦେଇ ତାଙ୍କ ଉଚ୍ଚ ମାନ୍ୟତାପ୍ରାପ୍ତ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ଡ୍ର ଖେଳିବାକୁ ବାଧ କରିଥିଲେ। ଏହା ଫଳରେ ମ୍ୟାଚ୍ଟି ଟାଇବ୍ରେକରକୁ ଯାଇଥିଲା। ନିୟମ ଅନୁସାରେ ଟାଇ-ବ୍ରେକରରେ ୧୫ ମିନିଟର ଦୁଇଟି ଖେଳ ରହିଥାଏ ଯେଉଁଥିରେ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ। ଯଦି ଏହା ପରେ ବି ସ୍କୋର ସମାନ ରହେ, ତେବେ ଉଭୟ ଖେଳାଳି ପ୍ରତି ଖେଳ ପାଇଁ ୧୦ ମିନିଟ୍ ହାରରେ ଆଉ ଏକ ସେଟ୍ ଖେଳିବାର ସୁଯୋଗ ପାଇଥାନ୍ତି। ଏଥିରେ ମଧ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ। ଉଭୟଙ୍କ ମଧ୍ୟରେ ପ୍ରଥମ ରାପିଡ୍ ଟାଇବ୍ରେକର ମଧ ଡ୍ର ଥିଲା। ତା'ପରେ ଦ୍ୱିତୀୟ ଟାଇବ୍ରେକରରେ ଫଇସଲା ଆସିଥିଲା।

# ସାହାଣୀ କପ୍ ଫାଇନାଲ୍‌ରେ ସମ୍ବଲପୁର



**କଟକ, ୨୮।୭ (ସଂଚାର ବ୍ୟୁରୋ):** ଚଳିତ ୬୪ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାରେ ଦ୍ୱିତୀୟ ଦଳ ଭାବେ ସମ୍ବଲପୁର ଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ବ୍ରହ୍ମପୁରର ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ସମ୍ବଲପୁର ଟାଇବ୍ରେକର୍‌ରେ ୫-୪ (୧-୧) କୋରାପୁଟକୁ ପରାସ୍ତ କରିଛି। ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ଅମୋଶ ଭାତ୍ରାଙ୍କ ଗୋଲ୍‌ରେ କୋରାପୁଟ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୫୬ତମ ମିନିଟ୍‌ରେ ସମ୍ବଲପୁରର ନିରମ ଓରାମ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରିଦେଇଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ରହିବାରୁ ଫଳାଫଳ ଲାଗି ଟାଇବ୍ରେକର୍‌ର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ଆଗରେ ରହି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା। ଦୁଇ ମ୍ୟାଚ୍ ବିଶିଷ୍ଟ ଫାଇନାଲ୍‌ରେ ଏହି ଦଳ କଟକକୁ ଭେଟିବ। ଅଗଷ୍ଟ ୧ରେ ପ୍ରଥମ ଫାଇନାଲ୍ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରେ ଏବଂ ଦ୍ୱିତୀୟ ଫାଇନାଲ୍ ମ୍ୟାଚ୍ ୩ ତାରିଖରେ କେନ୍ଦୁଝର ଷ୍ଟାଡିୟମ୍‌ରେ ଖେଳାଯିବ।

# ବେଲ୍‌ଜିଆନ୍ ଗ୍ରାଁ ପ୍ରି ଜିତିଲେ ପିଆଷ୍ଟ୍ରି

**ସ୍ପା-ଫ୍ରାଙ୍କୋଚାମ୍ପ୍ସ, ୨୮।୭:** ମ୍ୟାକ୍‌ଲରେନ୍‌ର ଓସ୍କାର ପିଆଷ୍ଟ୍ରି ବର୍ଷା ବାଧାପ୍ରାପ୍ତ ବେଲିଜିଆନ୍ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ସ୍ପା-ଫ୍ରାଙ୍କୋଚାମ୍ପ୍ସ ସର୍କିଟ୍‌ରେ ପିଆଷ୍ଟ୍ରି ନିଜ ଦଳୀୟ ସାଥୀ ଲାଣ୍ଡୋ ନୋରିସ୍‌ଙ୍କୁ ପଛରେ ପକାଇଥିଲେ। ନୋରିସ ଦ୍ୱିତୀୟ ଓ ଫେରାରିର ଚାର୍ଲସ ଲେକ୍‌ଲର୍କ ତୃତୀୟରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଚଳିତ ଋତୁରେ ମ୍ୟାକ୍‌ଲରେନ ୧୩ ରେସ୍‌ରୁ ୧-୨ ସଫଳତା ଲଗାତାର ୩ ଥର ସହ ମୋଟ ଉପରେ ୬ ଥର ହାସଲ କରିଛି। ୪ ଥରର ବିଶ୍ୱ ବିଜେତା ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ଏବଂ ମର୍ସିଡିଜ୍‌ର ଜର୍ଜ ରସେଲ ପଞ୍ଚମ ସ୍ଥାନରେ ରହିଥିଲେ। ସେହିଭଳି ୭ ଥରର ବିଶ୍ୱ ବିଜେତା ଫେରାରିର ଲୁଇସ୍ ହାମିଲଟନ୍ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଥିଲେ।

# ଟାଇବ୍ରେକରକୁ ଗଲା ହମ୍ପି-ଦିବ୍ୟାଙ୍କ ଫାଇନାଲ୍

**ବାଟୁମି, ୨୮।୭:** ଦୁଇ ଭାରତୀୟ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ ମଧ୍ୟରେ ଏଠାରେ ଚାଲିଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲ୍‌ର ପ୍ରଥମ ଗେମ୍ ଭଳି ଦ୍ୱିତୀୟ ଗେମ୍‌ରେ ଡ୍ର'ରେ ଶେଷ ହୋଇଛି। ଉଭୟ ଗେମ୍ ଡ୍ର'ରେ ଶେଷ ହେବାରୁ ସୋମବାର ଟାଇବ୍ରେକ୍‌ରରୁ ବିଜେତା ନିର୍ଣ୍ଣୟ ହେବ। ଏହି ପ୍ରତିଯୋଗିତା ଇତିହାସରେ ପ୍ରଥମ ଥର ଲାଗି ଦୁଇ ଭାରତୀୟ ମଧ୍ୟରେ ଫାଇନାଲ୍ ଖେଳାଯାଉଛି। ୧୯ ବର୍ଷୀୟା ଦିବ୍ୟା ଚମତ୍କାର ପ୍ରଦର୍ଶନ କରି ନିଜଠୁ ଦୁଇ ଗୁଣା ଅଧିକ ବୟସ୍କା ହମ୍ପି (୩୮ ବର୍ଷ)ଙ୍କୁ ବାଟ ଛାଡୁନାହାନ୍ତି।

ଫିଡେ ମହିଳା ବିଶ୍ୱକପ୍



## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

# ଦେଶର ଗୌରବ ବଢ଼ାଇଲେ କିଟ୍ ଖେଳାଳି

### ଜିତିଲେ ସର୍ବାଧିକ ୫ ପଦକ

### ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ

**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ):** ଜର୍ମାନୀର ରାଇନ୍-ରୁର୍‌ଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ୨ ସ୍ୱର୍ଣ୍ଣ ଏବଂ ୫ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ମୋଟ ୧୨ ପଦକ ଜିତି ୨୦ତମ ସ୍ଥାନରେ ଅଭିଯାନ ଶେଷ କରିଛି। ଏହା ମଧ୍ୟରୁ କିଟ୍ ଖେଳାଳି ସର୍ବାଧିକ ପଦକ ୫ (୩ ରୌପ୍ୟ ଓ ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶର ଗୌରବ ବଢ଼ାଇଛନ୍ତି। ଏହି ୫ ଯାକ ପଦକ ଶେଷ ଦିନରେ କିଟ୍ ଖେଳାଳିମାନେ ହିଁ ଜିତିଥିଲେ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଅଙ୍କିତା, ୫୦୦୦ ମିଟରରେ ସୀମା ଏବଂ ପୁରୁଷ ଟ୍ରିପଲ୍ ଜମ୍ପ୍‌ରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ପଦକ ଜିତିଥିଲେ। କାଂସ୍ୟ ଦ୍ୱୟ ପୁରୁଷ ୪ଗୁଣା ୧୦୦ ମିଟର ରିଲେ ଏବଂ ମହିଳା ୨୦ କିମି ରେସ୍ ୱାକ୍ ଟିମ୍ ଇଭେଣ୍ଟରୁ ଆସିଥିଲା। ରିଲେ ଦଳରେ କିଟ୍ ଛାତ୍ର ମଣିକାନ୍ତ ହୋବ୍ଲିଧର, ଅନିମେଷ କୁଜୁର, ଲାଲୁପ୍ରସାଦ ଭୋଇ ଓ ମୃତ୍ୟୁମ ଜୟରାମ ଦଣ୍ଡପତି ରହିଥିଲେ। ସେହିଭଳି ମହିଳା ୨୦ କିମି ରେସ୍ ୱାକ୍ ଦଳରେ ମଧ ସମସ୍ତ କିଟ୍ ଛାତ୍ରୀ ମୁନିତାପ ରାଜାପତି, ମାନସୀ ନେଗି, ସେଜାଲ ଅନିଲସିଂହ ରହିଥିଲେ। ଭାରତୀୟ ଖେଳାଳି ବ୍ୟାଡ୍‌ମିଣ୍ଟନ୍ ଓ ଟେନିସ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ଜିତିଥିଲେ। ଯାହା ଏହି ପ୍ରତିଯୋଗିତାରେ ଭାରତର ପ୍ରଥମ ପଦକ ହୋଇଥିଲା। ତୀରନ୍ଦାଜିରେ ସର୍ବାଧିକ ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ) ଏବଂ ଦୌଡ଼କୁଦରେ ୫ (୩ ରୌପ୍ୟ, ୨ କାଂସ୍ୟ) ପଦକ ଜିତିଛି ଭାରତ। ଏହି ପ୍ରତିଯୋଗିତାରେ ଭାରତରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏବଂ ୧୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୪୨ ଜଣ ଆଥ୍‌ଲେଟ୍ ରହିଥିଲେ। ପୂର୍ବରୁ ଦୂତି ଚାନ୍ଦ ପ୍ରଥମ କିଟ୍ ଛାତ୍ରୀ ଭାବେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (୨୦୧୯, ନାପୋଲି)ରେ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ଦଳ ସହ କିଟ୍ ଖେଳାଳିଙ୍କ ସଫଳତା ଲାଗି କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ "ଏହି ଗୌରବର ମୁହୂର୍ତ୍ତ କେବଳ କିଟ୍‌ର ନୁହେଁ, ସମ୍ପୂର୍ଣ୍ଣ ଦେଶର। ଏହି ସଫଳତା ଲାଗି ମୁଁ ସମସ୍ତ ଖେଳାଳି, ପ୍ରଶିକ୍ଷକଙ୍କ ସହ ଓଡ଼ିଶା ଓ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣଙ୍କୁ କୃତଜ୍ଞତା ଜଣାଉଛି। ଏମାନଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିପାରିଛି"।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୪ ଦିନରେ...

ଜେଜେବିରେ ହାଜର କରାଯାଇଥିଲା। ଜୁନ୍ ୧୮ ତାରିଖରୁ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଜାରି ରଖିଛି। ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲ୍‌ଆର୍ ଆଣ୍ଡ ଏଲ୍‌ଟିଭି) ଅନ୍ୱେଷା ଦାଶଙ୍କ କୋର୍ଟରେ ଆବେଦନ କରିଥିବା ବେଳେ କୋର୍ଟ ତାହା ମଞ୍ଜୁର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଟିଆଇ ପରେଡ୍ ପାଇଁ ଜେଲ ପରିସରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଥିଲା। ପୀଡ଼ିତା ଜଣଙ୍କ ସେଠାରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ ମଧ୍ୟ କରିଥିଲେ। ଏହି ଘଟଣାରେ ପୁଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ଟିମ ସେଗୁଡିକ ସିଏସ୍‌ଆଇ ପୁଲିସ ଜରିଆରେ କୋର୍ଟରେ ଦାଖଲ କରିସାରିଛି।

ଚାର୍ଜଶିଟ୍ ଦାଖଲ ନେଇ କ୍ରାଇମବ୍ରାଞ୍ଚ୍ ଏଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାରେ କ୍ରାଇମବ୍ରାଞ୍ଚ୍ ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇଛି। ଚାର୍ଜଶିଟ୍ ଦାଖଲ କରିବା କ୍ରାଇମ ବ୍ରାଞ୍ଚ୍‌ର ପ୍ରାଥମିକତା ଥିଲା। ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ସହ ସେମାନେ ଯେପରି ଆଗାମୀ ଦିନରେ ଏଭଳି ଘୃଣ୍ୟ କାର୍ଯ୍ୟରୁ ନିବୃତ୍ତ ରହିବେ, ଏହା ହିଁ ଚାର୍ଜଶିଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ତେଣୁ ଏହି ଚାର୍ଜଶିଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡବିଧାନ ପାଇଁ ନିବେଦନ କରାଯାଇଛି। ମହିଳାମାନଙ୍କୁ କିପରି ସମ୍ମାନ ମିଳିବ ଓ ସେମାନଙ୍କୁ କେହି ଯେପରି କୁଦୃଷ୍ଟିରେ ନ ଦେଖିବେ, ସେଥିପ୍ରତି ପୁଲିସ୍ ବିଭାଗ ସବୁବେଳେ ଯତ୍ନବାନ ରହିଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଖୁବ୍‌ଶୀଘ୍ର ବିଚାର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ବିଜେଡିରୁ...

ଉଦୟ ସିଂହଦେଓ, ବିକ୍ରମ ଆରୁଖ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରିନାରାୟଣ ପାତ୍ର, ଶଶିଭୂଷଣ ବେହେରା, ମଙ୍ଗଳା କିଷାନ, ଭୂପିନ୍ଦର ସିଂ, ପ୍ରଫୁଲ୍ଲ ସାମଲ, ପ୍ରଫୁଲ୍ଲ ମଲ୍ଲିକ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଏନ. ଭାସ୍କର ରାଓ, ଲାଲବିହାରୀ ହିମିରିକା, ଜଗନ୍ନାଥ ସାରକାଙ୍କ ଭଳି ବରିଷ୍ଠ ନେତାମାନେ ଏବେ ଦଳରେ ଥାଇ ନଥିଲା ଭଳି। ମିଡିଆ ଦୃଷ୍ଟିକୁ ଏଡାଇବାକୁ ଏୟୁ ସିଂହଦେଓ, ବଦ୍ରି ପାତ୍ର, ଚ୍ୟାଉପଟ୍ଟନାୟକ, ମଙ୍ଗଳା କିଷାନଙ୍କ ଭଳି ନେତାଙ୍କୁ ନାଁକୁ ମାତ୍ର ବରିଷ୍ଠ ଉପସଭାପତି ପାହ୍ୟା ଦେଇ ଗୋଟିଏ ଗୋଟିଏ ସେଲର ଦାୟିତ୍ୱ ଦେଇଛନ୍ତି। କିନ୍ତୁ ୪ ମାସରେ ଏସବୁ ସେଲ ବା ଫ୍ରଣ୍ଟାଲ ୱିଙ୍ଗର କେବେ ବୈଠକ ବସିଛି, ତାହା କାହାକୁ ଜଣାନାହିଁ। ଏହି ନେତାଙ୍କ ଭଳି ବିକ୍ରମ ଆରୁଖ, ନିରଞ୍ଜନ ପୂଜାରୀଙ୍କର ବି ଭୁବନେଶ୍ୱରରେ ଦେଖା ମିଳୁନି। ଏହି ଦୁଇ ନେତା ରାଜନୈତିକ ବ୍ୟାପର କମିଟି ସଦସ୍ୟ ହୋଇଛନ୍ତି। କିନ୍ତୁ ପିଏସି ଗଠନ ହେବା ଦିନରୁ ବୋଧହୁଏ ଥରେ ବୈଠକ ବସିଥିଲା। ଦଳର କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ମଧ୍ୟ ଏହି ନେତାଙ୍କ ଦେଖା ମିଳୁନି। ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମରେ ବି ଏମାନେ ନଥିଲେ।

ଏହି ନେତାଙ୍କୁ ଏ ସମ୍ପର୍କରେ ପଚାରିଲେ ଉତ୍ତର ଆସୁଛି, ଆମକୁ କିଏ ଖୋଜୁଛି ଯେ ଆମେ ଭୁବନେଶ୍ୱର ଯିବୁ। ନିଜ ନାମ ଗୋପନ ରଖିବା ସର୍ତ୍ତରେ ପଶ୍ଚିମ ଓଡ଼ିଶାର ଜଣେ ବରିଷ୍ଠ ନେତା କହିଛନ୍ତି ଯେ, ଚାପଲୁସି କରୁଥିବା କିଛି ଯୁବ ନେତା ଏବେ ନବୀନ ନିବାସକୁ ଦଖଲ କରିନେଇଛନ୍ତି। ତାଙ୍କ ବିନା ମର୍ଜିରେ ଆମେ ନବୀନ ନିବାସ ଯାଇପାରିବୁନି, ନବୀନଙ୍କୁ ଦେଖା କରିବା ତ ଦୂରର କଥା। ସେମାନେ ନବୀନ ପଟ୍ଟନାୟକଙ୍କୁ ଏମିତି କବଳିତ କରି ରଖିଛନ୍ତି ଯେ ଦଳ ଆଉ ଆଗକୁ ବଢ଼ିବା ସ୍ଥିତିରେ ନାହିଁ। ବନ୍ଧା ହେବା ଭୟରେ ଏହି ହାରୁ ଯୁବ ନେତାମାନେ ନବୀନଙ୍କୁ ଢାଲ କରିଛନ୍ତି। କିଛି କହିଲେ ଦଳ ବିରୋଧୀ ଆଖ୍ୟା ଦେଇ ବିଦା କରିଦେବାକୁ ଧମକ ଦେଉଛନ୍ତି ବୋଲି ସେ କହିଛନ୍ତି।

## ଜିଲ୍ଲାପାଳଙ୍କ...

ସୃଷ୍ଟି ହେବା ଆଶଙ୍କା ରହିଥିଲା। ତେଣୁ ଗତ ୨୬ ତାରିଖ ଚତୁର୍ଥ ଶନିବାର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବା ସହ ସବୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବେ ବୋଲି ସରକାର ଘୋଷଣା କରିଥିଲେ। ଏନେଇ କଟକ ଜିଲ୍ଲାପାଳଙ୍କ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ କଟକ ସଦର ବିଡିଓଙ୍କ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶର ଅବମାନନା କରି ଉକ୍ତ ଦିନ କଟକ ସଦର ବିଡିଓ, ଅଧିକାରୀ ଓ ଅନ୍ୟ କର୍ମଚାରୀ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଏଥିସହ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସିସିଟିଭି, କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ଜିପିଏସ ଫଟୋ, ଉପସ୍ଥାନ ଖାତା, ବାୟୋମେଟ୍ରିକ ଉପସ୍ଥାନ ଯାଞ୍ଚ କଲେ ପ୍ରକୃତ ସତ ପଦାକୁ ଆସିବ ବୋଲି ଶ୍ରୀ ସାହୁ କହିଛନ୍ତି। ସଦର ବିଡିଓଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇନଥିଲେ ବୋଧହୁଏ ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ଅବମାନନା ଘଟଣା ସାମ୍ନାକୁ ଆସିନଥାନ୍ତା।

ଗତ ୨୬ ତାରିଖରେ ସଦର ବିଡିଓଙ୍କ କାର୍‌ଟି ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତାରେ ପାର୍କିଂ ସମୟରେ କୁଶଭଦ୍ରା ନଦୀରେ ଭାସିଯିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେଣୁ ଉକ୍ତ ଦିନ ବିଡିଓ ସରକାରୀ ନିର୍ଦ୍ଦେଶନାମାର ଖିଲାପ କରି ପରିବାର ସହ ବୁଲିବାକୁ ଚାଲିଯାଇଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଶନିବାର କାର୍ଯ୍ୟାଳୟ ଖୋଲା ରହିବା ସକାଶେ ଘୋଷଣା ହୋଇଥିବାରୁ ବିଡିଓ କେଉଁ ସମୟରେ ଅଫିସ ଆସିଥିଲେ, କେତେ ସମୟ ରହିଥିଲେ, ତା'ର ତଦନ୍ତ ହେବା ଜରୁରୀ। ନିଜେ ବିଡିଓ ମଧ୍ୟ ଏନେଇ ସ୍ପଷ୍ଟିକରଣ ରଖିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଆତ୍ମରକ୍ଷା...

ଜାତୀୟ ଏଜେଣ୍ଡା, ନୈତିକ ସ୍ପଷ୍ଟତା ଓ ରାଜନୈତିକ ଧୁରନ୍ଧରତା ପ୍ରମାଣିତ କରିଛି। ସେହିପରି ଏହି ସାମରିକ ପଦକ୍ଷେପ ମଧ୍ୟ କୌଣସି ଶତ୍ରୁପକ୍ଷକୁ ବାର୍ତ୍ତା ଦେଇଛି ଯେ ଭାରତର ନାଗରିକମାନଙ୍କ ଉପରେ ଆଖି ପକାଇଲେ, ଏହାର ଠୋସ୍ ଜବାବ ଦିଆଯିବ। ଭାରତ କଦାପି କୌଣସି ଧମକ କିମ୍ବା ଚାପରେ ପଛକୁ ହଟିବ ନାହିଁ ବୋଲି ଅପରେସନ୍ ସିନ୍ଦୂର ପ୍ରମାଣିତ କରିଦେଇଛି। ସେହିପରି ଦେଶର ନାଗରିକଙ୍କ ସୁରକ୍ଷା କଥା ଉଠିଲେ, ରାଜନୈତିକ ନେତୃତ୍ୱ ଅନ୍ୟ କିଛି ଚିନ୍ତା ନ କରି ପ୍ରତିଟି ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଏ ବୋଲି ମଧ୍ୟ ପ୍ରମାଣିତ ହୋଇଛି। ସେହିପରି ଆମ ମିସାଇଲ୍ କୌଣସି ଦେଶର ସୀମାକୁ ଅତିକ୍ରମ କରିପାରେ ଓ ଆମ ସୈନିକମାନେ ପ୍ରତିପକ୍ଷର ମେରୁଦଣ୍ଡ ଭାଙ୍ଗିବା ସକାଶେ ସବୁବେଳେ ତତ୍ପର ବୋଲି ଅପରେସନ୍ ସିନ୍ଦୂର ସ୍ପଷ୍ଟ କରିଥିବା ଶ୍ରୀ ସିଂହ କହିଛନ୍ତି। ଏଥିସହ ଶ୍ରୀ ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସ୍ୱରୂପ ବଦଳିଛି। ଭାରତ କଦାପି ଆତଙ୍କବାଦୀ କାର୍ଯ୍ୟକଳାପକୁ ବରଦାସ୍ତ କରିବ ନାହିଁ ଓ ଆତଙ୍କୀଙ୍କ ମେରୁହାଡ଼ ଭାଙ୍ଗିବା ସକାଶେ ଆମ ପାଖରେ ସଶକ୍ତ ବାହିନୀ ପ୍ରସ୍ତୁତ ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି। ସେହପରି ଚର୍ଚ୍ଚା ସମୟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ ଆମେରିକା ସହ ଆତଙ୍କବାଦ ପ୍ରସଙ୍ଗରେ ଆଲୋଚନା ସମୟରେ କଦାପି ବ୍ୟାବସାୟିକ ଫାଇଦାକୁ ଗୁରୁତ୍ୱ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ସିଙ୍ଗଲ୍...

ପାଇଁ ଉପସ୍ଥିତ ବିଭାଗୀୟ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ୯ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ ସହଯୋଗ କରିଥିଲେ। ଆଜି ସକାଳୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ଼ ଲାଗିରହିଥିଲା। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଅଭିଯୋଗକାରୀମାନେ ଫେରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନାଭରା କଥା ସେମାନଙ୍କୁ ଗଭୀର ପ୍ରଭାବିତ କରିଥିଲା ଓ ସେମାନେ ସୁଶାସନର ଅନୁଭୂତି ପାଇଥିଲେ। ଏହି ଅଭିଯୋଗ ଶୁଣାଣିର ଦ୍ୱାଦଶ ପାଳି ସୁଦ୍ଧା ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଆସିଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ତ୍ରୟୋଦଶ ପାଳିରେ ଏହି ବ୍ୟବସ୍ଥାରେ ଚିକିତ୍ସା ପାଇଁ ୩ ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଆରମ୍ଭରୁ ଅଦ୍ୟାବଧି ଏହି ବ୍ୟବସ୍ଥାରେ ମୋଟ ୫୧ ଜଣଙ୍କୁ ତୁରନ୍ତ ସହାୟତା ମିଳିଛି। ଏ ବାବଦରେ ସେମାନେ ମୋଟ ୫୫ ଲକ୍ଷ ଟଙ୍କା ପାଇଥିବା ଜଣାପଡ଼ିଛି।

ସେହିପରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି। ଅର୍ଥାତ୍ ଅଦ୍ୟାବଧି ୯୧ ପ୍ରତିଶତରୁ ଅଧିକ ଅଭିଯୋଗର ସମାଧାନ କରାଯାଇସାରିଛି। ଏଥିସହ ଅବଶିଷ୍ଟ ୯ ପ୍ରତିଶତ ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ପ୍ରକ୍ରିୟା ଜାରି ରହିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ଅନ୍ୟାନ୍ୟ ବିଭାଗର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ଗେରୁଆ...

ସବୁଜ, ହଳଦିଆ, ନାଲି ଓ ନୀଳ ରହିଛି। ସେହିପରି ଟୋପିର ରଙ୍ଗ ଧଳା ରହିବା ସହ ସେଥିରେ ସ୍ଲୋଗାନ ସହ ଲୋଗୋ ରହିଛି। ଏ ବାବଦରେ ଜଣେ ଛାତ୍ର/ଛାତ୍ରୀ ପିଛା ସରକାର ୫୦୦ ଟଙ୍କା ଖର୍ଚ୍ଚ କରିବେ। ସେଥିରୁ ୨୦୦ ଟଙ୍କାରେ ହଳେ ଜୋତା ଓ ଦୁଇ ହଳ ମୋଜା, ୧୨୫ ଟଙ୍କାରେ ଗୋଟିଏ ଟି-ଶାର୍ଟ, ୧୨୫ ଟଙ୍କାରେ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଗୋଟିଏ ଟୋପି ଓ ୨୦ ଟଙ୍କାରେ ଗୋଟିଏ ପରିଚୟପତ୍ର ଦିଆଯିବ। ସେହିପରି ପିଲାଙ୍କ ଜୋତାର ରଙ୍ଗ କଳା ଓ ମୋଜାର ରଙ୍ଗ ଧଳା ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମାଷ୍ଟରମାଇଣ୍ଡ...

ଉଦ୍ଧାର କରାଯାଇଛି। ତେବେ ଏହି ଆତଙ୍କବାଦୀମାନଙ୍କୁ ନିପାତ କରି ଭାରତୀୟ ସେନା ଏକ ବଡ଼ ସଫଳତା ହାସଲ କରିଛି। ଏଥିସହ ପହଲଗାମ ଆକ୍ରମଣର ଆତଙ୍କବାଦୀଙ୍କ ମଧ୍ୟରୁ କେବଳ ଜଣେ ବାକି ଥିବା ଜଣାପଡ଼ିଛି। ଏହି ଅପରେସନ୍‌ର ନାମ ଅପରେସନ୍ ମହାଦେବ ରଖାଯାଇଥିଲା। ପୂର୍ବରୁ ମୁସାକୁ ଧରଇଦେବା ସାକଶେ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅମରନାଥ ଯାତ୍ରା ମଝିରେ ଶ୍ରୀନଗରଠାରୁ ପାଖାପାଖି ୨୦ ମକିମି ଦୂରବର୍ତ୍ତୀ ମାଉଣ୍ଟ୍ ମହାଦେବ ନିକଟରେ ଏହି ଏନ୍‌କାଉଣ୍ଟର୍ ହୋଇଛି। ଶ୍ରୀନଗର ଜଙ୍ଗଲରେ ୩ ଜଣ ଟିଆର୍‌ଏଫ୍ ଆତଙ୍କବାଦୀ ଲୁଚି ରହିଥିବା ନେଇ ଖବର ମିଳିବା ପରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ଅପରେସନ୍‌ରେ ଭାରତୀୟ ସେନା ଓ ଜମ୍ମୁ-କଶ୍ମୀର ପୁଲିସ୍ ମିଳିତ ଭାବେ ସାମିଲ୍ ହୋଇଥିଲେ।

## ଓଭରବ୍ରିଜ୍ ନିର୍ମାଣ ଦାବିରେ ଧାରଣା




**ବ୍ରହ୍ମପୁର,୨୮।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ଲାଞ୍ଜିପଲ୍ଲୀ ବାଇପାସ ଛକ ଠାରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଓଭରବ୍ରିଜ୍ ନିର୍ମାଣ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। ଏନେଇ ଆଜି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ସ୍ଥାନୀୟ ଜାତୀୟ ରାଜମାର୍ଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାସହ ଏକ ସ୍ମାରକ ପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପ୍ରଦାନ କରିଥିଲେ। ଦୁର୍ଘଟଣାକୁ ରୋକିବା ପାଇଁ ତୁରନ୍ତ ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅବନୀ ଗୟା,ପ୍ରଣବ ପଣ୍ଡା, ତାରା ଚାନ୍ଦ ପାତ୍ର, ନଦିଆଚାନ୍ଦ ପାତ୍ର, କେ. ଗୌତମ ଦାସ, ପିଣ୍ଟୁ କୁମାର ପାତ୍ର, ରାଜେଶ ପଟ୍ଟନାୟକ, ସୁଜିତ କୁମାର ତ୍ରିପାଠୀ, ଦଣ୍ଡପାଣି ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ଅବ୍ୟବସ୍ଥା ମଧ୍ୟରେ ଭିଙ୍ଗାରପୁର ପ୍ରାଚୀଧାରରୁ ପାଣି ଉଠାଉଛନ୍ତି କାଉଡ଼ିଆ



**ବାଲିଅନ୍ତା,୨୮।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ସ୍ଥିତ ପ୍ରାଚୀଧାରରୁ କାଉଡିଆ ମାନେ ବଡ଼ ଅବ୍ୟବସ୍ଥାରେ ପାଣି ଉଠାଉଛନ୍ତି । କାଉଡ଼ିଆମାନେ ନଦୀ ଘାଟରୁ ସୁବିଧାରେ ପାଣି ଉଠାଣ ନେଇ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଉଠାଣ ସ୍ଥାନ ସଫାସୁତୁରା କରାଯାଉ ନାହିଁ କିମ୍ବା ଲାଇଟ ଲଗାଯାଉ ନାହିଁ । ସୀମାନ୍ତ ପଞ୍ଚାୟତ ଜନ ପ୍ରତିନିଧି କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । କିଛି ବର୍ଷ ହେଲା ରାମଚନ୍ଦ୍ରପୁର ସ୍ଥିତ ପ୍ରାଚୀ ଧାରରୁ ଶ୍ରାବଣ ମାସରେ ପାଣି ଭାର ନେଇ ଶହ ଶହ ଶ୍ରଦ୍ଧାଳୁ ବକ୍ରେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର, ବେଲେଶ୍ୱର, ବଟେଶ୍ୱର,ଚଣ୍ଡେଶ୍ୱର, ରୁଦ୍ରେଶ୍ୱର, ଲୋକ ନାଥ, ଲକ୍ଷେଶ୍ୱର ଆଦି ଶୈବପୀଠକୁ ଜଳ ଲାଗି କରିବାକୁ ଯାଇଥାନ୍ତି । ହେଲେ ଏହି ଐତିହ୍ୟ ସ୍ଥଳୀର ଏଯାଏ ବିକାଶ ହୋଇପାରି ନାହିଁ। ଏସମ୍ପର୍କରେ ଭିଗାରପୁର ସରପଞ୍ଚ ହୃଷିକେଶ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ଏହା କୁରାଙ୍ଗ ଗ୍ରାମ ପଞ୍ଚାୟତ ଏବଂ ନଛିପୁର ମୌଜା ଏବଂ ବାଲିଅନ୍ତା ସୀମାନ୍ତ ଅଞ୍ଚଳରେ ରହିଥିବାରୁ ବିକାଶ କାର୍ଯ୍ୟ ସମ୍ଭବପର ହୋଇପାରି ନାହିଁ । ଏଭଳି ମହାନ ଐତିହ୍ୟ ସ୍ଥଳୀର ବିକାଶ କାର୍ଯ୍ୟ ନେଇ ପ୍ରଶାସନିକ ସ୍ତରରେ ଆନ୍ତରିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସମାଜସେବୀ ଅଜୟ କୁମାର ଜେନା କହିଛନ୍ତି ।

## ବସ୍-ବାଇକ ମୁହାଁମୁହିଁ ଧକ୍କା, ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ



**ନାଉଗାଁ,୨୮।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ବାଲିଭଉଁରୀ-ଶିଖରଘାଟ ରାସ୍ତାର ପାଳସାହି ନିକଟରେ ସୋମବାର ସକାଳ ସମୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଶ୍ରାବଣ ମାସ ସୋମବାର ଯୋଗୁଁ ଗୋରେଖନାଥଙ୍କ ଦର୍ଶନ ସାରି ୨ଟି ବାଇକରେ ୪ ଜଣ ସାଙ୍ଗ ଫେରୁଥିବା ସମୟରେ ବସ୍-ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଶବକୁ ରଖି ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ବିକାଶ ପାଇଁ ଅର୍ଥାଭାବ
# କାର୍ଯ୍ୟାଳୟ ଓ ଆବାସ ମରାମତି ନାଁରେ ଲକ୍ଷାଧିକ ଖର୍ଚ୍ଚ

**ବ୍ରହ୍ମପୁର,୨୮।୭ (ସଂଚାର ବ୍ୟୁରୋ):** ରାଜସ୍ୱ ଅଭାବରୁ ବିକାଶ କାର୍ଯ୍ୟକୁ ଆଗେଇ ନେଇ ପାରୁନଥିବା ବ୍ରହ୍ମପୁର ମହାନଗର ନିଗମ ନିଜ କାର୍ଯ୍ୟାଳୟ ଓ ଆବାସ ମରାମତି ନାଁରେ ଖର୍ଚ୍ଚ କରିଛି ଲକ୍ଷାଧିକ ଟଙ୍କା। ମହାନଗର ନିଗମ ରାଜ୍ୟ ସରକାର ଓ ଲୋକଙ୍କ ଟିକସରୁ ସହରର ବିକାଶ ପାଇଁ ଯେଉଁ ଧନରାଶି ପାଉଛି, ତାକୁ ବ୍ରହ୍ମପୁରବାସୀଙ୍କ ସ୍ୱାର୍ଥ ପାଇଁ ତଥା ସହରର ଯାବତୀୟ ଉନ୍ନତି କରିବା ଦିଗରେ ଖର୍ଚ୍ଚ କରିବା ପରିବର୍ତ୍ତେ ନିଜର କାର୍ଯ୍ୟାଳୟ ଓ ବିଭାଗୀୟ କମିଶନରଙ୍କ ସରକାରୀ ବାସସ୍ଥାନକୁ ମରାମତି, ନବୀକରଣ ଓ ସୁନ୍ଦର କରିବା ନାଁରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବା ଦୁର୍ଭାଗ୍ୟର କଥା ବୋଲି ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ କମିସନରଙ୍କ ସରକାରୀ




**ପାଇଖାନା ମରାମତି ପାଇଁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ**

**ଗୋଟିଏ ଏସି ପାଇଁ ଖର୍ଚ୍ଚ ୧,୯୦,୯୮୦ ଟଙ୍କା**

ବାସଭବନ ଓ ମହାନଗର ନିଗମର ନୂତନ ନିର୍ମାଣ, ମରାମତି ତଥା ଉଭୟ କୋଠାକୁ ସୁନ୍ଦର କରିବା ପାଇଁ ଗତ ପାଞ୍ଚ ବର୍ଷ ମଧ୍ୟରେ ୨ କୋଟି ୩୪ ଲକ୍ଷ ୨୨ ହଜାର ୨୬୦ ଟଙ୍କା ଖର୍ଚ୍ଚ କରାଯାଇଛି । କେବଳ କମିସନରଙ୍କ ସରକାରୀ ବାସସ୍ଥାନକୁ ସୁନ୍ଦର ଓ ମରାମତି କରିବା ପାଇଁ ଗତ ପାଞ୍ଚ ବର୍ଷରେ ୧୧ ଲକ୍ଷ ୮୯ ହଜାର ୯୮୦ ଟଙ୍କା ଟଙ୍କା ଖର୍ଚ୍ଚ କରାଯାଇଛି। ବାସଭବନରେ ଗୋଟିଏ ଏସି ଲଗାଇବା ପାଇଁ ୧ ଲକ୍ଷ ୯ ହଜାର ୯୮୦ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ, କମିସନରଙ୍କ ସରକାରୀ ବାସଭବନ ମଧ୍ୟରେ ଥିବା ଖୋଲା ଜମିର ଉନ୍ନତି ପାଇଁ ୨ ଲକ୍ଷ ୪୫,୫୦୦ ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ମହାନଗର ନିଗମ ନିଜର କାର୍ଯ୍ୟାଳୟକୁ ଗତ ପାଞ୍ଚ ବର୍ଷ ମଧ୍ୟରେ ସାଜସଜ୍ଜା ଓ ମରାମତି କରିବା ପାଇଁ ମୋଟ ୨ କୋଟି ୨୨ ଲକ୍ଷ ୩୨ ହଜାର ୨୮୦ ଟଙ୍କା ଖର୍ଚ୍ଚ କରିଛି । ସେଥି ମଧ୍ୟରୁ ନିଜର କାର୍ଯ୍ୟାଳୟରେ କେବଳ ପାଇଖାନା ମରାମତି ପାଇଁ ୫ ଲକ୍ଷ ୩୭ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ନୂଆଁ କନଫରେନ୍ସ ହଲ୍ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ମହାନଗର ନିଗମ ନିଜ କାର୍ଯ୍ୟାଳୟରେ କାଠ କାମ କରିବା ପାଇଁ ୪ ଲକ୍ଷ ୯୯ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି।

ବ୍ରହ୍ମପୁରବାସୀ ମହାନଗର ନିଗମ ଠାରୁ ମୌଳିକ ସୁବିଧା ପାଇବାରେ ବଞ୍ଚିତ ହେଉଥିବା ବେଳେ ସହରରେ ଅର୍ଥ ଅଭାବରୁ ହୁଗୁଳାପଟା ଠାରେ ନିର୍ମାଣଧିନ ଗୋ-ଶାଳା ଓ ଗୋଷାଣୀନୂଆଗାଁ ଆଡୁଆ ବନ୍ଧ ପାର୍କ ଦୀର୍ଘ ଦିନ ହେଲା ସମ୍ପୂର୍ଣ୍ଣ ହେଉନାହିଁ। ଏହି ପରୀପ୍ରେକ୍ଷୀରେ ସହରବାସୀଙ୍କ ଟିକସ ପଇସାକୁ ଆଖିବୁଜି ଖର୍ଚ୍ଚ କରିବା କେତେଦୂର ଯଥାର୍ଥ ବୋଲି ସହରର ଜଣାଶୁଣା ଆଇନଜୀବୀ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି।

## ଶିକ୍ଷକ ଦାବିରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା



**ନାଉଗାଁ,୨୮।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶର ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ନାହାନ୍ତି। ଯେଉଁ ଶିକ୍ଷକ ରହିଛନ୍ତି ତାଙ୍କୁ ଡେପୁଟେସନରେ ଅନ୍ୟତ୍ର ନିଆଯାଉଛି। ଯାହାଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ଓ ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ସୋମବାର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ପରେ ଧାରଣାସ୍ଥଳରୁ ଛାତ୍ରଛାତ୍ରୀମାନେ ବାଲିଭଉଁରୀ-ଶିଖରଘାଟର ମୁଖ୍ୟରାସ୍ତାରେ ଚାଲି ଚାଲି ସିଧା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବା ବେଳେ ନାଉଗାଁ ଥାନା ପକ୍ଷରୁ ଏସଆଇ ଜାକସନ ମାଝୀ ପହଁଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ବିଦ୍ୟାଳୟକୁ ଫେରାଇ ନେଇଥିଲେ।

ସୂଚନାଯୋଗ୍ୟ ଯେ ଉକ୍ତ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ମୋଟ ୩୫ଜଣ ପିଲା ପାଠ ପଢୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅବସର ନେବା ପରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚିତରଞ୍ଜନ ମହାନ୍ତି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ହେଲେ ଗଣିତ ଶିକ୍ଷୟିତ୍ରୀ ଲିପିକା ସାହୁ ୨୦୨୨ ଫେବୃଆରୀରୁ ୩ ଦିନ ପାଇଁ ଆଲିପିଙ୍ଗଳ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ଯାଇଥିବା ବେଳେ ୩ ଦିନ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ସେହିପରି ଅଲଣାହାଟ ଉଚ୍ଚ ବିଦ୍ୟାଳୟରୁ ସଂସ୍କୃତ ଶିକ୍ଷକ ୨ଦିନ ଡେପୁଟେସନରେ ଉକ୍ତ ବିଦ୍ୟାଳୟକୁ ଆସୁଛନ୍ତି। ଯାହାଫଳରେ ସ୍ଥାୟୀ ଶିକ୍ଷକ ନଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଛି।

## ବୋଲବମ ଭକ୍ତଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ସେବା



**ରାଇଘର,୨୮।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ବିଭିନ୍ନ ଗ୍ରାମରୁ ଆଜି ଶ୍ରାବଣ ତୃତୀୟ ସୋମବାରରେ ପ୍ରତ୍ୟକ ଶିବ ମନ୍ଦିରରେ ବୋଲବମ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ଆଜି ଶହ ଶହ ବୋଲବମ ଭକ୍ତ ବେହେଡ଼ା ସ୍ଥିତ ତେଲ ନଦୀରୁ ଜଳ ଭାର ଆଣି ରାଇଘର ଧବଳେଶ୍ୱର ମନ୍ଦିର ରେ ଜଳାଭିସେକ କରିବାକୁ ଆସୁଥିବାବେଳେ ମଝି ରାସ୍ତାରେ ଉମରକୋଟ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସହଧର୍ମିଣୀଙ୍କ ସହ ବୋଲବମ ଭକ୍ତଙ୍କ ସହ ମିଶି ଭଗବାନ ଶିବଙ୍କ ନାରା ଦେଇ ଭକ୍ତମାନଙ୍କୁ ଉତ୍ସାହିତ କରି ଥଣ୍ଡା ପାନୀୟ ଓ ମିଷ୍ଟାନ ବଣ୍ଟନ କରିଥିଲେ। ମାନ୍ୟବର ମନ୍ତ୍ରୀଙ୍କ ସହ ରାଇଘର ବ୍ଲକର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଲୋକସଭା ସାଂସଦଙ୍କ ପ୍ରତିନିଧି ମଧ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ରାଇଘର ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଂଚି ଲମ୍ବା ଧାଡିରେ ଠିଆହୋଇ ଶାନ୍ତି ପୂର୍ଣ୍ଣ ଭାବରେ ଶିବପାର୍ବତୀଙ୍କ ଦର୍ଶନ କରି ଶିବ ଲିଙ୍ଗରେ ଜଳାଭିଶେକ କାରିଥିଲେ।

## ବିଦ୍ୟାଳୟ ପରିସରରେ ଚାରା ରୋପଣ

**ବାଲିଅନ୍ତା,୨୮।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପୁରଣ ପଧାନ ଗ୍ରାମ ପଞ୍ଚାୟତ ଅଧୀନ ବିଶୁନିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଇନଜୀବୀ ସୁରେଶ କୁମାର ଦାସ, ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି, ପ୍ରଧାନ ଶିକ୍ଷୟିତ୍ରୀ ସୁନେଇ ନାୟକ, ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ବେହେରା, ଡଲି ପାତ୍ର, ଜାଜ୍ଞେଶ୍ୱରୀ ରାଉତ, ସୁଦିପ୍ତ ପ୍ରଧାନ ଓ ଗ୍ରାମସାଥି ରମେଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍କୁଲ ପରିସରରେ ପିଜୁଳି, ବଉଳ, ଅଁଳା ଏବଂ ଆମ୍ବ ଆଦି ଚାରା ରୋପଣ କରିଥିଲେ । ଏହା ସହିତ ସ୍ଥାନୀୟ ଲୋକ ଏବଂ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା ।



## ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଯୋଗଦେଲେ ଅମ୍ରିତ ଋତୁରାଜ

**ଖୋର୍ଦ୍ଧା,୨୮।୭ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ୨୦୧୫ ବ୍ୟାଚ ଆଇ ଏ ଏସ ଅମ୍ରିତ୍ ଋତୁରାଜ ଖୋର୍ଦ୍ଧା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଭାବେ ଯୋଗଦାନ କରିଛନ୍ତି। ଶ୍ରୀ ଋତୁରାଜ ଯୋଗଦାନ କଲାପରେ ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଠାରୁ ଜିଲ୍ଲାପାଳ ଦାୟିତ୍ୱ ଭାର ଗ୍ରହଣ କରିଥିଲେ।



ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ୍, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର, ସମୁଚିତା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଖୋର୍ଦ୍ଧା ଲକ୍ଷ୍ମଣ କୁମାର ବେହେରା, ଭୁବନେଶ୍ୱର ଜିତେନ୍ଦ୍ରିୟ ଜେନା ଏବଂ ବହୁ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ।

ସେହିପରି ଖୋର୍ଦ୍ଧା ପ୍ରେସ କ୍ଲବ୍ ତରଫରୁ ସାମ୍ବାଦିକମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଏକ ପ୍ରଶ୍ନୋତ୍ତରରେ ଜିଲ୍ଲାପାଳ କହିଥିଲେ ଯେ ସରକାରଙ୍କର ବିଭିନ୍ନ ଉନ୍ନତି ମୂଳକ ଯୋଜନାର ସଫଳ ରୂପାୟନ ଏଜେଣ୍ଡା ଜିଲ୍ଲାରେ କାର୍ଯ୍ୟକାରିତା, ଲୋକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରି ପ୍ରଶାସନ ଓ ସରକାରଙ୍କ ଉପରେ ଲୋକମାନଙ୍କ ଆସ୍ଥା ବିଶ୍ୱାସ ସୃଷ୍ଟି କରିବା, ଜମିଜମା ସମସ୍ୟା ସମାଧାନ, ଖୋର୍ଦ୍ଧା ଶିଳ୍ପାଞ୍ଚଳ ହବ୍‌ର ପରିକଳ୍ପନା ଓ କୃଷି ଓ ଆନୁସଙ୍ଗିକ କୃଷି ଭିତ୍ତିକ ଉନ୍ନତି ଦିଗରେ ସେ ପ୍ରାଥମିକତା ପ୍ରଦାନ କରିବେ ବୋଲି କହିଥିଲେ ।

## କୋଶାଗୁମୁଡ଼ାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୨୮।୭ (ସଂଚାର ବ୍ୟୁରୋ):** ଆଜି କୋଶାଗୁମୁଡ଼ା ପଂଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ,ପ୍ରକଳ୍ପ ପ୍ରଶାସକ,ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ରାଜୀବ ଲୋଚନ ସାହୁ , ବି ଡି ଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୨୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୨୦ଟି ହୁଇଲ ଚେୟାର ଓ ୬ଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

## ବାଟରେ ଖରାପ ହେଲା ୧୦୮ଆମ୍ବୁଲାନ୍ସ, ଯନ୍ତ୍ରଣାରେ ରୋଗୀ ଛଟପଟ

**କାକଟପୁର/ଅସ୍ତରଙ୍ଗ,୨୮।୭ (ସଂଚାର ବ୍ୟୁରୋ):** ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଅଧା ବାଟରେ ପଞ୍ଚର ହୋଇଗଲା। ଫଳରେ ଆମ୍ବୁଲାନ୍ସ ଭିତରେ ଦୀର୍ଘ ସମୟ ଧରି ଛଟପଟ ହେଲେ ରୋଗୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସୋମବାର ଦିନ ଅପରାହ୍ନ ୩ଘ ୨୪ମିନିଟ ସମୟରେ କଣ୍ଟାପଡା ଗ୍ରାମର ଝରଣା ଦାସ (୪୨) ବିଷ ପିଇଦେଇଥିବାରୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପୁରୀ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଗୁରୁତର ରୋଗୀକୁ ନେଇ ଯାଉଥିବା




ଆମ୍ବୁଲାନ୍ସ କାକଟପୁର ରୁ କୋଣାର୍କ ମୁଖ୍ୟ ରାସ୍ତା ଇନ୍ଦୀରା ବଜାର ନିକଟରେ ଗାଡି ପଞ୍ଚର ହେବାରୁ ଦୀର୍ଘ ସମୟ ରୋଗୀ ଯନ୍ତ୍ରଣା ଭୋଗିଥିଲା। ରୋଗୀ ଜଣକ କଷ୍ଟ ପାଉଥିଲେ ମଧ ଏ ନେଇ ୧୦୮ଆମ୍ବୁଲାନ୍ସ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନିଆଯାଇ ନଥିଲା।

ଘଟଣା ଜଣା ପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୦୮ ଆମ୍ବୁଲାନ୍ସ ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ମରାମତି କରାଯାଉ ନଥିବା ଯୋଗୁଁ ବାରମ୍ବାର ଏଭଳି ଘଟଣା ବିଭିନ୍ନ ସମୟରେ ଘଟୁଥିବା ଓ ରୋଗୀମାନେ ହଇରାଣ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ନିଃସ୍ୱାର୍ଥ ପରିବାର ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ




**ଗୋପ,୨୮।୭ (ସଂଚାର ବ୍ୟୁରୋ):** ଗୋପର ଏକ ଅଗ୍ରଣୀ ସ୍ୱାସ୍ଥାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟକ ସମୟରେ, ଚାରାରୋପଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସଫେଇ କାର୍ଯ୍ୟକ୍ରମ ସହିତ ନିରାଶ୍ରୟ ଓ ଅସହାୟଙ୍କୁ ଅନେକ ସମୟରେ ସହାୟତାର ହାତ ବଢ଼ାଇ ଆସିଛି। ନିଃସ୍ୱାର୍ଥପର ଭାବ ନିଃସ୍ୱବାର୍ଥ ପରିବାର ସଂଗଠନର କାର୍ଯ୍ୟକର୍ତ୍ତା ନିରନ୍ତର ଭାବରେ ତାଙ୍କର ଏପରି କାର୍ଯ୍ୟକ୍ରମ ପାଇଁ ଅନେକ ସଂଗଠନ ତରଫରୁ ମାନପତ୍ର ସହିତ ପ୍ରଶଂସା ସାଉଁଟିଛନ୍ତି। ଆଜି ନିଃସ୍ୱର୍ଥ ପରିବାର ତରଫରୁ ଶତାଧିକ କାର୍ଯ୍ୟକର୍ତ୍ତା ଗୋପ ଅଖଣ୍ଡଳଶ୍ୱର ପୀଠ ଠାରୁ ଗୋପ ଡାକ ବଙ୍ଗଳା ପର୍ଯ୍ୟନ୍ତ ୭୦ରୁ ଉର୍ଦ୍ଧ ବଉଳ ବୃକ୍ଷ ଲଗାଇଥିଲେ। ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ବୁଦ୍ଧିଜୀବୀ ଭଗବାନ ସାହୁ, ଡା. ପୂର୍ଣ୍ଣଚନ୍ଦ୍ର ପାଣି, ଆଦିକାନ୍ତ ମହାନ୍ତି, ପ୍ରଦୀପ ପାଇକରା, ତ୍ରୈଲୋଚନ ପ୍ରଧାନ, ଦୁଃଖିଶ୍ୟାମ ସେନାପତି, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନର ଉପଦେଷ୍ଟା ସମରେନ୍ଦ୍ର ସିଂ, ପ୍ରକାଶ ଚନ୍ଦ୍ର ଖଟୋଇ, ସଂଗଠନ ସଭାପତି ରତ୍ନାକର ସେଠୀ ଏବଂ ସମ୍ପାଦକ ସିଲନ କୁମାର ମହାନ୍ତି ଙ୍କ ସମେତ ସଂଗଠନର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ




**ବ୍ରହ୍ମପୁର,୨୮।୭ (ସଂଚାର ବ୍ୟୁରୋ):** ରବିବାର ଦିନ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ଗଞ୍ଜାମ ଜିଲ୍ଲାର ବାର୍ଷିକ ବୈଠକ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର କାର୍ଯକାରୀ ସଦସ୍ୟ ଆମ୍ଲେନ୍ଦୁ ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲ୍ଲା ସଭାପତି ଶିବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ସଦାଶିବ ପ୍ରଧାନ ବାର୍ଷିକ ଆୟ ବ୍ୟୟ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥି ମାନେ ନୂତନ ଭାବେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରେ ଯୋଗ ଦେଇଥିବା ଶିକ୍ଷକ ମାନକୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ଦୀପକ ରାଉଳ ଯୋଗଦେଇ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ବିଗତ ଦିନରେ ସଂଗଠନ ମୁଖ୍ୟଙ୍କ ସହ ଆଲୋଚନା କରିଥିବା ବିଷୟ ଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ସଂଘର ନୂତନ କାର୍ଯକାରୀ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଥିଲା। ଜିଲ୍ଲା ସଭାପତି ରୁପେ ଶିବ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଗୌଡ଼, ଉପ ସଭାପତି ରୁପେ ସୁନିଲ କୁମାର ପରିଡ଼ା, ରିତାଞ୍ଜଳି ଶତପଥୀ, ଯୁଗ୍ମ ସମ୍ପାଦକ ଏସ ସତ୍ୟେଶୁ କୁମାର୍ ଆଚରି, ଲିଲି ଜେନା, କୋଷାଧକ୍ଷ ଅନାମ ବେହେରା, ସହ କୋଷାଧକ୍ଷ ରୁପେ ଗୀତିକା କୁମାରୀ, ମିଡ଼ିଆ ପ୍ରଭାରୀ ରୁପେ ଅରୁଣ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ସମସ୍ତ ନିର୍ବାଚିତ ସଦସ୍ୟଙ୍କୁ ପୂର୍ବତନ ପ୍ରତିନିଧି ମାନେ ପୁଷ୍ପଗୁଛ ଦେଇ ସ୍ୱାଗତ କରିଥଲେ। ଶେଷରେ ଜଗଦୀଶ ମୁନି ସଂଘର ସବିଶେଷ ତଥ୍ୟ ପ୍ରଦାନ କରିଥିବା ବେଳେ ସଂଗ୍ରାମ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଫେମିନା ୱୁମେନ୍ ଆଚିଭର୍ସ, ଓଡ଼ିଶା-୨୦୨୫ ସମ୍ମାନ
# ସୋଆର ମହିଳା ୱର୍କଫୋର୍ସକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୨୮।୭ (ସଂଚାର ବ୍ୟୁରୋ):** ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ୱର୍କଫୋର୍ସକୁ ଫେମିନା ୱୁମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି। ଶନିବାର ଭାରତର ଅଗ୍ରଣୀ ମହିଳା ଭିତିକ ପ୍ରତ୍ରିକା ଫେମିନା ପକ୍ଷରୁ ଆୟୋଜିତ ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ପ୍ରଦାନ ଉତ୍ସବରେ ସୋଆର ମହିଳା ୱର୍କଫୋର୍ସକୁ ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି।




ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେତୃତ୍ୱ ନେଇ ସୋଆର ୱୁମେନ୍ ୱର୍କଫୋର୍ସକୁ 'ଏକ୍ସିଲେନ୍ସ ଇନ୍ ଏଜୁକେସ୍‌ନାଲ ଲିଡରସିପ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟସ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଓ ଜାଗୋର ମେଣ୍ଟର ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ 'ଆଉଟଷ୍ଟାଣ୍ଡିଙ୍ଗ କଣ୍ଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଣ୍ଟ ଇନ୍ ଏଜୁକେସନ ଆଣ୍ଡ ହେଲ୍‌ଥ କେୟାର' ସମ୍ମାନ ପ୍ରଦାନ କରାଯାଇଛି।

ସୋଆ ପକ୍ଷରୁ ଚିଫ୍ ଫ୍ୟାସିଲିଟେଟିଙ୍ଗ ଅଫିସର ଶ୍ରୀମତି ପ୍ରତିମା ରାଉତରାୟ, ସୋଆ ଫାର୍ମାସୀ ମୁଖ୍ୟ ଡକ୍ଟର ଜସ୍ମୀନ ପଣ୍ଡା, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ପ୍ରଫେସର ଅରୋଲିପି ଦାସ, ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଇଂ ମନୋରମା ପରିଡ଼ା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିଜିଏମ୍ ଶ୍ରୀମତି ପୁଷ୍ପାଞ୍ଜଳୀ ରାଉତ୍, ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମୀନତି ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ – ୨ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି କମଳିନୀ ମଲ୍ଲିକ, ସୋଆ ରେଡିଓର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ, ସୋଆ ଫାର୍ମସୀର ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ସୋଆ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ପ୍ରଫେସର ସସ୍ମିତା ମହାନ୍ତି ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଏବଂ ସୋଆ ଆଲୁମିନାଇର ସଭାପତି ଡକ୍ଟର ସୁସ୍ମିତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ।

ସେହିପରି ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ବିଶିଷ୍ଟ ସାହିତ୍ୟିକା ତଥା ସୋଆର ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କୁ 'ଏକ୍ସିଲେନ୍ସ ଇନ୍ ଲିଟରେଚର' ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କଳା, ସାହିତ୍ୟ, ବିଜ୍ଞାନ, ଗବେଷଣା, ବ୍ୟବସାୟ, କ୍ରୀଡ଼ା, ଫ୍ୟାଶନ୍, ସାମାଜିକ ନେତୃତ୍ୱ, ସମାଜ ସେବା, ଚଳଚ୍ଚିତ୍ର, ସାମ୍ବାଦିକତା, ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ପ୍ରାୟ ୨୫ ଜଣ ମହିଳାଙ୍କୁ ଫେମିନା ଆଚିଭର୍ସ ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବଲିଉଡ୍ ଅଭିନେତା ଅମୋଲ୍ ପରାଶର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ୱିମେନ୍ ଆଚିଭର୍ସଙ୍କୁ ଅନ୍ୟ ଅତିଥି ମାନଙ୍କ ସହ ସମ୍ମାନିତ କରିଥିଲେ।

### ମାଲିରେ ୩ ଭାରତୀୟଙ୍କୁ ଅପହରଣ ମାମଲା

# ଏବେ ବି ମିଳିନି ଗଞ୍ଜାମ ଯୁବକଙ୍କ ପତ୍ତା



- ପୁଲିସ୍ ପାଖରେ ନାହିଁ କିଛି ବି ସୂଚନା
- ଟ୍ୱିଟ୍‌ରେ ସୀମିତ ସରକାରଙ୍କ ଦାୟିତ୍ୱ
- ମା' ଆଖିରୁ ଶୁଖୁନି ଲୁହ

**ହିଞ୍ଜିଳିକାଟୁ/ବ୍ରହ୍ମପୁର,୨୮।୭(ସଂଚାର ବ୍ୟୁରୋ):** ଆଫ୍ରିକୀୟ ଦେଶ ମାଲିରେ ଗତ ୧ ତାରିଖରୁ ଅଲ୍‌କାଏଦା ସହ ଜଡ଼ିତ ଏକ ଆତଙ୍କୀ ସଂଗଠନର ସଦସ୍ୟଙ୍କ ଦ୍ୱାରା ୩ ଜଣ ଭାରତୀୟ ଅପହୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ମଧ୍ୟ ଥିଲେ। ସେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳିକାଟୁ ବ୍ଲକର ସମରଝୋଳ ଗ୍ରାମର ପି. ଭେଙ୍କଟରମଣ (୨୮)। ତେବେ ଏହି ଘଟଣାକୁ ମାସେ ପୂରିବାକୁ ବସିଥିଲେ ହେଁ କୌଣସି ସୂତ୍ରରୁ ବି ଭେଙ୍କଟରମଣଙ୍କ ପତ୍ତା ମିଳିପାରୁନାହିଁ। ଇତିମଧ୍ୟରେ ପରିବାର ଲୋକେ ଦୁଇ ଦୁଇ ଥର ନିକଟସ୍ଥ ଥାନାରେ ପହଞ୍ଚି ଅଭିଯୋଗ କରିସାରିଥିଲେ ମଧ୍ୟ ପୁଲିସ୍ କୌଣସି ପ୍ରକାର ସୂଚନା ଦେବାରେ ସକ୍ଷମ ହୋଇପାରିନାହିଁ। ମା' ପି. ନାର୍ସମାଙ୍କ ଅଭିଯୋଗ ଅନୁସାରେ, ଭେଙ୍କଟରମଣ ପଶ୍ଚିମ ଆଫ୍ରିକାର କାୟେସ୍‌ଠାରେ ଥିବା ଡାଇମଣ୍ଡ୍ ସିମେଣ୍ଟ ଫ୍ୟାକ୍ଟରିରେ କାମ କରୁଥିବା ବେଳେ ସେଠାରୁ ତାଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇଥିଲେ। ସେ ଭାରତୀୟ କମ୍ପାନୀ 'ବ୍ଲୁ ଷ୍ଟାର'ର ମୁମ୍ବାଇ କାର୍ଯ୍ୟାଳୟରେ କାମ କରୁଥିଲେ ହେଁ ତାଙ୍କୁ ପାଖାପାଖି ୬ ମାସ ତଳେ କମ୍ପାନୀ ପକ୍ଷରୁ ମାଲି ପଠାଯାଇଥିଲା। ଉକ୍ତ ସିମେଣ୍ଟ୍ କମ୍ପାନୀରେ ଭାରତୀୟଙ୍କ ସମେତ ବିଭିନ୍ନ ବିଦେଶୀ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ତେବେ ଅଲ୍‌କାଏଦା ସହ ଜଡ଼ିତ ଥିବା ଜେଏନ୍‌ଆଇଏମ୍ ଭେଙ୍କଟରମଣଙ୍କ ସମେତ ୩ ଜଣ ଭାରତୀୟଙ୍କୁ ଅପହରଣ କରିନେଇଥିବା ବେଳେ ତାଙ୍କ ସମ୍ପର୍କରେ ବ୍ଲୁ ଷ୍ଟାର୍ ମଧ୍ୟ ପରିବାର ଲୋକଙ୍କୁ କୌଣସି ସୂଚନା ଦେଉନଥିବା ନାର୍ସମା କହିଛନ୍ତି। ବରଂ ଏ ସମ୍ପର୍କରେ ଗଣମାଧ୍ୟମରେ ସୂଚନା ଦେବାରୁ ପରିବାର ଲୋକଙ୍କୁ କମ୍ପାନୀ ପକ୍ଷରୁ ଧମକ ଦିଆଯାଉଥିବା ନାର୍ସମା କହିଛନ୍ତି। ଭେଙ୍କଟରମଣଙ୍କର କୌଣସି କ୍ଷତି ହେଲେ କମ୍ପାନୀ ଦାୟୀ ରହିବ ନାହିଁ ବୋଲି ରୋକ୍‌ଠୋକ୍ କହିଥିବା ନାର୍ସମା କହିଛନ୍ତି। ତେଣୁ ଏନେଇ ସେ ହିଞ୍ଜିଳି ଥାନାରେ ଭେଙ୍କଟରମଣଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ।

ଏଥିସହ ପରିବାର ଲୋକେ ପୁଅକୁ ଉଦ୍ଧାର କରିବା ସକାଶେ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଓ ବିରୋଧୀ ଦଳ ନେତା ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକଙ୍କୁ ଜଣାଇବା ପରେ ଏ ସମ୍ପର୍କରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଟ୍ୱିଟ୍ ମାଧ୍ୟମରେ ଭେଙ୍କଟରମଣଙ୍କୁ ଆତଙ୍କବାଦୀଙ୍କ କବଳରୁ ଯଥାଶୀଘ୍ର ମୁକ୍ତ କରିବା ସକାଶେ ନିବେଦନ କରାଯାଇଥିଲା। ସେହିପରି ସ୍ଥାନୀୟ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ପରିବାରବର୍ଗ ଅବଗତ କରି ଭେଙ୍କଟରମଣଙ୍କୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ପରିବାର ଲୋକେ ଗୁହାରି କରିଥିଲେ। ଏହି ଘଟଣାରେ ହିଞ୍ଜିଳିକାଟୁ ତହସିଲଦାର ଓ ବିଡିଓ ଭେଙ୍କଟରମଣଙ୍କ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେଇଥିଲେ।



ଜିଲ୍ଲାପାଳଙ୍କ ସହ ଏନେଇ ଯୋଗାଯୋଗ କରାଯାଉଛି ଓ ଗୃହ ବିଭାଗକୁ ମଧ୍ୟ ଚିଠି ମାଧ୍ୟମରେ ଜଣାଯାଇଥିବା ସେମାନେ କହିଥିଲେ। କିନ୍ତୁ ସେବେଠାରୁ ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ। ତେଣୁ ଭେଙ୍କଟରମଣ କେଉଁଠି କିପରି ଅବସ୍ଥାରେ ରହିଛି, ଏହା ଚିନ୍ତା କରି କରି ପରିବାର ଲୋକେ ବିଳଚିତ ହୋଇପଡ଼ିଲେଣି। ମା' ନାର୍ସମାଙ୍କ ଆଖିରୁ ଲୁହ ଶୁଖୁନାହିଁ। ତେଣୁ ପରିବାର ଲୋକେ ଖୁବ୍‌ଶୀଘ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବେ ବୋଲି କହିଛନ୍ତି।

# ବାଲେଶ୍ୱରରୁ ବନ୍ଧାହେଲେ ଦିଲ୍ଲୀ ଲୁଟେରା

- ମାଲିକଙ୍କୁ ଲୁଟି ଘରକୁ ପଳାଇଆସିଥିଲା ରୋଷେୟା
- ୩ ଅଭିଯୁକ୍ତ ଗିରଫ, ଲୁଟ୍ ୧ କୋଟିରୁ ୪୫ ଲକ୍ଷ ଜବତ

**ବାଲେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ଦିଲ୍ଲୀରୁ ଚୋରି କରିଥିବା ଅଭିଯୋଗରେ ଆଜି ସ୍ଥାନୀୟ ନୀଳଗିରି ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କୁ ଦିଲ୍ଲୀ ପୁଲିସ୍ ଗିରଫ କରିଛି। ଗିରଫ ପରେ ଉକ୍ତ ଲୁଟେରାକୁ ପୁଲିସ୍ ଜେଲ୍‌କୁ ପଠାଇ ଦେଇଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ କାଶୀନାଥ ମଲ୍ଲିକ (୩୦) ବୋଲି ଜଣାପଡ଼ିଛି। ସେ ଦିଲ୍ଲୀର ଜନୈକ ବିଲଡରଙ୍କ ଘରେ ରୋଷେୟା ଭାବେ କାମ କରିଆସୁଥିଲେ। ସେ ମଧ୍ୟ ଘର ମାଲିକଙ୍କ ବିଶ୍ୱସ୍ତ ହୋଇଥିବାରୁ ତାଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ମାଲିକ ବିଶ୍ୱାସ କରିଥିଲେ। କିନ୍ତୁ କାଶୀନାଥ ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ସେଠାରୁ ପାଖାପାଖି ୧ କୋଟି ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ସମ୍ପୃକ୍ତ ଘର ମାଲିକ ପୁଲିସ୍‌ରେ ମାମଲା ରୁଜୁ କରିବା ପରେ ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ଏହି ଚୋରି ଘଟଣାରେ କାଶିନାଥଙ୍କୁ ଉକ୍ତ ବିଲ୍‌ଡରଙ୍କ ଘରେ କାମ କରୁଥିବା ଦୁଇ ଜଣ ବ୍ୟକ୍ତି ମଧ୍ୟ ସହାୟତା କରିଥିଲେ। ସେମାନେ ଦିଲ୍ଲୀ ଷ୍ଟେସନ୍‌ରୁ ଚୋରି ଟଙ୍କା ଭାଗବଣ୍ଟା କରି ନିଜ ନିଜ ରାସ୍ତାରେ ଚାଲିଯାଇଥିଲେ। ଦିଲ୍ଲୀ ପୁଲିସ୍ ଛାନ୍‌ଭିନ୍ କରିବା ସହ ନୀଳଗିରିରେ ପହଞ୍ଚି କାଶିନାଥଙ୍କୁ ଗିରଫ କରିଛି। ଲୁଟ୍ ପରେ କାଶିନାଥ ତାଙ୍କ ଘର ଈଶ୍ୱରପୁର ଥାନାଞ୍ଚଳର ଭୀମେଇ ଗାଁକୁ ପଳାଇଆସିଥିଲେ। ତାଙ୍କଠାରୁ ପୁଲିସ୍ ୨୦ ଲକ୍ଷ ଟଙ୍କା ଜବତ କରିଛି। ସେହିପରି




ଦିଲ୍ଲୀ ପୁଲିସ୍ ମାମଲା ସହ ଜଡ଼ିତ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଜଗବନ୍ଧୁ ମଲ୍ଲିକ (୨୭) ଓ ଆଶୁତୋଷ ମଲ୍ଲିକ (୩୦) ଙ୍କୁ ମଧ୍ୟ ଗିରଫ କରିଛି। ଜଗବନ୍ଧୁଙ୍କୁ ଦିଲ୍ଲୀ ଷ୍ଟେସନ୍‌ରୁ ଧରିଥିବା ବେଳେ ଦିଲ୍ଲୀ ପୁଲିସ୍ ଆଶୁତୋଷଙ୍କୁ ବିହାରର ପାଟନା ଷ୍ଟେସନ୍‌ରୁ ଧରିଥିବା ଜଣାପଡ଼ିଛି। ଏଥିସହ ସେମାନଙ୍କ ନିକଟରୁ ମଧ୍ୟ ପୁଲିସ୍ ଲୁଟ୍ ଟଙ୍କା ମଧ୍ୟରୁ ୨୫ ଲକ୍ଷ ଉଦ୍ଧାର କରିଛି। ଏହି ଲୁଟ୍ ଘଟଣାରେ କାଶିନାଥ ମାଷ୍ଟର୍‌ମାଇଣ୍ଡ୍ ଥିବା ପୁଲିସ୍ କହିଛି।

# ଉଚ୍ଚଶିକ୍ଷା ବିଭାଗ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍

### ରେଭେନ୍ସା ୱେବ୍‌ସାଇଟ୍‌ରେ ଆସୁଛି ବେଟିଂ ଆପ୍

**ଭୁବନେଶ୍ୱର/କଟକ,୨୮।୭(ସଂଚାର ବ୍ୟୁରୋ):** ଗତ ୪ ତାରିଖଠାରୁ ଉଚ୍ଚଶିକ୍ଷା ବିଭାଗ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍ ହୋଇଛି। ଏଥିରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅପଲୋଡ୍ ହୋଇଥିବା ତଥ୍ୟ ସ୍ଥାନରେ ବିଭିନ୍ନ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ୍ କରାଯାଇଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏହି ହ୍ୟାକ୍ କରାଯାଇଛି, ସେନେଇ ବିଭାଗ କିଛି ବି ସ୍ପଷ୍ଟ କରିପାରିନାହିଁ। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବସାଇଟ ବି ହ୍ୟାକ୍ ହୋଇଥିବା ଜଣାପଡ଼ିଛି। ଗତକାଲି ରାତିରେ ଏହା ଜଣାପଡ଼ିଥିଲା। ରେଭେନ୍ସା ୱେବସାଇଟ୍‌ରେ କ୍ଲିକ କଲେ କୌଣସି ତଥ୍ୟ ବଦଳରେ ଏକ ବେଟିଂ ପ୍ଲାଟଫର୍ମର ଲିଙ୍କ ଆସୁଛି। ଡେକ୍ସଟପ୍‌ରେ ରେଭେନ୍ସା ୱେବସାଇଟ୍ ଖୋଲିଲେ ବିଶ୍ୱବିଦ୍ୟାଳୟ ସମ୍ପର୍କରେ କିଛି ବି ତଥ୍ୟ ଆସୁନି। ସେହିପରି ମୋବାଇଲରେ ୱେବ୍‌ସାଇଟ୍ ଖୋଲିଲେ ବେଷ୍ଟୋ୪ଡି ବେଟିଂ ଆପ୍‌ର ଲିଙ୍କ ଶୋ' କରୁଛି। ତେବେ ଏଭଳି ହ୍ୟାକ୍ ନେଇ ଉଚ୍ଚଶିକ୍ଷା ବିଭାଗ କି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ବିଧିବଦ୍ଧ ସୂଚନା ଦେଇନାହାନ୍ତି।

# କେନ୍ଦ୍ର ଖାଦ୍ୟମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

### ଏଫସିଆଇ ଚାଉଳ ସଂଗ୍ରହ ନେଇ ଆଲୋଚନା କଲେ



**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦିଲ୍ଲୀ ଗସ୍ତ କରି ସେଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତାଲୋଚନାରେ ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ଆଲୋଚନା କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଛନ୍ତି। ଖରିଫ ୨୦୨୪-୨୫ ସମୟରେ ଓଡ଼ିଶା ରେକର୍ଡ ପରିମାଣ ୯୨ ଲକ୍ଷ ୬୪ ହଜାର ୨୩୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଛି। ଅଦ୍ୟାବଧି ରାଜ୍ୟରେ କଦାପି ଏତେ ପରିମାଣର ଚାଉଳ ସଂଗୃହୀତ ହୋଇନଥିଲା। ସେହିପରି ଖରିଫ ଓ ରବି ଫସଲ ସମେତ ରାଜ୍ୟ ଚାହିଦା ପୂରଣ ପରେ ପାଖାପାଖି ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହିଛି। ଏହି ବଳକା ଚାଉଳକୁ ଏଫସିଆଇ ଯଥାଶୀଘ୍ର ଉଠାଇବାର ଆବଶ୍ୟକତା ରହିଛି। କିନ୍ତୁ ଏଫସିଆଇ ବଳକା ଚାଉଳ ସ୍ଥାନାନ୍ତରରେ ମନ୍ଥରତା ଆପଣାଇଥିବାରୁ ଏହା ଧାନ ସଂଗ୍ରହ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଲୋଚନା ବେଳେ କହିଛନ୍ତି।

ଏଥିସହ ଶ୍ରୀ ସିଂହଦେଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସ୍ଥାନାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଛନ୍ତି। ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପୂର୍ବରୁ ଏହି ସମସ୍ୟା ନେଇ କେନ୍ଦ୍ର ଖାଦ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

ଆଲୋଚନା ସମୟରେ ଶ୍ରୀ ସିଂହଦେଓଙ୍କଠାରୁ ସମସ୍ତ ବିଷୟରେ ଶୁଣିବା ପରେ ଶ୍ରୀ ଯୋଶୀ ଏହି ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଶ୍ରୀ ସିଂହଦେଓଙ୍କ ସହ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ମାଳବିକା ଦେବୀ, ପ୍ରତାପ ଷଡ଼ଙ୍ଗୀ, ଭର୍ତ୍ତୃହରି ମହତାବ, ପ୍ରଦୀପ ପୁରୋହିତ, ସୁକାନ୍ତ ପାଣିଗ୍ରାହୀ, ଅନିତା ଶୁଭଦର୍ଶିନୀ, ଅନନ୍ତ ଚରଣ ନାୟକ, ବିଭୁ ପ୍ରସାଦ ତରାଇ, ଡ. ରବୀନ୍ଦ୍ର ନାରାୟଣ ବେହେରା, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ସଞ୍ଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# କୁଟୁମ୍ବ ପେନସନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୨୮।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲାଗି କୁଟୁମ୍ବ ପେନସନ ଘୋଷଣା କରିଥିଲେ। ସେହି ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଖରେ ଦାବି କରାଯାଇଛି। ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସହ ସଂଗଠନର ୩ ଜଣ କର୍ମକର୍ତ୍ତା କୁଳମଣି ରାଉତ, ଶିବନାରାୟଣ ମିଶ୍ର ଓ ଶରତ ଚନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ସୋମବାର ଉତ୍ତରଦାୟାଦ ସଂଗଠନର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ସତ୍ୟବ୍ରତ ସାହୁଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ସାହୁ ଏହାକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଅର୍ଥ ବିଭାଗକୁ ପଠାଇଛନ୍ତି ଓ ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ ରଖାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ୧୯୭୫ ଜରୁରୀକାଳୀନ ସ୍ଥିତିର ବନ୍ଦୀଙ୍କୁ ସମ୍ମାନ ପେନସନ ଇତିମଧ୍ୟରେ ଦିଆଯାଇସାରିଛି। ମୁଖ୍ୟମନ୍ତ୍ରୀ ଉଭୟ କୁଟୁମ୍ବ ପେନସନ ଓ ଜରୁରୀକାଳୀନ ସମ୍ମାନ ଭତ୍ତା ଅଗଷ୍ଟ କ୍ରାନ୍ତି ସମାବେଶ (ଅଗଷ୍ଟ ୯, ୨୦୨୪)ରେ ଘୋଷଣା କରିଥିଲେ। ଏବେ କୁଟୁମ୍ବ ପେନସନ ପ୍ରକ୍ରିୟା ଚୂଡ଼ାନ୍ତ ମୋହର ଅପେକ୍ଷାରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାନୁଯାୟୀ, ୨୦୨୫-୨୬ ବଜେଟରେ ମଧ୍ୟ ଅର୍ଥ ବିଭାଗ କୁଟୁମ୍ବ ପେନସନ ସମ୍ପର୍କରେ ଉଲ୍ଲେଖ କରି ଖୁବଶୀଘ୍ର କାର୍ଯ୍ୟକାରୀ କରିବା ନେଇ ପ୍ରତିଶ୍ରୁତି ଦୋହରାଯାଇଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ବଜେଟ ଉପସ୍ଥାପନ ସମୟରେ ଏ ସମ୍ପର୍କରେ ଉଲ୍ଲେଖ ମଧ୍ୟ କରିଛନ୍ତି। ତେଣୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ସୋମବାର ନିବେଦନ କରାଯାଇଛି।



# ଅଗ୍ନିକାଣ୍ଡରେ ଜଣେ ଜୀବନ୍ତ ଦଗ୍ଧ



**ଅନୁଗୁଳ,୨୮।୭(ସଂଚାର ବ୍ୟୁରୋ):** ଭୟାବହ ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗିବା ଫଳରେ ସମ୍ପୂର୍ଣ୍ଣ ଘର ମଧ୍ୟ ଜଳିଯାଇଛି। ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ଗୀତା ଗାଁରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ସରୋଜ ସାହୁ। ସରୋଜ ଏକ ଭଡ଼ା ଘରେ ନିଜ ପରିବାର ସହ ରହୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ସ୍ତ୍ରୀ ଓ ପୁଅ ଘରେ ନଥିବା ସମୟରେ ଅଚାନକ ଅଗ୍ନିକାଣ୍ଡ ଘଟିଥିଲା। ଏ ସମ୍ପର୍କରେ ଖବର ପାଇ ଅନୁଗୁଳ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସରୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଫିସ ଭିତରେ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଉରକେଲା,୨୮।୭(ସଂଚାର ବ୍ୟୁରୋ):** ରାଉରକେଲା ମହାନଗର ନିଗମ ଅଫିସ ଭିତରେ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ। ଲାଇଭ ଭିଡିଓ କରିବା ପରେ ଅଫିସ ଭିତରେ ଆତ୍ମହତ୍ୟା ଉଦ୍ୟମ। ଉଦ୍ଧାର କଲେ ଉପସ୍ଥିତ କର୍ମଚାରୀ। ରାଉରକେଲା ମହନଗର ନିଗମ ଅଫିସ ଷ୍ଟୋରରେ କାର୍ଯ୍ୟରତ ଥିଲେ। ଅଫିସ ଭିତରେ କବାଟ ଫ୍ୟାନରେ ରଶି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ସ୍ୱାମୀ ରାଉରକେଲା ମହାନଗର ନିଗମରେ ଇଲେକ୍ଟ୍ରିକାଲ ବିଭାଗରେ କାମ କରୁଥିଲେ। ୨୦୧୬ରେ କାମ କରୁଥିବା ବେଳେ ବିଦ୍ୟୁତ ଖୁଣ୍ଟରୁ ପଡି ଜୀବନ ଯାଇଥିଲା। ଏହାପରେ ମହିଳାଙ୍କୁ ଚାକିରି ଓ ଘର ସହ ଆର୍ଥିକ ସହାୟତା ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କୁ ମହନଗର ନିଗମ ଅଧୀନରେ ଚାକିରି ନଦେଇ ଆଉଟସୋର୍ସ ଭାବରେ କାର୍ଯ୍ୟ କରିବାକୁ ଦିଆଯାଇଥିଲା। ବାରମ୍ବାର ମହାନଗର ନିଗମ କମିଶନରଙ୍କୁ ଅଭିଯୋଗ କରି ଅଭିଯୋଗ ପତ୍ର ମାଧ୍ୟମରେ ନିବେଦନ କରିଥିଲେ। ଉଦ୍ଧାର ପରେ ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ରାଉରକେଲା ବିଧାୟକ ମଧ୍ୟ ରାଉରକେଲା ସରକାରୀ ହସ୍ପିଟାଲ ଆସି ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ।

# ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷଙ୍କୁ ଆକ୍ରମଣ

**ଭଦ୍ରକ,୨୮।୭(ସଂଚାର ବ୍ୟୁରୋ):** ବରପଦା ଇଞ୍ଜିନିୟରିଂ କଲେଜରେ ଆଜି ଏକ ଅଘଟଣ ଘଟିଛି। ବରପଦା ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ଅଧ୍ୟକ୍ଷ ଗଙ୍ଗାଧର ଧଳ ତାଙ୍କ ଚାମ୍ବରରେ ବସି କାମ କରୁଥିବା ସମୟରେ ତାଙ୍କୁ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଜଣେ ନିଲମ୍ବିତ କର୍ମଚାରୀ ଓ ତାଙ୍କର କେତେକ ସହଯୋଗୀ ସଂଘବଦ୍ଧ ଭାବେ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ଅଧ୍ୟକ୍ଷ ଶ୍ରୀ ଧଳଙ୍କୁ ବିଧାଗୋଇଠା ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ



ଶ୍ରୀ ଧଳ ଆହତ ହୋଇଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଖବର ପାଇବା ପରେ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଘଟଣା ସମ୍ପର୍କରେ ଶ୍ରୀ ଧଳଙ୍କୁ ପଚରାଉଚରା କରିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ: ୨ ଅଟକ

**କୁଜଙ୍ଗ,୨୮।୭(ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ଅଞ୍ଚଳରୁ ପୁଣି ଏକ ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି। ଏଠାରେ ନିକଟରେ ଜନୈକା ନାବାଳିକା ୭ ମାସର ଗର୍ଭବତୀ ହୋଇଥିବା ବେଳେ ଏବେ ପୁଣି ଜଣେ ନବମ ଶ୍ରେଣୀ ଛାତ୍ରୀ ୪ ମାସର ଗର୍ଭବତୀ ହୋଇ ମାତୃତ୍ୱ ଲାଭ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି।

ମିଳିଥିବା ସୂଚନାନୁସାରେ, କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ଅଞ୍ଚଳର ଉକ୍ତ ନବମ ଶ୍ରେଣୀ ଛାତ୍ରୀଙ୍କର ଭୀଷଣ ରକ୍ତସ୍ରାବ ହେବାରୁ ପରିବାର ଲୋକେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ପରୀକ୍ଷା ପରେ ଡାକ୍ତର ଯାହା କହିଲେ, ସେଥିରେ ତାଙ୍କ ପିତାମାତାଙ୍କ ହୋସ୍ ଉଡ଼ିଯାଇଥିଲା। କାରଣ ସେମାନଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ୪ ମାସର ଗର୍ଭବତୀ ଥିବା ଡାକ୍ତର ପରୀକ୍ଷାରୁ ଜାଣିପାରିଥିଲେ। ସେଠାରୁ ଉକ୍ତ ଛାତ୍ରୀଙ୍କୁ ସଙ୍ଗେ ସଙ୍ଗେ ଜଗତସିଂହପୁର ଜିଲ୍ଲା ଡାକ୍ତରଖାନା



ପଠାଯାଇଥିବା ବେଳେ ଏହି ଘଟଣାରେ କୁଜଙ୍ଗ ପୁଲିସ ଉକ୍ତ ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ସନ୍ଦେହରେ ୨ ଜଣକୁ ଉଠାଇ ଆଣିଥିବା ଜଣାପଡ଼ିଛି। ଉକ୍ତ ଛାତ୍ରୀ ଜଣଙ୍କ ଦେଢ଼ ବର୍ଷ ପୂର୍ବେ ତାଙ୍କ ଉପର ଶ୍ରେଣୀରେ ପଢୁଥିବା ପଡ଼ୋଶୀ ଘରର ନାବାଳକ ସହ ଅନୈତିକ ସମ୍ପର୍କ ରଖିଥିବା ବେଳେ ଏନେଇ ଜୁଭେନାଇଲ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ସମ୍ପୃକ୍ତ ନାବାଳକ ଜଣଙ୍କ ଅଟକ ରହିଥିଲା ଓ କିଛି ଦିନ ପରେ ତାକୁ ପରେ ଛାଡ଼ିଦିଆଯାଇଥିଲା। ତେବେ ଗତକାଲି ରାତିରେ ଉକ୍ତ ଅଭିଯୁକ୍ତ ଜଣଙ୍କ ମହାନଦୀର ଭଣ୍ଡୁଆ ତୁଠରୁ ପାଣି ଉଠାଇ ଏରସମା ପଞ୍ଚପଲ୍ଲିସ୍ଥିତ ଗ୍ରାମେଶ୍ୱରଙ୍କ ପୀଠରେ ପାଣି ଢାଳିବା ପାଇଁ କାଉଡ଼ିଆ ଦଳରେ ଯାଉଥିବା ସମୟରେ କୁଜଙ୍ଗ ପୁଲିସ ଏରସମା ଅଞ୍ଚଳରୁ ଉଠାଇ ଆଣିଛି। ସେହିପରି କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡିଆ ବାଲି ସାହି ଅଞ୍ଚଳର ପିଣ୍ଟୁ ବେହେରାକୁ ମଧ୍ୟ ପୁଲିସ୍ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏହି ଘଟଣାରେ ଆହୁରି ଅନେକ ଯୁବକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ତା'ର ତଦନ୍ତ ଜାରି ରଖିଛି।

# ସ୍ପଷ୍ଟ ଦିବାଲୋକରେ ଅପହରଣ ଉଦ୍ୟମ




**ଢେଙ୍କାନାଳ,୨୮।୭(ସଂଚାର ବ୍ୟୁରୋ):** ସ୍ପଷ୍ଟ ଦିବାଲୋକରେ ଅପହରଣ ଉଦ୍ୟମ ହୋଇଛି। ଅବଶ୍ୟ କୌଶଳକ୍ରମେ ଅପହରଣ ଉଦ୍ୟମ କରୁଥିବା ଦୁର୍ବୃତ୍ତଙ୍କ କବଳରୁ ସମ୍ପୃକ୍ତ ନାବାଳିକା ଜଣଙ୍କ ଖସିଆସିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ନାବାଳିକା ଛାତ୍ରୀଙ୍କୁ ଜୋରଜବରଦସ୍ତି ଅପହରଣ ପାଇଁ ଦୁର୍ବୃତ୍ତମାନେ ଉଦ୍ୟମ କରିଥିଲେ। ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କାରିଗର ସାହି ନିକଟରେ ଏହି ଅପହରଣ ଉଦ୍ୟମ ହୋଇଛି।

ଏନେଇ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସମ୍ପୃକ୍ତ ନାବାଳିକା ଜଣଙ୍କ ସ୍କୁଲକୁ ଯାଉଥିବା ସମୟରେ ଅଚାନକ ତାଙ୍କ ନିକଟରେ ଏକ କାର୍ ଅଟକିଥିଲା। ସେଥିରୁ ୫ ଜଣ ଦୁର୍ବୃତ୍ତ ବାହାରି ଉକ୍ତ ନାବାଳିକାଙ୍କୁ ଜୋର୍‌ଜବରଦସ୍ତି କାର୍ ଭିତରେ ଭର୍ତ୍ତି କରି ଅପହରଣ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ନାବାଳିକା ଜଣଙ୍କ କୌଶଳ କ୍ରମେ ସେମାନଙ୍କୁ ମାତ୍ ଦେବାରେ ସକ୍ଷମ ହୋଇଛନ୍ତି। ଏହି ଅପହରଣ ଉଦ୍ୟମ ଘଟଣାରେ କେଉଁମାନଙ୍କର ସମ୍ପୃକ୍ତି ରହିଛି, ତା' ଜାଣିବା ସକାଶେ ଟାଉନ ଥାନା ପୁଲିସ୍ ଅନୁସନ୍ଧାନ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ କାହାରିକୁ ବି ଗିରଫ କରାଯାଇନଥିବା ଜଣାପଡ଼ିଛି।

# ବ୍ୟାପିଛି ଅଜଣା ଜ୍ୱର, ମେଡିକାଲ ଟିମ୍ ତତ୍ପର

**କୋରାପୁଟ,୨୮।୭(ସଂଚାର ବ୍ୟୁରୋ):** କୋରାପୁଟ ବ୍ଲକ ଅନ୍ତର୍ଗତ ମୋହନପଡ଼ା ଗାଁରେ ଅଜଣା ଜ୍ୱର ଆତଙ୍କ ଖେଳାଇଦେଇଛି। ଏବେ ଗାଁର ଅଧିକାଂଶ ଲୋକ ଏହି ଜ୍ୱରରେ ପୀଡ଼ିତ ଥିବା ବେଳେ ଏଥିରୁ ମହିଳା, ପୁରୁଷ ଓ ପିଲା କେହି ବି ବାଦ୍ ପଡ଼ିନାହାନ୍ତି। ତେବେ ଏନେଇ ଖବର ସାମ୍ନାକୁ ଆସିବା ପରେ ଏକ ମେଡିକାଲ୍ ଟିମ୍ ଉକ୍ତ ଗାଁରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ଜ୍ୱରର ପ୍ରକାର ଜାଣିବା ସକାଶେ ଉଦ୍ୟମ ଚଳାଇଛି।

ମିଳିଥିବା ସୂଚନାନୁସାରେ, ମୋହନପଡ଼ାର ଦୁଇଟି ୱାର୍ଡରେ ପ୍ରାୟ ୩ ଶହରୁ ଘର ଓ ୬ଟି ସାହି ରହିଛି। ସବୁ ସାହିରେ ଏହି ଅଜଣା ରୋଗରେ ଶତାଧିକ ପରିବାର ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗରେ ପୀଡ଼ିତ ହେଉଥିବା ବ୍ୟକ୍ତିଙ୍କର ପ୍ରଥମେ ଗୋଡ଼ହାତ ଫୁଲିଯାଇ ଜ୍ୱର ଓ ପରେ ହାତ ଆଙ୍ଗୁଠି ଏବଂ ଗୋଡ଼ହାତର ଗଣ୍ଠି ଆଦିରେ ଯନ୍ତ୍ରଣା ହେଉଛି। ଆକ୍ରାନ୍ତ ବୟସ୍କମାନେ ଚାଲବୁଲ କରିପାରୁନାହାନ୍ତି। ଆଜିକୁ ପାଖାପାଖି ମାସେ ହେଲା ଏହି ଜ୍ୱର ବ୍ୟାପିଥିଲେ ହେଁ ଅଦ୍ୟାବଧି ଏହାର କାରଣ ଠାବ ହୋଇପାରିନାହିଁ। ଏନେଇ ପଦ୍ମପୁର ପଞ୍ଚାୟତର ଦୁଇ ୱାର୍ଡ ବିଶିଷ୍ଟ ମୋହନପଡ଼ାରେ କାମ କରୁଥିବା ଆଶାକର୍ମୀ ଫୁଲମଣି ଖିଲ କହିଛନ୍ତି ଯେ ପାଖାପାଖି ୫ ଦିନ ତଳେ ଗାଁରେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ ପହଞ୍ଚି ଘରକୁ ଘର ବୁଲୁଛନ୍ତି। ସେମାନେ ପ୍ରାୟ ସମସ୍ତଙ୍କର ରକ୍ତ ନମୁନା ନେଇଛନ୍ତି। କୋରାପୁଟ କି ଜୟପୁରରେ ରକ୍ତ ପରୀକ୍ଷା ହୋଇପାରିନଥିବା ବେଳେ ସେସବୁକୁ ଭୁବନେଶ୍ୱର ପଠାଯାଇଛି। ଅଦ୍ୟାବଧି ରିପୋର୍ଟ ଆସିନାହିଁ। ଅବଶ୍ୟ ଡାକ୍ତରୀ ଟିମ୍‌ର ସଦସ୍ୟମାନେ ଆକ୍ରାନ୍ତମାନଙ୍କୁ ଯେଉଁ ଔଷଧ ଦେଇଛନ୍ତି, ସେଥିରେ କିଛିଟା ଉପଶମ ମିଳୁଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ସୁସ୍ଥ କରିବାରେ ସକ୍ଷମ ହେଉନାହିଁ ବୋଲି ଆଶା କର୍ମୀ ଜଣଙ୍କ କହିଛନ୍ତି। ତେବେ ଏ ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସିଡିଏମ୍‌ଓଙ୍କ କହିଛନ୍ତି ଯେ ପ୍ରାଥମିକ ଅନୁସନ୍ଧାନ ପରେ ଏହା ଚିକୁନ୍‌ଗୁନିଆ ପରି ମନେ ହେଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋହନପଡ଼ାରେ ଏକ ଟିମ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛି ବୋଲି ସେ କହିଛନ୍ତି। ସେହିପରି ଭିସିଆର୍‌ସିର ଅଫିସର ଇନଚାର୍ଜ କହିଛନ୍ତି, ଏହି ଜ୍ୱର ମୁଖ୍ୟତଃ ମଶାଙ୍କ ଯୋଗୁଁ ବ୍ୟାପିଥାଏ। କିନ୍ତୁ ଜ୍ୱରର ଅସଲ କାରଣ ରିପୋର୍ଟ ଆସିବା ପରେ ହିଁ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଏମ୍ସରେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ

**ଭୁବନେଶ୍ୱର, ୨୮।୭ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ହସ୍ପିଟାଲରେ ଜଣେ ମହିଳା ଆଟେଣ୍ଡାଣ୍ଟ୍ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ପୀଡ଼ିତା ଜଣକ ସୋମବାର ଖଣ୍ଡଗିରି ଥାନାରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରବିବାର ବିଳମ୍ବିତ ରାତି ପ୍ରାୟ ୧.୩୦ ବେଳେ ନର୍ସିଂ ଅଫିସର ନାନୁରାମ ଚୌଧୁରୀ ୱାର୍ଡରେ ଥିବା ଡାକ୍ତର ଚାମ୍ବରକୁ ଡାକି ଏଭଳି କାଣ୍ଡ ଘଟାଇଥିବା ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୫୧୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏନେଇ ଏମ୍ସ ମୁଖ୍ୟ ଫାଟକ ନିକଟରେ ପୀଡ଼ିତା ଆଟେଣ୍ଡାଣ୍ଟ୍ ଓ ତାଙ୍କ ସହକର୍ମୀମାନେ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି ସହ ପୀଡିତାଙ୍କୁ ନ୍ୟାୟ ଦେବାକୁ ସେମାନେ ଦାବି କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବ୍ୟାଟେରି ସ୍ୱାପିଂ ଷ୍ଟେସନ୍‌ରେ ପଛୁଆ

## ଦେଶରେ ୨୬୧୧ଟି, ଓଡ଼ିଶାରେ ମାତ୍ର ୨ଟି

**ଭୁବନେଶ୍ୱର, ୨୮।୭(ସଂଚାର ବ୍ୟୁରୋ):** ବ୍ୟାଟେରି ସ୍ୱାପିଂ ଷ୍ଟେସନ୍ ସ୍ଥାପନ କରିବାରେ ଓଡ଼ିଶା ବହୁ ପଛରେ ରହିଛି। ସଂସଦରେ ଉପସ୍ଥାପିତ ତଥ୍ୟ ଅନୁସାରେ ଓଡ଼ିଶାରେ ମାତ୍ର ୨ଟି ସ୍ୱାପିଂ ଷ୍ଟେସନ୍ ରହିଛି। ଚଳିତ ବର୍ଷ ଜୁଲାଇ ୧ ସୁଦ୍ଧା ତଥ୍ୟ ଅନୁସାରେ ସାରା ଦେଶରେ ଏଭଳି ଷ୍ଟେସନ୍ ସଂଖ୍ୟା ୨୬୧୧ ରହିଛି। ବର୍ତ୍ତମାନ ସୁଦ୍ଧା ୧୫ଟି ରାଜ୍ୟରେ ବ୍ୟାଟେରି ସ୍ୱାପିଂ ଷ୍ଟେସନ୍ ସ୍ଥାପନ କରାଯାଇଛି। ଦିଲ୍ଲୀରେ ସର୍ବାଧିକ ୮୭୮ଟି ଓ ଉତ୍ତରପ୍ରଦେଶରେ ଦ୍ୱିତୀୟ ସର୍ବାଧିକ ୮୩୯ଟି ଷ୍ଟେସନ୍ ରହିଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ କର୍ଣ୍ଣାଟକରେ ୩୪୭, ହରିୟାଣାରେ ୧୭୧, ତେଲେଙ୍ଗାନାରେ ୧୪୬, ରାଜସ୍ଥାନରେ ୧୦୪, ବିହାରରେ ୪୮, ମହାରାଷ୍ଟ୍ରରେ ୨୪, ପଞ୍ଜାବରେ ୨୨ ଓ କେରଳରେ ୨୦ଟି ବ୍ୟାଟେରି ସ୍ୱାପିଂ ଷ୍ଟେସନ୍ ରହିଛି। ଅନ୍ୟ କିଛି ରାଜ୍ୟରେ ନାମକୁ ମାତ୍ର ଗୋଟିଏ କିମ୍ବା ଦୁଇଟି ଷ୍ଟେସନ୍ ରହିଛି। ପଶ୍ଚିମବଙ୍ଗରେ ମାତ୍ର ଗୋଟିଏ ବ୍ୟାଟେରି ସ୍ୱାପିଂ ଷ୍ଟେସନ୍ ରହିଛି।

ବ୍ୟାଟେରି ସ୍ୱାପିଂ ଷ୍ଟେସନ୍ ସଂଖ୍ୟା ବଢ଼ାଇବା ଲାଗି ଚଳିତ ବର୍ଷ ଜାନୁଆରି ୧୦ରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା।



ଜାତୀୟ ରାଜପଥ, ଏକ୍ସପ୍ରେସ୍‌ୱେ, ପ୍ରମୁଖ ସଡ଼କପଥ ପାର୍ଶ୍ୱରେ ଏବଂ ସହରାଞ୍ଚଳରେ ଏଭଳି ଷ୍ଟେସନ୍ ସ୍ଥାପନ କରିବା ଲାଗି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ରାଜ୍ୟ ସ୍ତରରେ ଏକ ଷ୍ଟିୟରିଂ କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତି ରାଜ୍ୟର ଏକ ନୋଡାଲ୍ ଏଜେନ୍ସି ରହିବ ଯାହା ବିଦ୍ୟୁତ୍ ବଣ୍ଟନ କମ୍ପାନି (ଡିସ୍‌କମ୍) ଓ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ସହ ସମନ୍ୱୟ ରକ୍ଷା କରି ବ୍ୟାଟେରି ସ୍ୱାପିଂ ଷ୍ଟେସନ୍‌କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇ ସରକାରୀ ସହଭାଗିତା (ପିପିପି) ମୋଡ୍ ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତି କେଡବ୍ଲ୍ୟୁଏଚ୍ ପିଛା ୧ ଟଙ୍କାର ରାଜସ୍ୱ ଭାଗବଣ୍ଟା ମଡେଲ୍ ଆଧାରରେ ସାର୍ବଜନୀନ ଜମି ସରକାର କିମ୍ବା ସରକାରୀ ଉଦ୍ୟୋଗକୁ ଦେବା ଲଗି ପରାମର୍ଶ ଦିଆଯାଇଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯,୯୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୬୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦, ୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯,୯୩୦ ଓ ୯୧ ହଜାର ୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬ ,୦୦୦ ଟଙ୍କା ହୋଇଛି।

# ଏସିଡିଟି ଔଷଧ ରାନିଟିଡିନ୍‌ରେ କ୍ୟାନ୍‌ସର୍ ସୃଷ୍ଟିକାରୀ ଉପାଦାନ

**ନୂଆଦିଲ୍ଲୀ, ୨୮।୭:** ଲୋକପ୍ରିୟ ଏସିଡିଟି ନିବାରକ ଔଷଧ ରାନିଟିଡିନ୍‌ରେ କ୍ୟାନସର୍ ସୃଷ୍ଟିକାରୀ ଉପାଦାନ ଚିହ୍ନଟ ହୋଇଛି। ଏହାର ଏନ୍‌ଡିଏମ୍‌ଏ ସ୍ତରକୁ ନିୟନ୍ତ୍ରଣରେ ରଖିବା ନିଶ୍ଚିତ କରିବାକୁ କେନ୍ଦ୍ରୀୟ ସଂସ୍ଥା ସେଣ୍ଟ୍ରାଲ୍ ଡ୍ରଗ୍‌ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍‌ସିଓ) ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ପାଦିତ ରାନିଟିଡିନ୍‌ଗୁଡ଼ିକୁ ଅଧିକ ଦିନ ଦୋକାନରେ ନ ରଖିବାକୁ ପରାମର୍ଶ ଦିଆଯାଇଛି।

ରାନିଟିଡିନ୍ ପ୍ରସ୍ତୁତିରେ ଅପମିଶ୍ରଣର ସର୍ବେକ୍ଷଣ କରିବା ଲାଗି ଗତବର୍ଷ ଡିସେମ୍ବରରେ ଗଠନ କରାଯାଇଥିବା ଏକ ବିଶେଷଜ୍ଞ କମିଟିକୁ 'ଔଷଧ ବୈଷୟିକ ଉପଦେଷ୍ଟା ବୋର୍ଡ' ଅନୁଶୀଳନ କରିଥିଲା। କେଉଁ ପରିସ୍ଥିତିରେ ସେଥିରେ ଏନ୍‌ଡିଏମ୍‌ଏ ସୃଷ୍ଟି ହେଉଛି ତାହାର ଅନୁଧାନ କରିବା ଲାଗି ଏକ




ବୃହତ୍ତର କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା। ଦୀର୍ଘକାଳୀନ ଭିତ୍ତିରେ ରାନିଟିଡିନ୍ କେତେ ସୁରକ୍ଷିତ ତାହାର ଅନୁଶୀଳନ କରିବା ଲାଗି ଏକ ସର୍ବେକ୍ଷଣ କରିବାକୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍)କୁ ସୁପାରିସ୍ କରାଯାଇଥିଲା। ରାନିଟିଡିନ୍‌କୁ ଦୋକାନରେ ଅଧିକ ଦିନ ନ ରଖିବା, ତାହାର ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା

### ସତର୍କ କଲା କେନ୍ଦ୍ରୀୟ ସଂସ୍ଥା

ଏବଂ ଏନ୍‌ଡିଏମ୍‌ଏ ପରୀକ୍ଷଣ ପ୍ରୋଟୋକଲ୍‌କୁ ବଢ଼ାଇବା ଲାଗି ଔଷଧ ନିର୍ମାତାମାନଙ୍କୁ କୁହାଯାଇଛି। ଫାମୋଟିଡିନ୍ ଓ ପେଣ୍ଟାପ୍ରାଜୋଲ୍ ଭଳି ସୁରକ୍ଷିତ ବିକଳ୍ପ ଥିବା ବେଳେ ରାନିଟିଡିନ୍ ଔଷଧ ଲେଖିବା ବନ୍ଦ ହୋଇଯିବା ଉଚିତ ବୋଲି ଜଣେ ଡାକ୍ତର କହିଛନ୍ତି। ଏନ୍‌ଡିଏମ୍‌ଏ ହେଉଛି ଏକ କ୍ୟାନସର୍ ରୋଗ ସୃଷ୍ଟିକାରୀ ଉପାଦାନ। ଔଷଧରେ ଏହାର ଉପସ୍ଥିତିକୁ ନେଇ ବିଶ୍ୱବ୍ୟାପୀ ଯାଞ୍ଚ ଆରମ୍ଭ ହୋଇଛି। ଆମେରିକାରେ ରାନିଟିଡିନ୍ ବିକ୍ରି ବନ୍ଦ କରାଯାଇଛି। ଭାରତରେ ଅଧିକାଂଶ ବଡ଼ ସହରରେ ଏହାର ବ୍ୟବହାର ବନ୍ଦ ହୋଇଗଲାଣି। କିନ୍ତୁ ଏବେବି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହର ଏବଂ ପ୍ରାଥମିକ କେନ୍ଦ୍ରଗୁଡ଼ିକରେ ତାହା ଦିଆଯାଉଛି।

# ଚରମବାଣୀ ଶୁଣାଇଲା ଆମେରିକା

**ନୂଆଦିଲ୍ଲୀ, ୨୮।୭:** ବାଣିଜ୍ୟ ବୁଝାମଣା ଲାଗି ଉଦ୍ୟମ କରୁଥିବା ଦେଶଗୁଡ଼ିକୁ ଆମେରିକା ଚରମବାଣୀ ଶୁଣାଇଛି। ପାଲଟା ଟିକସ ଲଗାଇବା ଲାଗି ଧାର୍ଯ୍ୟ କରାଯାଇଥିବା ଅଗଷ୍ଟ ୧ ମହଲତ ଆଉ ବଢ଼ିବନି ବୋଲି ଆମେରିକା ବାଣିଜ୍ୟ ମନ୍ତ୍ରୀ ହୋୱାର୍ଡ ଲୁଟ୍‌ନିକ୍ କହିଛନ୍ତି। ଅଗଷ୍ଟ ପହିଲାରୁ ସୀମା ଶୁଳ୍କ ଅଧିକାରୀମାନେ ଟିକସ ଆଦାୟ ଆରମ୍ଭ କରିବେ। ଆଉ କୌଣସି ଅତିରିକ୍ତ ସମୟ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକା ସହ ବାଣିଜ୍ୟ ରାଜିନାମା କରିବା ଲାଗି ୟୁରୋପୀୟ ସଂଘ (ଇୟୁ) ଉପରେ ପ୍ରବଳ ଚାପ ରହିଛି। ଇୟୁ ଉପରେ ୩୦ ପ୍ରତିଶତ ଟିକସ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ନିର୍ଧାରିତ ସମୟ ପୂର୍ବରୁ ଏହି ରାଜିନାମା ହେବାର ସମ୍ଭାବନା ୫୦:୫୦ ରହିଥିବା ଲୁଟ୍‌ନିକ୍ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ରିଟେନ୍, ଭିଏତ୍‌ନାମ, ଇଣ୍ଡୋନେସିଆ,

**ଅଗଷ୍ଟ ୧ ପରେ ମହଲତ ବଢ଼ିବନି**

ଫିଲିପାଇନ୍ସ ଓ ଜାପାନ ପକ୍ଷରୁ ଆମେରିକା ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରାଯାଇଛି। ଭାରତ ସରକାର ମଧ ଆମେରିକା ସହ ମୁଲଚାଲ ଜାରି ରଖିଛନ୍ତି। କିନ୍ତୁ ଅଗଷ୍ଟ ୧ ଆଉ ଅଳ୍ପ ଦିନ ବାକି ଥିବା ବେଳେ ସେହି ସମୟ ଭିତରେ କୌଣସି ରାଜିନାମା ହେବାର ସମ୍ଭାବନା କମ୍ ରହିଛି। ଦୁଗ୍ଧଜାତ ଓ କୃଷିଜାତ ସାମଗ୍ରୀ ଲାଗି ନିଜ ବଜାର ଖୋଲିବାକୁ ଭାରତ ଉପରେ ଆମେରିକା ଚାପ ପକାଉଛି। ସେଥିରେ ଭାରତ ରାଜି ହେଉନାହିଁ। ସେଥିପାଇଁ ଉଭୟ ପକ୍ଷ ମଧ୍ୟରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନି। ଇତି ମଧ୍ୟରେ ବ୍ରିଟେନ୍ ସହ ଭାରତ ଏହାର ଐତିହାସିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି। ଭାରତ ଉପରେ ଆମେରିକା ୨୬ ପ୍ରତିଶତ ପାଲଟା ଟିକସ ଲଗାଇବାକୁ ଘୋଷଣା କରିଥିଲା। ତେଣୁ ଅଗଷ୍ଟ ୧ରୁ ତାହା ଲାଗୁ ହେଉଛି ନା ନାହିଁ, ସେହି ସମୟ ଆସିଲେ ଜଣାପଡ଼ିବ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



# ଆମାଜନରୁ ୧.୫ ବିଲିୟନ ଡଲାରର ସେୟାର ବିକ୍ରି କରିଦେଲେ ଜେଫ ବେଜୋସ୍

**ୱାଲଷ୍ଟ୍ରିଟ୍ ୨୮।୭:** ଆମାଜନ ସଂସ୍ଥାପକ ଜେଫ ବେଜୋସ୍ ଜୁଲାଇ ୩୧ରେ କମ୍ପାନୀର ଦ୍ୱିତୀୟ ତ୍ରୈମାସିକ ଆୟ ଘୋଷଣାର କିଛି ଦିନ ପୂର୍ବରୁ ଆମାଜନରେ ତାଙ୍କ ଥିବା ଅଂଶରୁ ଏକ ବଡ଼ ଭାଗ ବିକ୍ରି କରିଦେଇଛନ୍ତି। ୨୧ ଓ ୨୨ ଜୁଲାଇରେ ମୋଟ ୬.୬ ମିଲିୟନ ସେୟାର ବିକ୍ରି କରିଛନ୍ତି,ଯାହାର ମୂଲ୍ୟ ୧.୫ ବିଲିୟନ ଡଲାର ଆକଳନ କରାଯାଉଛି। ବ୍ୟାରୋନ୍ସ ରିପୋର୍ଟ ଅନୁସାରେ ଏହି ନେଣଦେଣ ସମ୍ପର୍କରେ ଆମେରିକା ପ୍ରତିଭୂତି ଓ ବିନିମୟ ଆୟୋଗ (ଏସଇସି)



ରେ କରାଯାଇଥିବା ଏକ ଫାଇଲିଂରୁ ଜଣାପଡିଛି। ଏହି ଏଏସଇସି ଫାଇଲିଂ ଅନୁସାରେ ଆମାଜନ ସଂସ୍ଥାପକଙ୍କ ନିକଟରେ ଏବେବି ୪.୬ ମିଲିୟନ ସେୟାର ରହିଛି, ଯାହାର ମୂଲ୍ୟ ପାଖାପାଖି ୧ ବିଲିୟନ ଡଲାର ଆକଳନ କରାଯାଉଛି ଓ ସେ ୨୯ ମେ ୨୦୨୬ ସୁଦ୍ଧା ୨୫ ମିଲିୟନ ସେୟାର ବିକ୍ରି କରିବାକୁ ଯୋଜା ରଖିଛନ୍ତି। ଫାଇଲିଂରେ ଏହାକୁ ନିୟମ ୧୦ବି୫-୧(ସି)ପୂରା କରିବା ପାଇଁ ଏକ ଯୋଜନା ବୋଲି କୁହାଯାଇଛି। ବେଜୋସ ଏବେ ଆକ୍ରମକ ରୂପେ ସେୟାର ବିକ୍ରି କରିବାରେ ଲାଗିଛନ୍ତି। ଜୁନରେ ତାଙ୍କ ବିବାହ ପରେ ସେ ପାଖାପାଖି ୫.୭ ବିଲିୟନ ଡଲାରର ଆମାଜନ ସେୟାର ବିକ୍ରି କରିଛନ୍ତି। ଚଳିତମାସ ଆରମ୍ଭରେ ମଧ୍ୟ ସେ ୭୩.୭କୋଟି ଡଲାର ମୂଲ୍ୟର ସେୟାର ବିକ୍ରି କରିଛନ୍ତି। ଏହି ବିକ୍ରି ଏକ ବ୍ୟାପକ ବିକ୍ରିର ଅଂଶ ବିଶେଷ। ୨୦୨୪ ଓ ୨୦୨୫ରେ ଏ ପର୍ଯ୍ୟନ୍ତ ମୋଟ ମିସାଇ ସେ ୯.୫ କୋଟି ଆମାଜନ ସେୟାର ବିକ୍ରି କରିଛନ୍ତି, ଯାହାର ମୋଟ ମୂଲ୍ୟ ୧୮.୨ ବିଲିୟନ ଡଲାର। ୨୦୦୨ ମସିହାରୁ ଏ ପର୍ଯ୍ୟନ୍ତ ତାଙ୍କର ମୋଟ ୱିଡ୍ରଲ ୫୦ ମିଲିୟନ ଡଲାରରୁ ବି ଅଧିକ ହେଲାଣି। ନିକଟରେ ହୋଇଥିବା ବିକ୍ରି ସତ୍ତ୍ୱେ ବେଜୋସ ଏବେବି ଆମାଜନରେ ଏକ ବଡ଼ ଅଂଶର ମାଲିକ ହୋଇ ରହିଛନ୍ତି। ତାଙ୍କର ସଞ୍ଚିତ ସେୟାରର ମୂଲ୍ୟ ପାଖାପାଖି ୨୩୨ ବିଲିୟନ ଡଲାର ହେବ। ବେଜୋସ ସେୟାର ବିକ୍ରି କରିବା ସହିତ ଦାନ ମଧ୍ୟ କରୁଛନ୍ତି। ୨୦୨୪ ଓ ୨୦୨୫ରେ ବେଜୋସ ୪୫ ଲକ୍ଷ ସେୟାର ଦାନରେ ଦେଇଛନ୍ତି, ଯାହାର ମିଳିତ ମୂଲ୍ୟ ପାଖାପାଖି ୧ ବିଲିୟନ ଡଲାର। ତେବେ ଏହି ନବୀନତମ ବିକ୍ରି ଆମାଜନର ଦ୍ୱିତୀୟ ତ୍ରୈମାସିକ ଆୟ ଘୋଷଣାର ଠିକ୍ ପୂର୍ବରୁ ହୋଇଛି। ବିଶ୍ଳେଷକଙ୍କ ଅନୁମାନ କମ୍ପାନୀ ୧.୩୨ ଡଲାର ପ୍ରତି ସେୟାରର ଆୟ ଓ ୧୬୨ ବିଲିୟନ ଡଲାରର ରେଭିନ୍ୟୁ ଆୟ କରିବ। ଏହା ଗତ ବର୍ଷ ଏହି ତ୍ରୈମାସିକ ତୁଳନାରେ କ୍ରମଶଃ ୪ ଓ ୯ ପ୍ରତିଶତ ବୃଦ୍ଧି। ତେବେ ଆମାଜନର ପ୍ରଦର୍ଶନ ଏବେବି ଅନ୍ୟ ବଡ଼ ଟେକ୍ କମ୍ପାନୀଙ୍କ ଠାରୁ ପଛରେ ରହିଛି। ବଜାର ପୂର୍ବାନୁମାନ ଅନୁସାରେ ମେଟା, ମାଇକ୍ରୋସଫ୍ଟ ଓ ଏନବିଡିଆ ୨୦୨୫ ସୁଦ୍ଧା ଏସଆଣ୍ଡପି୫୦୦ ବୃଦ୍ଧିରେ ଅଗ୍ରଣୀ ରହିବେ। ଅନ୍ୟପଟେ ନିଜର ଏଆଇ ରଣନୀତିରେ ଅନିଶ୍ଚିତତା କାରଣରୁ ଆପଲ ଏବେ ପଛଉଛି।

# ଅଗଷ୍ଟ ୧ରୁ ବଦଳିଯିବ ୟୁପିଆଇ ନିୟମ




**ନୂଆଦିଲ୍ଲୀ, ୨୮।୭:** ଆସନ୍ତା ଅଗଷ୍ଟ ପହିଲାରୁ ନୂଆ ୟୁପିଆଇ ନିୟମ କାର୍ଯ୍ୟକାରୀ ହେବ। ଯଦି ଆପଣ ନିୟମିତ ଭାବରେ ପେଟିଏମ, ଫୋନପେ, ଗୁଗୁଲ ପେ କିମ୍ବା ଅନ୍ୟ କୌଣସି ୟୁପିଆଇ ପ୍ଲାଟଫର୍ମ ବ୍ୟବହାର କରନ୍ତି, ତେବେ ଆପଣଙ୍କ ପାଇଁ ଏହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ଆସନ୍ତା ମାସରୁ କ'ଣ ପରିବର୍ତ୍ତନ ହେବାକୁ ଯାଉଛି। ୟୁପିଆଇ ଇକୋସିଷ୍ଟମକୁ ତଦାରଖ କରୁଥିବା ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (NPCI) ସିଷ୍ଟମ ଉପରେ ଚାପ କମାଇବା ସହିତ ପେମେଣ୍ଟ ବିଳମ୍ବ ଏବଂ ବିଫଳ କାରବାର ଭଳି ସମସ୍ୟାକୁ କମ କରିବା ପାଇଁ କିଛି ନୂତନ କଟକଣା ଲାଗୁ କରିବାକୁ ଯାଉଛି। ଏହି କାରଣରୁ, ବାଲାନ୍ସ ଯାଞ୍ଚ ଏବଂ ରିଫ୍ରେଶିଂ ଉପରେ ଏକ ନିର୍ଦ୍ଦିଷ୍ଟ ସୀମା ଲାଗୁ କରାଯିବ। ଆସନ୍ତା ମାସରୁ, ୟୁପିଆଇ ଉପଭୋକ୍ତାମାନେ ଦିନକୁ କେବଳ ୫୦ ଥର ସେମାନଙ୍କର ଆକାଉଣ୍ଟ ବାଲାନ୍ସ ଯାଞ୍ଚ କରିପାରିବେ। ସେହିପରି, ଉପଭୋକ୍ତାମାନେ ୟୁପିଆଇ ଆପରେ ସେମାନଙ୍କ ଫୋନ୍ ନମ୍ବର ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଦିନକୁ କେବଳ ୨୫ ଥର ଦେଖିପାରିବେ। ଅନାବଶ୍ୟକ ଟ୍ରାଫିକକୁ ହ୍ରାସ କରିବା ପାଇଁ ଏହି ନୂତନ ସୀମା ସ୍ଥିର କରାଯାଉଛି ଯାହା ଦ୍ୱାରା ଦିନରେ ଅତ୍ୟଧିକ ବ୍ୟବହାର ସମୟରେ ସିଷ୍ଟମ ଧୀର ନହୁଏ ଏବଂ କାରବାରରେ କୌଣସି ସମସ୍ୟା ନହୁଏ। ଯଦି ନେଟୱାର୍କରେ ଅନାବଶ୍ୟକ ଲୋଡ୍ ହ୍ରାସ ପାଏ, ତେବେ ସିଷ୍ଟମ ମଧ ଦ୍ରୁତ ଏବଂ ସୁରକ୍ଷିତ ଭାବରେ କାମ କରିବ। ଏହା ବ୍ୟତୀତ, ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇ ଅଟୋ ପେ କାରବାର ପାଇଁ ସ୍ଥିର ସମୟ ସ୍ଲଟ୍ ମଧ ପ୍ରଚଳନ କରୁଛି। ଏହାର ଅର୍ଥ ହେଉଛି ଯେ ଅଟୋ ପେମେଣ୍ଟ, ସବସ୍କ୍ରିପସନ୍, ୟୁଟିଲିଟି ବିଲ୍ ଏବଂ ଇଏମଆଇ ଭଳି ପୂର୍ବ-ନିର୍ଦ୍ଧାରିତ ପେମେଣ୍ଟଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଲଟରେ ପ୍ରକ୍ରିୟାକରଣ କରାଯିବ, ଏପରିକି ଦିନରେ ମଧ ନୁହେଁ। ଏବେ ଅଟୋପେ କାରବାର କେବଳ ତିନୋଟି ସ୍ଥିର ସମୟ ସ୍ଲଟରେ ପ୍ରକ୍ରିୟାକରଣ କରାଯିବ - ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଏବଂ ରାତି ୯:୩୦ ପରେ। ଏଗୁଡ଼ିକ ବ୍ୟତୀତ, କାରବାର ସୀମାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏଗୁଡ଼ିକ ପୂର୍ବ ପରି ରହିବ।

# ଚଳିତ ସପ୍ତାହରେ ୧୪ ଆଇପିଓ

**ମୁମ୍ବାଇ, ୨୮।୭:** ଷ୍ଟକ୍ ବଜାରରେ ନିବେଶ କରିବାକୁ ଚାହିଁରହିଥିବା ନିବେଶକମାନଙ୍କ ଲାଗି ଜୁଲାଇ ୨୮ରୁ ଆରମ୍ଭ ହେଉଥିବା ସପ୍ତାହ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସପ୍ତାହରେ ୧୪ଟି କମ୍ପାନି ଷ୍ଟକ୍ ବଜାର ଜରିଆରେ ପାଣ୍ଠି ସଂଗ୍ରହ କରିବା ଲାଗି ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜାରି କରିବେ। ସେମାନେ ୭୦୦୦ କୋଟି ଟଙ୍କାରୁ ଅଧିକ ଜୁଟାଇବାକୁ ଯୋଜନା ରଖିଛନ୍ତି। ନ୍ୟାସ୍‌ନାଲ୍ ସିକ୍ୟୁରିଟିଜ୍ ଡିପୋଜିଟୋରି ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ୪୦୧୨ କୋଟି ଟଙ୍କାର ଆଇପିଓ ଜାରି କରିବ। ଏହାର ସେୟାର ପିଛା ଦାମ୍ ୭୬୦ ଟଙ୍କାରୁ ୮୦୦ ଟଙ୍କା ମଧ୍ୟରେ ରହିବ। ସୂଚନା ପ୍ରଯୁକ୍ତି

## ୭୦୦୦ କୋଟି ଟଙ୍କା ଜୁଟାଇବେ

କମ୍ପାନି ଆଦିତ୍ୟ ଇନ୍‌ଫୋଟେକ୍ ୧୩୦୦ କୋଟି ଟଙ୍କା ଜୁଟାଇବା ଲାଗି ଆଇପିଓ ଆଣିବ। ଏହାର ସେୟାର ପିଛା ଦାମ୍ ୬୪୦ ଟଙ୍କାରୁ ୬୭୫ ଟଙ୍କା ମଧ୍ୟରେ ରହିବ। ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଲକ୍ଷ୍ମୀ ଇଣ୍ଡିଆ ଫାଇନାନ୍ସ ୨୫୪ କୋଟି ଟଙ୍କାର ଆଇପିଓ ଆଣିବ। ରିଅଲ ଇଷ୍ଟେଟ୍ କମ୍ପାନି ଶ୍ରୀ ଲୋଟସ୍ ଡେଭେଲପର୍ସ ୭୯୨ କୋଟି ଟଙ୍କାର ଆଇପିଓ ଆଣିବ। ସେହିପରି, କ୍ଷୁଦ୍ର ଓ ମଧ୍ୟମ ଧରଣର କମ୍ପାନି ମଧ୍ୟରେ ଫ୍ୟାବ୍ରିକ୍ସ, ରେନଲ୍ ପଲିକେମ୍, କ୍ୟାସ୍ ୟୁର୍ ଡ୍ରାଇଭ୍, ମେହୁଲ୍ କଲର୍ସ, ଟେକନ୍ ନେଟ୍‌ୱର୍କସ୍, ଏମ୍‌ଆଣ୍ଡବି ଇଞ୍ଜିନିୟରିଂ, ବିଡି ଇଣ୍ଡଷ୍ଟ୍ରିଜ୍, ୟୁମିୟା ମୋବାଇଲ୍, ରେପୋନୋ ଓ ଫ୍ଲାଏଏସ୍‌ବିଏସ୍ ଆଭିଏସନ୍ ପକ୍ଷରୁ ୨୦ କୋଟି ଟଙ୍କାରୁ ୧୩୦ କୋଟି ଟଙ୍କା ମଧ୍ୟର ଆଇପିଓ ଜାରି କରାଯିବ। କେବଳ ଆଇପିଓ ନୁହେଁ, ସୋମବାରଠାରୁ ଆରମ୍ଭ ହେଉଥିବା ସପ୍ତାହରେ ଅନେକ କମ୍ପାନିର ଇକ୍ୱିଟି ସେୟାର ଷ୍ଟକ୍ ବଜାରରେ ତାଲିକାଭୁକ୍ତ ହେବ। ସେହି କମ୍ପାନିଗୁଡ଼ିକ ହେଉଛି ଇଣ୍ଡିକ୍ ସ୍ପେସେସ୍, ବ୍ରିଗେଡ୍ ହୋଟେଲ୍ ଭେଞ୍ଚର୍ସ, ଶାନ୍ତି ଗୋଲ୍ଡ ଇଣ୍ଟରନ୍ୟାସନାଲ୍, ସାଭି ଇନ୍‌ଫ୍ରା, ସ୍ୱସ୍ତିକା କାଷ୍ଟାଲ୍, ମୋନାର୍କ ସର୍ଭେୟର୍ସ, ଟିଏସ୍‌ସି ଇଣ୍ଡିଆ, ପଟେଲ୍ କେମ୍ ସ୍ପେସିଆଲିଟିଜ୍, ଶ୍ରୀ ରେଫ୍ରିଜରେସନ୍ ଓ ସେଲୋରାପ୍ ଇଣ୍ଡଷ୍ଟ୍ରିଜ୍ ।

## ଚାଟ୍‌ଜିପିଟି ନିର୍ମାତାଙ୍କୁ ନିଯୁକ୍ତି ଦେଲା ମେଟା

**ୱାସିଂଟନ, ୨୮।୭:** ଓପନଏଆଇର ଚାଟ୍‌ଜିପିଟି ତିଆରି କରିଥିବା ଅନ୍ୟତମ ବୈଜ୍ଞାନିକ ସେଙ୍ଗଜିଆ ଝାଓଙ୍କୁ ମେଟା ମୁଖ୍ୟ ମାର୍କ ଜୁକରବର୍ଗ ନିଯୁକ୍ତି ଦେଇଛନ୍ତି। ନିକଟରେ ଜୁକରବର୍ଗ ଆରମ୍ଭ କରିଥିବା ମେଟାର ସୁପରଇଣ୍ଟେଲିଜେନ୍ସ ଲାବ୍‌ର ମୁଖ୍ୟ ବୈଜ୍ଞାନିକ ଭାବେ ସେଙ୍ଗଜିଆ ଦାୟିତ୍ୱ ତୁଲାଇବେ। ଚାଟ୍‌ଜିପିଟି ସମେତ ଜିପିଟି-୪ ଏବଂ ଓପନ୍‌ଏଆଇର ମିନି ମଡେଲ ୪.୧ ଏବଂ ଓ୩ର ବିକାଶ ସେଙ୍ଗଜିଆ ମିଳିତ ଭାବେ କରିଥିଲେ। ମାର୍କ ଜୁକରବର୍ଗ ଏବଂ ମେଟାର ମୁଖ୍ୟ ଏଆଇ ଅଫିସର ଆଲେକ୍‌ଜାଣ୍ଡାର ୱାଙ୍ଗଙ୍କ ସହ ମିଶି ସେ କାର୍ଯ୍ୟ କରିବେ। ଏହି ନିଯୁକ୍ତି ଏଭଳି ଏକ ସମୟରେ ହୋଇଛି, ଯେତେବେଳେ ଦୁନିଆର ପ୍ରମୁଖ ପ୍ରଯୁକ୍ତି କମ୍ପାନିଗୁଡ଼ିକ ଏଆଇ ବିପ୍ଳବରେ ଆଗରେ ରହିବାକୁ ଜୋରଦାର ଉଦ୍ୟମ କରୁଛନ୍ତି।

## ଅନିଲ ଅମ୍ବାନୀଙ୍କ କମ୍ପାନିରେ ୩ ଦିନ ଇଡି ଚଢ଼ଉ

**ନୂଆଦିଲ୍ଲୀ, ୨୮।୭:** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ବିଭିନ୍ନ କମ୍ପାନିର ୩୫ଟି ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାଲିଥିବା ଚଢ଼ଉ ରବିବାର ଶେଷ ହୋଇଛି। ତିନି ଦିନ ଧରି ତାଙ୍କ ୫୦ଟି କମ୍ପାନିରେ ଚଢ଼ଉ ହୋଇଥିଲା। ଏଥିରେ ୫୦ରୁ ଅଧିକ ଲୋକଙ୍କୁ ପଚରାଉଚୁରା କରାଯାଇଥିଲା। ଅନିଲଙ୍କ ଦୁଇ କମ୍ପାନି ରିଲାଏନ୍ସ ପାୱାର ଓ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପକ୍ଷରୁ ଚଢ଼ଉ ଶେଷ ହୋଇଥିବା ଏବଂ ଏହା ଦ୍ୱାରା ସେମାନଙ୍କ ବ୍ୟବସାୟ, ଆର୍ଥିକ ପ୍ରଦର୍ଶନ ଉପରେ କୌଣସି ପ୍ରଭାବ ପଡ଼ି ନଥିବା ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। ୟେସ୍ ବ୍ୟାଙ୍କଠାରୁ ଅନିଲ ନେଇଥିବା ୩୦୦୦ କୋଟି ଟଙ୍କା ଋଣରେ ହୋଇଥିବା ହେରଫେର ମାମଲାରେ ଇଡି ଏହି ଚଢ଼ଉ କରିଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ ଅନିଲ ଏହି ଋଣ ନେଇଥିଲେ।

# ଗେଲ କରିବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ନିଲମ୍ବିତ




**ବୈଶିଙ୍ଗା,୨୮।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ପ୍ରତିମାଦେଇପୁର ପ୍ରାଥମିକ ବିଦ୍ୟାଳୟରେ ଗେହ୍ଲ କରିବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଭଳି ଏକ ଅଶୋଭନୀୟ ଘଟଣା ଘଟିଛି। ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଏବଂ ଏକ ଭାଇରାଲ ଭିଡିଓକୁ ଆଧାର କରି ବେତନଟୀ ବ୍ଲକ୍ ଶିକ୍ଷାଧିକାରୀ ବିପ୍ଳବ କର ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ନିଲମ୍ବନ କରିଛନ୍ତି। ଅଭିଭାବକଙ୍କ ଅଭିଯୋଗ ମୁତାବକ ସମ୍ପୃକ୍ତ ଶିକ୍ଷକ ଗେହ୍ଲ କରିବା ବାହାନାରେ ସାତ ଆଠ ଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଜଣାଇବା ପରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଅଭିଯୁକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ତେବେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଗତ ୨୧ ତାରିଖରେ ଏ ସଂପର୍କରେ ଏକ ଭାଇରାଲ ଭିଡିଓ ଦେଖିବା ସହ ଅଭିଯୋଗ ପାଇବା ପରେ ଶିକ୍ଷକଙ୍କୁ ନିଲମ୍ବନ କରିବା ସହିତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ତଦନ୍ତ ଆରମ୍ଭ ହୋଇନଥିବା ମଧ୍ୟ ସ୍ୱିକାର କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବାବଦରେ ପୂର୍ବରୁ ମଧ୍ୟ ଗ୍ରାମବାସୀମାନେ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତାଙ୍କ ପ୍ରତି ବିଭାଗୀୟ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ନେଇ ଅଭିଯୋଗ ହୋଇଛି।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

● ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ଫଳଚାରା ବଣ୍ଟନ



**ବେତନଟୀ,୨୮।୭ (ସଂଚାର ବ୍ୟୁରୋ):** ବୃକ୍ଷ ହିଁ ଜୀବନ। ଗଛ ରହିଲେ ମଣିଷ, ଜୀବ ଜନ୍ତୁ ବଞ୍ଚିବେ ଓ ପ୍ରକୃତି ସୁରକ୍ଷିତ ରହିବ। ଏହି ଉକ୍ତିକୁ ସଫଳ କରିବାର ପ୍ରୟାସରେ ଆଜି 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳିତ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ସ୍ଥିତ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ ଘଟିକାରେ ପାଳିତ ହୋଇଯାଇଛି। ପେଟ୍ରୋଲ ଓ ଡିଜେଲ୍ ନେବାକୁ ପମ୍ପକୁ ଆସୁଥିବା ୧୦୦ଜଣ ଗ୍ରାହକଙ୍କୁ ଆମ୍ବ, ପିଜୁଳି, ପପେୟା, ଲେମ୍ବୁ, ସଜନା ଆଦି ଶହେରୁ ଅଧିକ କଲମି ଓ ହାଇବ୍ରିଡ ଫଳ ଚାରା ବଣ୍ଟନ କରାଯାଇଛି। ଏହା ସହିତ ପରିବେଶ ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗୀକୃତ କରିଥିବା ଶିକ୍ଷକ ସନ୍ତୋଷ କୁମାର ଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ ଟଙ୍କଧର କାଲୋ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ମିଳିତ ଭାବରେ ଉଦଘାଟନ କରିଥିଲେ। ବୃକ୍ଷ ରୋପଣ ପରେ ତାକୁ ନିଜର ସନ୍ତାନ ଭଳି ଲାଳନପାଳନ କରି ବଡ କରିବାକୁ ଆହ୍ୱାନ ଦେଇଥିଲେ। ଜଣେ କେବଳ ଗୋଟିଏ ଚାରା ଲଗାଇ ବୃକ୍ଷର ରୂପ ଦେଲେ ପ୍ରକୃତି ସଂରକ୍ଷଣ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବନାଞ୍ଚଳ ଅଧିକାରୀ ମନଓ୍ୱାର ଖାଁ ଓ ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ମଧୁସ୍ମିତା ସେଠୀ, ସ୍ୱସ୍ତିକ ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ସିଦ୍ଧାର୍ଥ ଅଗ୍ରଓ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହିତ ପେଟ୍ରୋଲ ପମ୍ପକୁ ଆସୁଥିବା ଗ୍ରାହକଙ୍କୁ ଚାରା ବଣ୍ଟନ କରିଥିଲେ।

# ଧାନ ବିକ୍ରି ପଞ୍ଜୀକରଣରେ ବାଧକ ସାଜିଛି ଇ-ପାଉତି ଖଜଣା




**ମ.ରାମପୁର,୨୮।୭(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଖରିଫ୍ ଋତୁର ଧାନକିଣା ପାଇଁ ରେଜିଷ୍ଟ୍ରେସନ୍ ପ୍ରକ୍ରିୟା ଆରମ୍ଭ ହୋଇଛି।ଯାହା ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲିବା ନେଇ ଉଲ୍ଲେଖ ରହିଛି।ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ଚଳିତଥର ଚାଷୀ ପଞ୍ଜୀକରଣ କ୍ଷେତ୍ରରେ ନିୟମ ପରିବର୍ତ୍ତନ କରିଛନ୍ତି। ତାହାକୁ ଗୁରୁତ୍ୱ ଦେଇ ଯେଭଳି ଜଣେ ବି ଚାଷୀ ଏଥିରୁ ବଞ୍ଚିତ ହେବେ ନାହିଁ, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଖରିଫ୍ ଋତୁରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ନୂତନ ଆକାରରେ ହେବ। ଚାଷୀ ଏବଂ ଭାଗଚାଷୀଙ୍କ ଆଧାର ଇ-କେଓ୍ୱାଇସି ମାଧ୍ୟମରେ ଚାଷୀ ପଞ୍ଜୀକରଣ କରାଯିବ। ଆଧାର ଇ-କେଓ୍ୱାଇସି ସଂଲଗ୍ନ ବ୍ୟାଙ୍କ୍ ଖାତା ଜରିଆରେ ଧାନ ବିକ୍ରୟରେ ପ୍ରାପ୍ୟ ପ୍ରଦାନ କରାଯିବ। ଭାଗଚାଷୀ ମାନଙ୍କ ପାଇଁ ଜମି ମାଲିକଙ୍କ ସହମତି ପତ୍ର ଓ ଖାତାଦାରଙ୍କ ସହମତି ପତ୍ରକୁ 'ପି-ପାସ୍'ରେ ଅପଲୋଡ୍ କରିବାକୁ ପଡ଼ିବ। ଚାଷୀ ପଞ୍ଜୀକରଣ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲୁ ରହିବ। ଚାଷୀ ପଞ୍ଜିକରଣରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସରକାର ଏଥରକ ପୂର୍ବ ନିୟମରେ କିଛିଟା ପରିବର୍ତ୍ତନ ଆଣିଛନ୍ତି। ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ। ପୂର୍ବ ବର୍ଷର ନବୀକରଣ କରାଯିବ ନାହିଁ। ନୂତନ ଭାବେ ଚାଷୀଙ୍କୁ ପଞ୍ଜିକରଣ କରିବାକୁ ପଡ଼ିବ। ଚାଷୀ ପଞ୍ଜିକରଣ ଫର୍ମ ସହ ଚାଷ କରିଥିବା ଜମି ପଟାର ନକଲ, ବ୍ୟାଙ୍କ୍ ପାସ ବହିର ପ୍ରଥମ ପୃଷ୍ଠାର ନକଲ ଓ ନିଜ ଆଧାର କାର୍ଡର ନକଲ ଦାଖଲ କରିବେ। ଚଳିତ ଖରିଫ୍‌ରେ ଚାଷୀ କେତେ ଜମିରେ ଧାନ ଚାଷ କରିଛି ତାର ପ୍ରକୃତ ତଥ୍ୟ ବି ଫର୍ମରେ ଚାଷୀକୁ ଉଲ୍ଲେଖ କରିବାକୁ ପଡ଼ିବ। ଏହା ସହ ଚାଷୀ ସରକାରଙ୍କୁ କେବେ ଧାନ ବିକିବେ ତାର ପକ୍ଷ ମଧ୍ୟ ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ। ସେହିଭଳି ଭାଗ ଚାଷୀଙ୍କୁ ମଧ୍ୟ ପଞ୍ଜିକରଣ ଫର୍ମ ସହ ଜମି ମାଲିକଙ୍କର ସମ୍ମତି ପତ୍ର, ଆଧାର କାର୍ଡର ନକଲ ଓ ମୋବାଇଲ ନମ୍ବର ଦେବାକୁ ପଡ଼ିବ। ଜମି ମାଲିକଙ୍କ ସମ୍ମତି ପତ୍ର ବିନା ଭାଗ ଚାଷୀ ନାମ ପଞ୍ଜିକରଣ ହୋଇ ପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏହାସହ ଭୂତଚାଷୀ ଧରିବାକୁ ଏଥର ସ୍ୱତନ୍ତ୍ର ସ୍କ୍ୱାଡ ବ୍ୟବସ୍ଥା ରହିବ। ସୁଭଦ୍ରା ଟଙ୍କା ପାଉଥିଲେ ସେହି ବ୍ୟାଙ୍କ୍ ଖାତାରେ କେତେ ଧାନ ବିକ୍ରି ଟଙ୍କା ଦିଆଯାଉଛି, ତାହା ଉପରେ ନଜର ରଖାଯିବ। ସୁଚନାଯୋଗ୍ୟ କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ରେ ଅନେକ ରାଜସ୍ୱ ନୀରିକ୍ଷକ ଇ ପାଉତି ୱେବ୍ ସାଇଟ୍ ଅପଡେଟ କରୁନଥିବା ରୁ ଅନଲାଇନ୍ ରେ ଅଧିକ ଟଙ୍କା ଦେବାକୁ ପଡୁଚି। ଯା ଫଳରେ ଚାଷୀ ମାନେ ଅନଲାଇନ୍ ମାଧ୍ୟମରେ ଖଜଣା ପୈଠ କରିବାରୁ ବଞ୍ଚିତ ହେବା ସହ ରାଜସ୍ୱ ନୀରିକ୍ଷକ ଙ୍କ ଅଫିସ୍ ଆଗରେ ଘଣ୍ଟା ଘଣ୍ଟା ଧରି ଛିଡା ହେବ ସତ୍ତ୍ୱେ ନିରାଶ ହେଇ ଫେରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଖଜଣା ପୈଠ ପ୍ରକ୍ରିୟା ଟି କେବଳ ଯେ ମଦନପୁର ରାମପୁର ବ୍ଲକ ରେ ବାଧ୍ୟତାମୂଳକ ନା ରାଜ୍ୟର ସମସ୍ତ ଅଞ୍ଚଳରେ ଏହା ଜରୁରୀ ତାହା ବଡ ପ୍ରଶ୍ନବାଚି ସୃଷ୍ଟି କରିଛି।ଏନେଇ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସୁବିଚାର କଲେ ଚାଷୀ ମାନେ ଉପକୃତ ହେବା ନେଇ ଆଶା କରାଯାଉଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ୪୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୮।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୪୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୨ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ତରଭା, ଶ୍ରୀ ଗଙ୍ଗାରାମ ବୁଡେକ୍ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ସୋମ୍ୟାରୁପା ରଥଙ୍କ ସମେତ ତହସିଲଦାର, ତରଭା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ଜମିବାଡ଼ିକୁ କେନ୍ଦ୍ର କରି ବୁଲିଲା ଖଣ୍ଡା: ମହିଳାଙ୍କ ସମେତ ୪ ଗୁରୁତର

**ପୁରୁଷୋତ୍ତମପୁର,୨୮।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହାଣ୍ଡିଘର ଗ୍ରାମରେ ଜମିଜମା ସମ୍ବନ୍ଧୀୟ ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାର ଉପରେ ଅନ୍ୟ ଏକ ପରିବାର ଉପରେ ଆକ୍ରମଣ କରି ଖଣ୍ଡା ଏବଂ କଟୁରିରେ ହାଣି ପକାଇଛନ୍ତି। ଗୁରୁତରମାନେ ହେଲେ ଭାଗିରଥୀ ମହାନ୍ତି, ଗୋପାଳ ମହାନ୍ତି, କାହ୍ନୁ ମହାନ୍ତି ଓ ଅମ୍ବିକା ପାଣିଗ୍ରାହୀ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ପରେ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳକୁ ଯାଇ କିଛି ବ୍ୟକ୍ତିଙ୍କୁ ଧରି ଆଣି ପଚାରାଉଚରା କରିବା ସହ ତଦନ୍ତ ଜାରି ରଖିଛି।

● ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଜେପି ନେତ୍ରୀ ବବିତା ମଲ୍ଲିକ

## ସମସ୍ତ ବନ୍ୟା ବିପନ୍ନଙ୍କୁ ସରକାରୀ ସହାୟତା ଯୋଗେଇ ଦେବାକୁ ଦାବି- ବବିତା ମଲ୍ଲିକ



**ଦଶରଥପୁର,୨୮।୭ (ସଂଚାର ବ୍ୟୁରୋ):** ବୈତରଣୀ ନଦୀ କାଣୀ ନଦୀରେ ବନ୍ୟା ଆସିଲେ ଦଶରଥପୁର ବ୍ଲକରେ ଦୁଃଖ ଆସେ। କୋଉଠି ବନ୍ଧରେ ଘାଇ ହୁଏ ତ କୋଉଠି ବନ୍ୟା ଜଳ ଘର ଭିତରେ ପଶିଥାଏ। ବୈତରଣୀର ନଦୀରେ ପାଣି ଆସି ଅର୍ଦ୍ଧାଉଳିଆ ଗ୍ରାମ, ଦତ୍ତପୁର ପଞ୍ଚାୟତ, ନିଜାମପୁର, କୟାଁ, କମରଡ଼ିହ ଆଦି ପଞ୍ଚାୟତ ଗୁଡିକରେ ବନ୍ୟା ଜଳ ବେହାଲ କରିଛି। ବିଭିନ୍ନ ସ୍ଥାନରେ ବନ୍ଧ ଘଳିଆ ସୃଷ୍ଟି ହେଉଥିବା ବେଳେ କଣ୍ଟପଡା ଠାରେ କାଣୀ ନଦୀ ଜଳ ଆସି ଏ ସମସ୍ତ ପଞ୍ଚାୟତ ଗୁଡିକ ଜଳମଗ୍ନ ହୋଇଯାଇଛି। ବିଲରେ ବନ୍ୟା ପାଣି ମାଡି ଯାଇଥିବାରୁ ଗୋରୁ ଗାଇ ମାନେ ଖାଦ୍ୟ ଅଭାବରୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ପନିପରିବା କ୍ଷେତ ଉଜୁଡି ଯାଇଛି। ପ୍ରଶାସନ ତରଫରୁ ଯାଜପୁର ଜିଲ୍ଲାପାଳ, ଏଡିମ, ପିଡି, ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ, ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଆଜି ବିଂଝାରପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତ୍ରୀ ବବିତା ମଲିକ କୟାଁ, ଧରମପୁର, ଗୁଣ୍ଡୁଣିପଡା, ଇଚ୍ଛାପୁର ଗ୍ରାମ ସମେତ କମାରଡ଼ିହି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ବିପନ୍ନ ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ପଚାରି ବୁଝିଥିଲେ। ସେହିପରି ବନ୍ୟାଞ୍ଚଳ ବୁଲି ବନ୍ୟା ପରିସ୍ଥିତି ସମୀକ୍ଷା କରିବା ସହିତ ଦୁର୍ବଳ ନଦୀବନ୍ଧ ତୁରନ୍ତ ମରାମତି କରିବା ସହି ସ୍ଥାୟୀ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।ଏଥି ସହିତ ସମସ୍ତ ସରକାରୀ ସହାୟତା ଲୋକଙ୍କ ପାଖରେ ପହଁଞ୍ଚେଇବା ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଦାବି କରିଛନ୍ତି। ବବିତାଙ୍କ ବନ୍ୟାଞ୍ଚଳ ଗ୍ରସ୍ତ ସମୟରେ ଜାଫରପୁର ସମିତିସଭ୍ୟ ଶୈଳେନ୍ଦ୍ର ସାମଲ, ଦତ୍ତପୁର ପଞ୍ଚାୟେତ ସମିତି ସଭ୍ୟାଙ୍କ ପ୍ରତିନିଧି ସୁଶାନ୍ତ ସାହୁ, ବିଜେପି ଯୁବ ନେତା ଅଜୟ, ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଜ୍ଞ୍ୟା ନାୟକ, ବରିଷ୍ଠ ବିଜେପି ନେତା ଦୀନବନ୍ଧୁ ପରିଡା, ଅଶୋକ ଦାସଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# 'ସ୍ୱାତୀ' ନର୍ସମାନଙ୍କ ଦ୍ୱାରା ଘରୋଇ ବାର୍ଦ୍ଧକ୍ୟ ଚିକିତ୍ସା ଓ ଯତ୍ନ



**ଫୁଲବାଣୀ,୨୮।୭(ସଂଚାର ବ୍ୟୁରୋ):** ବାର୍ଦ୍ଧକ୍ୟ ସମୟର ଚିକିତ୍ସା ସୁଯୋଗ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଦୁରଦୁରାନ୍ତ ଗ୍ରାମ ଗୁଡିକରେ ସଚେତନତା ର ଅଭାବ ଓ ଆନୁଷ୍ଠାନିକ ସୁବୁଧା ସୁଯୋଗ ଅପହଂଚ ଥିବାରୁ ବହୁ ବୃଦ୍ଧ ଓ ବୃଦ୍ଧା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟଗତ ଯତ୍ନ ନିମନ୍ତେ ସହଯୋଗର ଆବଶ୍ୟକତା ରହିଛି। ଏହାକୁ ଆଖିଆଗରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଦ୍ୱାର ଦେଶରେ ଚିକିତ୍ସା ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ସାରଙ୍ଗଗଡ଼, ବେଲଘର, ଫିରିଙ୍ଗିଆ, ଇନ୍ଦ୍ରଗଡ଼ ଭଳି ଅବହେଳିତ ଅଞ୍ଚଳ ର ଗ୍ରାମ ଗୁଡିକରେ ଷ୍ଟାଫ୍ ନର୍ଶ ମାନେ ପହଂଚି ରୋଗରେ ପିଡିତ ଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କ ର ଚିକିତ୍ସା କରାଇବା ସହିତ ସେମାନଙ୍କର ରକ୍ତଚାପ ଓ ସ୍ପନ୍ଦନ ମାପିବ ଏବଂ ପରାମର୍ଶ ଯନିତ ସେବା ଦେବା ଭଳି କାର୍ଯ୍ୟ କରୁଛନ୍ତି ଯାହା ସେମାନଙ୍କୁ ଜିବନ ବଂଚିବାର ରାହା ମିଳି ପାରୁଛି ଯାହାକୁ ଅଞ୍ଚଳବାଶି ପ୍ରଶଂଶା କରିଛନ୍ତି। ଏଥିସହିତ ଆଶା ଓ ଏ.ଏନ୍.ଏମ୍ ମାନଙ୍କୁ ସେବା ପାଇଁ ନେଇ ସେମାନଙ୍କ ଦ୍ୱାର ଦେଶରେ ପହଂଚାଇ ପାରୁଛନ୍ତି। ବିଗତ ଦିନରେ ପ୍ରସବ ଯାନ ରେ କାର୍ଯ୍ୟରତ ଥିବା ଏହି କର୍ମଚାରୀ ମାନେ ଫ୬ସବ ଯାନ ବନ୍ଦ ହେବା ପରେ ସେମାନଙ୍କର ବୃତି ହରାଇ କରି ଆସୁଥିବା ସେବା କୁ ଯାରି ରଖିବା ପାଇଁ ଚେଷ୍ଟା କରୁଛନ୍ତି। ବୟୋବୃଦ୍ଧ ଓ ବୃଦ୍ଧା ମାନଙ୍କ ର ସେବା ଯତ୍ନ କରି ଏହି ଷ୍ଟାଫ୍ ନର୍ସ ମାନେ ସେମାନଙ୍କର ଆଶା ନ ଭାଙ୍ଗି ଆଜିବି ସେବା କରିବା ର ଉତ୍ସାହ ନିଜ ମନରେ ରଖି କାର୍ଯ୍ୟ କରିଆସୁଛନ୍ତି। ଆହୁରି ମଧ୍ୟ କୁଟିଆ ଅଞ୍ଚଳରେ ରହୁଥିବା ଅଧିବାସୀ ମାନେ ସ୍ୱାସ୍ଥ୍ୟ ସେବା ପାଇଁ ସରକାରୀ ସ୍ତରରେ ଥିବା ସୁବିଧା ଗୁଡିକ ବିଷୟରେ ଅବଗତ ହୋଇପାରିଛନ୍ତି। ସରକାରଙ୍କର ସ୍ୱାସ୍ଥ୍ୟ ସେବା ର ପରିଶର ଗ୍ରାମ ସ୍ତରରେ ଆଶା ଦିଦି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲେ ବି ବୃଦ୍ଧ ଓ ବୃଦ୍ଧା ମାନଙ୍କର ଯତ୍ନ ନେବା ପାଇଁ ଘରୋଇ ବାର୍ଦ୍ଧକ୍ୟ ଚିକିତ୍ସା ସେବା ର ଆଜିବି ଜରୁରୀ ଅଛି।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ନୟାଗଡ଼,୨୮।୭(ସଂଚାର ବ୍ୟୁରୋ):** ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ଆଜି ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ, ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ପେନସନ ଲାଗୁ କରିବା, ସ୍ୱାସ୍ଥ୍ୟ ବୀମାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ଏଥିରେ ପିତାମାତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ସାମିଲ କରିବା ନେଇ ଦାବି କରାଯାଇଛି। ଦେଶର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ୍ ଯୋଜନାରେ ୧୫ ହଜାର ଟଙ୍କା ଦିଆଯାଉଥିବା ବେଳେ ଓଡିଶାରେ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଦାବି କରାଯାଇଛି। ଆୟୁଷ୍ମାନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଜନଶୁଣାଣି ଶିବିରଠାରେ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟମାନେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଓଡ଼ଗାଁ ଶାଖା ସଭାପତି ଅଶୋକ କୁମାର ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ଶାଖାର ବହୁ ସଦସ୍ୟ ସାମିଲ ହୋଇଥିଲେ।

## କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ ବେଦଭୂଷଣ



**ଫିରିଙ୍ଗିଆ,୨୮।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ସୋମବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି ଶ୍ରୀବେଦଭୂଷଣ। ସୂଚନା ପ୍ରକାରେ ପୂର୍ବରୁ ସମ୍ବଲପୁର ମ୍ୟୁନିସିପାଲିଟି କର୍ପୋରେସନ କମିସନର ଭାବେ କାର୍ଯ୍ୟରତ ଥିବାବେଳେ ବେଦଭୂଷଣ କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ କାର୍ଯ୍ୟରତ ଥିବା କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଖୋର୍ଦ୍ଧା ଜିଲ୍ଲା ପାଳ ଭାବେ ବଦଳି ହୋଇଛି। ଅମ୍ରିତ ଋତୁରାଜ କନ୍ଧମାଳ ଜିଲ୍ଲା ପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାର ବର୍ଷକ ମଧ୍ୟରେ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇ ବେଶ ପ୍ରଶଂସା ସାଉଁଟି ଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ପ୍ରକୋଷ୍ଠକୁ ଯାଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକ ମାନଙ୍କର ସୁବିଧା ଅସୁବିଧା ବୁଝୁଥିବା ବେଳେ ପଞ୍ଚାୟତର ଅପହଞ୍ଚ ଇଲାକା ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ଶ୍ରୀ ବେଦଭୂଷଣ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ଦୃଷ୍ଟି ଦେବେ ବୋଲି ଜିଲ୍ଲାବାସୀ ଆଶା ପ୍ରକଟ କରିଛନ୍ତି।

## ୧୫ ଦିନରେ ଧୋଇଗଲା ୧୦ ଲକ୍ଷ ଟଙ୍କାର ପୋଲ

**ଥୁଆମୂଳ ରାମପୁର, ୨୮।୭(ସଂଚାର ବ୍ୟୁରୋ):** ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ କାମ ଯୋଗୁ ତାହା ଅତି କମ୍ ଦିନ ମଧରେ ନଷ୍ଟ ହୋଇଯାଉଛି। ଟଙ୍କା ଆସୁଛି ,କାମ ବି ହେଉଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଦୁର୍ବଳିଆ କାମ ଯୋଗୁ ତାହା କମ ଦିନ ମଧରେ ନଷ୍ଟ ହୋଇଯାଉଛି । ଏମିତି ଏକ ଘଟଣା ଘଟିଛି ଥୁଆମୂଳ ରାମପୁର ବ୍ଲକରେ। ୧୦ ଲକ୍ଷ ଟଙ୍କାର ପୋଲ ନିମ୍ନମାନର କାମ ଯୋଗୁ ୧୫ ଦିନ ମଧରେ ଭାଙ୍ଗିଯାଇଛି। ଏହି ବ୍ଲକ ଅନ୍ତର୍ଗତ ବିରିକୋଟ ପଞ୍ଚାୟତର ବଳଙ୍ଗି ଓ ତେନ୍ତୁଳି ପଦର ଗାଁ ମଝିରେ ଏକ ନାଳା ଅଛି । ଏହି ନାଳା ଯୋଗୁ ଦୁଇଟି ଗାଁ ବିଛିନ୍ନ ହେଉଥିଲା। ଲୋକ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଏଠାରେ ଏକ ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କରାଗଲା । ହେଲେ ଲୋକେ ପୋଲ ଉପରେ ଚାଲିବା ପୂର୍ବରୁ ପୋଲ ସବୁ ଧୋଇହୋଇଗଲା। ନିମ୍ନ ମାନର କାମ ଯୋଗୁ ତାହା ଭାଙ୍ଗି ଯାଇଛି। ଏନେଇ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ସେ କହିଥିଲେ, ଯଦି ଏମିତି ହୋଇଛି ତାହେଲେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ । ଦୁର୍ଗମ ଅଞ୍ଚଳ ବୋଲି ସରଳ ଅଧିବାସୀମାନଙ୍କୁ ଭକୁଆ ବନାଇ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି କରୁଥିବା ନେଇ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଯୋଗ ଦେଲେ ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ, ଡ. ନୃପରାଜ ସାହୁ



**ସୁବର୍ଣ୍ଣପୁର,୨୮।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଡ. ନୃପରାଜ ସାହୁ ଆଜି ପୂର୍ବାହ୍ନ ରେ ଯୋଗଦାନ ପୂର୍ବକ କାର୍ଯ୍ୟାଭାର ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ- ତଥା - ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ମେହେର ଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଜିଲ୍ଲାପାଳ ଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରେ ପରେ ନୂତନ ଜିଲ୍ଲାପାଳ, ସୁବର୍ଣ୍ଣପୁର ତରଭା ପଞ୍ଚାୟତ ସମିତିରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ରେ ଯୋଗଦାନ କରିଥିଲେ। ଅଭିଯୋଗ ଶୁଣାଣି ଶେଷ ହେବା ପରେ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଓ ସମିତି ସ୍ତରୀୟ ଅଧିକାରୀ ମାନଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ ସହିତ ପରିଚୟ ଆଦାନ ପ୍ରଦାନ କରିଥିଲେ। ସେ ଏହି ଅବସରରେ ଜିଲ୍ଲା ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ କାମନା କରିବା ସହିତ ଉପଲବ୍ଧ କର୍ମଚାରୀମାନଙ୍କୁ ନେଇ ଓ କର୍ମଚାରୀ ଅଭାବ ସତ୍ତ୍ୱେ ଆନ୍ତରିକତା ର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ମିନକେତନଙ୍କ ପରଲୋକ

**ସୁବର୍ଣ୍ଣପୁର, ୨୮।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ପଞ୍ଚାୟତ ଅନ୍ତର୍ଗତ ଠେଙ୍ଗାନାଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ତ୍ରିପାଠୀ ଙ୍କ ପରଲୋକ ହୋଇଯାଇଛି। ବୟସାଧିକ୍ୟ ଯୋଗୁଁ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହେଉଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଭାଇ ବସନ୍ତ ତ୍ରିପାଠୀ, ବିନୋଦ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ସରୋଜ ତ୍ରିପାଠୀ, ଭଉଣୀ ସୁରେଶ୍ୱରୀ, ଚମ୍ପେଶ୍ୱରୀ, ରାସେଶ୍ୱରୀ, ବଡ଼ ପୁଅ ସୁନୀଲ ତ୍ରିପାଠୀ, ସାନ ପୁଅ ଅନିଲ ତ୍ରିପାଠୀ, ପୁତୁରା ଅମୀୟ, ଅରବିନ୍ଦ, ପ୍ରବୀଣ, ପ୍ରଣବ, ଶୁଭମ, ମନୋଜ, ଝିଅ ପଦ୍ମାସିନୀ, ପଦ୍ମିନୀ, ଅନୁପମା, ସୁପ୍ରଭା, ସ୍ନିଗ୍ଧା, ଅରୁଣିମା, ସରିତା, ସୋନାଲିକା, ନାତି ଧୀରଜ, ନିରଜ, ସ୍ୱାଗତ, କ୍ରିଷ୍ଣା, ତ୍ରିପାଠୀ ପରିବାର ଉପସ୍ଥିତ ଥିଲେ। ଶବାଧାର ରେ ବନ୍ଧୁ ପରିଜନ ଓ ଗ୍ରାମବାସୀ ଯାଇ ନିକଟସ୍ଥ ସ୍ମଶାନ ରେ ଶବଦାହ କରିଥିଲେ। ବଡ଼ ପୁଅ ସୁନୀଲ ମୁଖାଗ୍ନି ଦେଇଥିଲେ। ସେ ପ୍ରଥମେ ଅନ୍ଧାରିବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପରେ ଅଇଁଲାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଦୀର୍ଘବର୍ଷ ଶିକ୍ଷାଦାନ କରି ଅନେକ ସୁଯୋଗ୍ୟ ଛାତ୍ରଛାତ୍ରୀ ଗଠନ କରିଥିଲେ। ଅବସର ପ୍ରାପ୍ତ ଛାତ୍ରବତ୍ସଳ ଶିକ୍ଷକ ଙ୍କ ବିୟୋଗ ରେ ସମଗ୍ର ଅଞ୍ଚଳ ରେ ଶୋକ ର ଛାୟା ଖେଳିଯାଇଛି।

# ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଚଢା ଦରରେ ସାର ବିକ୍ରି

**କଳାହାଣ୍ଡି, ୨୮।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ରାସାୟନିକ ସାର ଚଢାଦରରେ ବିକ୍ରି ହେଉଥିବା ଦେଖା ଦେଇଛି।ବିକ୍ରୟ ମୂଲ୍ୟରେ କୌଣସି ସ୍ୱଚ୍ଛତା ରହୁନାହିଁ। ବ୍ଲକ ର ବିଭିନ୍ନ ଅଞ୍ଚଳ ରେ ବିଭିନ୍ନ ପ୍ରକାର ଦର ରେ ବିକ୍ରି ହେଉଥିବା ଦେଖା ଯାଉଛି।ସରକାରୀ ଧାର୍ଯ୍ୟ ଦର ଠାରୁ ରାସାୟନିକ ସାର ୫୦ ରୁ ୨୦୦ ଟଙ୍କା ଅଧିକ ମୁଲ୍ୟରେ ବିକ୍ରି ହେଉଥିବା ଜଣାଯାଇଛି। ୟୁରିଆ ବସ୍ତା ପିଛା ୩୦୦ ଟଙ୍କା ବିକ୍ରି ହେବାକୁ ଥିବା ବେଳେ କେତକ ସ୍ଥାନରେ ୪୦୦ ଟଙ୍କା, ଡିଏପି ସାର ୧୩୫୦ ପରିବର୍ତ୍ତେ ୧୫୦୦ ଟଙ୍କା ବିକ୍ରି ହେଉଥିବା ଅଭିଯୋଗ ହେଉଛି। କିଛି ବର୍ଷ ହେବ ଏହି ଅଞ୍ଚଳରେ ସମାନ ଅବସ୍ଥା ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷି ମହଲରେ ଅସନ୍ତୋଷ ଦେଖାଦେଉଛି। ଚାଷି ଙ୍କ ଅଭିଯୋଗ ମୁତାବକ ଚଳିତ ଖରିଫ ଋତୁରେ ହୋଇଥିବା ଧାନ ତଥା କପା ଫସଲରେ ମୁଳ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। କାରଣ ଧାନ ତଥା କପା ଗଛ କୁ ସଶକ୍ତ କରିବାରେ ସହାୟକ ହୋଇଥାଏ। ତେବେ ଗଛକୁ ମୁଳରେ ୟୁରିଆ, ପଟାସ, ଡିଏପି ସାର ପ୍ରୟୋଗ ର ଯଥେଷ୍ଟ ଗୁରୁତ୍ୱ ରହିଛି। ଉକ୍ତ ବ୍ଲକ ରେ ସମସ୍ତ ସମବାୟ ସମିତି ମାନଙ୍କରେ ପର୍ଯ୍ୟାପ୍ତ ପରିମାଣ ରେ ସାର ରଖୁ ନାହାନ୍ତି ଯାହା ଫଳରେ ଖୁଚୁରା ବିକ୍ରୟ କେନ୍ଦ୍ର ରେ ମାତ୍ରାଧିକ ଦରରେ ଶୁଣି ଚାଷି ଚିନ୍ତା ରେ ପଡୁଛନ୍ତି। ମହାଲିଙ୍ଗ, ଚପ୍ରିଆ, କୁହୁରା, ବଡଚେରଗାଁ, ମାନଝରି, ଦସପୁର, ଧାମନପୁର, ତୁମୁରା ଉଛୁଲା ଆଦି ଅଞ୍ଚଳ ର ଥିବା ସାର ଖୁଚୁରା ବିକ୍ରୟ କେନ୍ଦ୍ର ମାନଙ୍କରେ ଚଢା ଦରରେ ସାର ବିକ୍ରି କରି ଚାଷିଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ସାର ତଥା କିଟନାଶକ କେନ୍ଦ୍ର ରେ ଦର ତାଲିକା ଟଙ୍ଗା ଯାଉନାହିଁ। ସାର ସହିତ କିଛି କିଟନାଶକ ଔଷୋଧ ଏବଂତରଳ ସାର ଟ୍ୟାଗ କରି ନେବାକୁ ଚାଷିଙ୍କୁ ବାଧ୍ୟ କରୁଥିବାର ଦେଖାଯାଉଛି। ସେହିପରି କୋ- ଅପରେଟିଭ ସୋସାଇଟି ମାଧ୍ୟମରେ ଯୋଗାଣର ଉପକାର ଅନେକ ସମୟରେ ଚାଷି ପାଇପାରୁ ନାହାନ୍ତି। ଏ ସଂପର୍କ ରେ ଗୋଲାମୁଣ୍ଡା ଗୋଷ୍ଠି କୃଷି ଅଧିକାରୀ ନୌକେଶ୍ୱର ନାଗ ଙ୍କୁ ପଚାରିବାରୁ ଏ ଦିଗରେ ଆମେ ଯତ୍ନବାନ ଅଛୁଁ ଖୁବ ଶିଘ୍ର ଚଢଉ କରାଯିବ ବୋଲି କହିଛନ୍ତି।

SANCHAR
ସଂଚାର ମଙ୍ଗଳବାର ୨୯ ଜୁଲାଇ ୨୦୨୫



# ବିବିଧବର୍ଣ୍ଣା



## ମନସା ଦେବୀଙ୍କୁ ସାପମାନଙ୍କ ଦେବୀ କୁହାଯାଏ କାହିଁକି ?

ଦେବଭୂମି ଉତ୍ତରାଖଣ୍ଡର ହରିଦ୍ୱାରରେ ଅବସ୍ଥିତ ମନସା ଦେବୀ ମନ୍ଦିରର ଏକ ବିଶେଷ ମାନ୍ୟତା ରହିଛି।ଏଥି ସହ ଲକ୍ଷ ଲକ୍ଷ ଲୋକ ଏହାକୁ ଦର୍ଶନ କରିବାକୁ ଆସନ୍ତି।ଏହି ମନ୍ଦିର ମନସା ଦେବୀଙ୍କୁ ସମର୍ପିତ।ଏହି ମନ୍ଦିର ବିଷୟରେ କୁହାଯାଏ ଯେ ବସିଥିବା ମନସା ଦେବୀ କେବେ ତାଙ୍କ ଭକ୍ତମାନଙ୍କୁ ନିରାଶ କରନ୍ତି ନାହିଁ।ଏହି ମନ୍ଦିରରେ କାଳ ସର୍ପ ପୂଜା କରିବା ପାଇଁ ଦୂରଦୂରାନ୍ତରୁ ଲୋକ ଆସନ୍ତି।ମନସା ଦେବୀଙ୍କ ବିଷୟରେ ବହୁତ କମ୍ ଲୋକ ଜାଣନ୍ତି।ଏପରି ପରିସ୍ଥିତିରେ, ଆସନ୍ତୁ ଆପଣଙ୍କୁ କହିବୁ ଯେ ମନସା ଦେବୀ କିଏ ଏବଂ ଭଗବାନ ଶିବଙ୍କ ସହିତ ତାଙ୍କର ସମ୍ପର୍କ କ'ଣ ? ହରିଦ୍ୱାରର ମନସା ଦେବୀ ମଣି ମାଜରାର ରାଜା ଗୋପାଳ ସିଂହଙ୍କ ଦ୍ୱାରା ୧୮୧୧ ରୁ ୧୮୧୫ ମଧ୍ୟରେ ନିର୍ମିତ ହୋଇଥିଲା।କୁହାଯାଏ ଯେ ରାଜା ଗୋପାଳ ସିଂହ ମନସା ଦେବୀଙ୍କ ଜଣେ ପ୍ରଚଣ୍ଡ ଭକ୍ତ ଥିଲେ ଏବଂ ପୂର୍ବରୁ ସେ ମନସା ଦେବୀଙ୍କୁ ଦର୍ଶନ କରିବା ପାଇଁ ଏକ ଗୁମ୍ଫା ଦେଇ ତାଙ୍କ ମନ୍ଦିରକୁ ଆସୁଥିଲେ।କିନ୍ତୁ ପରେ ସେ ଏକ ଇଚ୍ଛା କରିଥିଲେ ଏବଂ ଏହି ଇଚ୍ଛା ପୂରଣ ହେବା ପରେ ସେ ସେଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ।ଯାହାକୁ ମନସା ଦେବୀ ମନ୍ଦିର ନାମରେ ଜଣାଶୁଣା।ମନସା ଦେବୀଙ୍କ ଅନେକ ମନ୍ଦିର ଅଛି, ଯାହା ମଧ୍ୟରୁ ଗୋଟିଏ ହରିଦ୍ୱାରରେ ଏବଂ ଅନ୍ୟଟି ପଞ୍ଚକୁଲାରେ ଅବସ୍ଥିତ।ପଞ୍ଚକୁଲାରେ ଅବସ୍ଥିତ ମନସା ଦେବୀଙ୍କ ମନ୍ଦିରକୁ ୫୧ ଶକ୍ତିପୀଠ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେଉଁଠାରେ ମାତା ସତୀଙ୍କ ମସ୍ତକର ଆଗ ଭାଗ ପଡ଼ିଥିଲା । ମାତା ମନସାଙ୍କୁ ନାଗ ମାତା ଭାବରେ ମଧ୍ୟ ଜଣାଯାଏ, ଯିଏ ହିନ୍ଦୁ ଧର୍ମରେ ସର୍ପମାନଙ୍କର ଦେବୀ।ମନସା ଦେବୀଙ୍କୁ ସର୍ପମାନଙ୍କର ରାଜା ବାସୁକିଙ୍କ ଭଉଣୀ ମଧ୍ୟ କୁହାଯାଏ।ଏକ କିମ୍ବଦନ୍ତୀ ଅନୁସାରେ, ୭ଟି ସର୍ପ ସର୍ବଦା ମନସା ଦେବୀଙ୍କୁ ସୁରକ୍ଷା ଦିଅନ୍ତି।ଅନେକ ସ୍ଥାନରେ ତାଙ୍କ କୋଳରେ ଏକ ଶିଶୁ ମଧ୍ୟ ଦେଖାଯାଏ, ଯିଏ ତାଙ୍କ ପୁଅ ଆସ୍ତିକ, ଯିଏ ନାଗ ବଂଶକୁ ସୁରକ୍ଷା ଦେଇଥିଲେ।ତାଙ୍କୁ ସର୍ପମାନଙ୍କ ଦେବୀ ମଧ୍ୟ କୁହାଯାଏ କାରଣ ସେ ଏକ ସର୍ପ ଉପରେ ବସିଥାନ୍ତି।ଏହି କାରଣରୁ ଲୋକମାନେ ସାପ କାମୁଡ଼ା କିମ୍ବା ଏହା ସହିତ ଜଡିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇବା ପାଇଁ ମନସା ଦେବୀଙ୍କୁ ପୂଜା କରନ୍ତି।କିଛି ସ୍ଥାନରେ ମନସା ଦେବୀଙ୍କୁ ବାସୁକି ମଧ୍ୟ କୁହାଯାଏ।ତାଙ୍କର ନାମ ବାସୁକି ରଖାଯାଇଥିଲା କାରଣ ସେ କଦ୍ରୁ ଏବଂ କଶ୍ୟପଙ୍କ ପୁତ୍ର ବାସୁକିଙ୍କ ଭଉଣୀ ଥିଲେ । ପୌରାଣିକ ବିଶ୍ୱାସ ଅନୁଯାୟୀ, ମନସା ଦେବୀ ଭଗବାନ ଶିବଙ୍କ ମାନସ ପୁତ୍ରୀ, କାରଣ ସେ ଭଗବାନ ଶିବଙ୍କ ମନରୁ ଜନ୍ମ ହୋଇଥିଲେ।ଏକ ପ୍ରସିଦ୍ଧ କିମ୍ବଦନ୍ତୀ ଅନୁଯାୟୀ, ସମୁଦ୍ର ମନ୍ଥନ ସମୟରେ ହଳାହଳ ବିଷ ବାହାରିଥିଲା।ଜଗତକୁ ରକ୍ଷା କରିବା ପାଇଁ, ଭଗବାନ ଶିବ ଏହି ବିଷକୁ ତାଙ୍କ ଗଳାରେ ପିନ୍ଧାଇଥିଲେ, ଯାହା ଦ୍ୱାରା ତାଙ୍କ କଣ୍ଠ ନୀଳ ହୋଇଗଲା।ତା'ପରେ ଭଗବାନ ଶିବ ତାଙ୍କ ମନରୁ ଏକ ବିଷ କନ୍ୟାକୁ ଜନ୍ମ ଦେଇଥିଲେ, ଯିଏ ଭୋଲେନାଥଙ୍କ କଣ୍ଠରୁ ସମସ୍ତ ବିଷ ବାହାର କରିଦେଇଥିଲେ।ଏହି ବିଷ କନ୍ୟାକୁ ମନସା ଦେବୀ କୁହାଯାଉଥିଲା ଏବଂ ତେଣୁ ତାଙ୍କୁ ବିଷର ଦେବୀ ଭାବରେ ମଧ୍ୟ ପୂଜା କରାଯାଉଛି

## ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର

ଋଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ। ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି। ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଗର୍ଭଗୃହରେ ଶୋଭାପାଉଛନ୍ତି। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ। ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ। ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ। ପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆବିର୍ଭିତ ହୋଇଥିଲେ। ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା। କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା। ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଅବଧୂତ ରୁଷିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା। ପରେ ଜନବସତି ଗଢ଼ି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢ଼ି ଚାଲିଲା। ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି। ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ। ମନ୍ଦିର ପରିସର ଅତି ସୁନ୍ଦର। ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି। ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ। ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ। ଏହି ଶୈବ ପୀଠର ମହାତ୍ମ୍ୟ ଅପାର। ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ। ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ। ପ୍ରତେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର। ଯାହାର ଅନେକ ଉଦାହରଣ ରହିଛି। ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି। ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ।





## ଶ୍ରାବଣରେ ରୁଦ୍ରାକ୍ଷ ପିନ୍ଧିବାର ମହତ୍ତ୍ୱ

ରୁଦ୍ରାକ୍ଷ ହେଉଛି ଶିବଙ୍କର ପ୍ରିୟ ଅଳଙ୍କାର। ଦେବ ଦେବ ମହାଦେବଙ୍କର ପ୍ରିୟ ମାସ ହେଉଛି ଶ୍ରାବଣ ମାସ। ଏହି ଶ୍ରାବଣ ମାସରେ ରୁଦ୍ରାକ୍ଷ ପିନ୍ଧିଲେ ଭଗବାନ ଶିବ ଭକ୍ତମାନଙ୍କ ଉପରେ ପ୍ରସନ୍ନ ହୁଅନ୍ତି। ରୁଦ୍ରାକ୍ଷକୁ ଧାରଣ କରିବା ବା ପିନ୍ଧିବା ଦ୍ୱାରା ଭଗବାନ ଶିବଙ୍କର କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏହା ସହିତ ଜୀବନରେ ରହିଥିବା ଯେକୌଣସି ସମସ୍ୟାର ସମାଧାନ ମିଳେ। ରୁଦ୍ରାକ୍ଷ କୌଣସି ରତ୍ନ ଠାରୁ କମ ନୁହେଁ। ଭଗବାନ ଶିବ ଏବଂ ରୁଦ୍ରାକ୍ଷଙ୍କ ମଧ୍ୟରେ ଗଭୀର ସମ୍ପର୍କ ଅଛି। ଭଗବାନ ଶିବଙ୍କ ବିଷୟରେ ଅନେକ ପୌରାଣିକ କାହାଣୀ ଅଛି। ଆପଣ ଭଗବାନ ଶିବଙ୍କୁ ରୁଦ୍ରାକ୍ଷର ମାଳା ପିନ୍ଧିଥିବାର ନିଶ୍ଚୟ ଦେଖିଥିବେ। ଭଗବାନ ଶିବଙ୍କ ସହ ଏହା ଜଡିତ ଥିବାରୁ ରୁଦ୍ରାକ୍ଷକୁ ବହୁତ ପବିତ୍ର ବୋଲି ବିଶ୍ୱାସ କରାଯାଏ। ରୁଦ୍ରାକ୍ଷ ପରିଧାନ କରିବା ଦ୍ୱାରା ଜୀବନରୁ ସମସ୍ତ ପ୍ରକାରର ଅସୁବିଧା ଦୂର ହୋଇଯାଇଥାଏ। ତେବେ ଏହି ରୁଦ୍ରାକ୍ଷ ବିଷୟରେ ଆସନ୍ତୁ ଜାଣିବା କିଛି ଖାସ୍ କଥା। ଶାସ୍ତ୍ର ଅନୁସାରେ ଜଗତର କଲ୍ୟାଣ ପାଇଁ ବହୁ ବର୍ଷ ତପସ୍ୟା ପରେ ଆଖି ଖୋଲିଥିଲେ ଭଗବାନ ଶଙ୍କର, ସେତେବେଳେ ତାଙ୍କ ଆଖିରୁ ଲୁହ ଝରି ପଡ଼ିଥିଲା। ଏହି ଲୁହରୁ ରୁଦ୍ରାକ୍ଷ ବୃକ୍ଷ ଜନ୍ମ ହୋଇଥିଲା। ରୁଦ୍ରାକ୍ଷକୁ ହିନ୍ଦୁ ଧର୍ମରେ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ। ଏହା ଦୁଇଟି ଶବ୍ଦ ଦ୍ୱାରା ଗଠିତ। ପ୍ରଥମ ଶବ୍ଦ ହେଉଛି ରୁଦ୍ର ଅର୍ଥାତ୍ ଭଗବାନ ଶିବ ଏବଂ ଦ୍ୱିତୀୟ ଶବ୍ଦ ହେଉଛି ଅକ୍ଷ ଅର୍ଥାତ ଆଖି। ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କ ଆଖିରୁ ଯେଉଁଠି ଲୁହ ଝରି ପଡିଥିଲା ସେଠାରେ ରୁଦ୍ରାକ୍ଷ ବୃକ୍ଷ ଉଠିଥିଲା। ବିଶ୍ୱାସ ରହିଛି ଶିବ ରୁଦ୍ରାକ୍ଷରେ ବାସ କରନ୍ତି, ତେଣୁ ଶ୍ରାବଣ ମାସରେ ରୁଦ୍ରାକ୍ଷ ପିନ୍ଧିଥିବା ବ୍ୟକ୍ତିଙ୍କ ମନସ୍କାମନା ନିଶ୍ଚିତ ଭାବେ ପୂର୍ଣ୍ଣ ହୋଇଥାଏ। କିନ୍ତୁ ଆପଣ ରୁଦ୍ରାକ୍ଷ ପିନ୍ଧିବା ପୂର୍ବରୁ କିଛି ନିୟମ ଜାଣିବା ଦରକାର। କେଉଁ ଦିନ କେଉଁ ସମୟରେ ରୁଦ୍ରାକ୍ଷ ପିନ୍ଧିବେ ଆସନ୍ତୁ ଜାଣିବା। ଶ୍ରାବଣ ମାସର ସୋମବାର, ଶିବରାତ୍ରି, ପ୍ରଦୋଷ ବ୍ରତ ଭଳି ଶୁଭଦିନରେ ରୁଦ୍ରାକ୍ଷ ପିନ୍ଧିବା ବହୁତ ଲାଭଦାୟକ ହୋଇଥାଏ। ଏଥିପାଇଁ ସର୍ବୋତ୍ତମ ସମୟ ହେଉଛି ସକାଳ। ଏହି ସମୟରେ ପରିବେଶ ପବିତ୍ର ଏବଂ ଶାନ୍ତ ରହିଥାଏ, ଯାହା ଦ୍ୱାରା ରୁଦ୍ରାକ୍ଷର ଶକ୍ତି ସହଜରେ ପ୍ରତିଫଳିତ ହୋଇପାରିବ। ପ୍ରଥମେ ରୁଦ୍ରାକ୍ଷକୁ ଏକ ଲାଲ କପଡାରେ ରଖି ପୂଜା ସ୍ଥାନ କିମ୍ବା ଶିବଲିଙ୍ଗ ଉପରେ ରଖନ୍ତୁ ଏବଂ ଓମ୍ ନମଃ ଶିବାୟ ମନ୍ତ୍ର ଜପ କରନ୍ତୁ। ପରେ ଏହାକୁ ଗଙ୍ଗାଜଳରେ ଧୋଇ ପଞ୍ଚାମୃତରେ ବୁଡ଼ାଇ କିଛି ସମୟ ପାଇଁ ଛାଡି ଦିଅନ୍ତୁ। ପରେ ଏହାକୁ ପିନ୍ଧନ୍ତୁ। ରୁଦ୍ରାକ୍ଷକୁ ସର୍ବଦା ଲାଲ ସୂତାରେ ପିନ୍ଧାଯାଏ। ଏହାକୁ ପିନ୍ଧିବା ପରେ ସାତ୍ତ୍ୱିକ ନୀତି ପାଳନ କଲେ ହିଁ ଆପଣଙ୍କୁ ଏହାର ଫଳ ମିଳିବ ନଚେତ୍ ଏହା ଅଶୁଦ୍ଧ ହୋଇଯିବ। ଧାର୍ମିକ ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ପିନ୍ଧିବାର ୭ କିମ୍ବା ୨୧ ଦିନ ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିବ। କିନ୍ତୁ ଏଥିପାଇଁ ଆପଣଙ୍କ ଜୀବନଶୈଳୀରେ ନିୟମ ପାଳନ କରିବା ବହୁତ ଜରୁରୀ, ପରେ ହିଁ ଆପଣ ଏହାର ଫଳ ପାଇବେ।

## ଦେବଶୟନୀ ଏକାଦଶୀରେ କାହିଁକି ଜଳାଯାଏ ଚାରିମୁଖୀ ଦୀପ

ଆଜି ଦେବଶୟନୀ ଏକାଦଶୀ, ଚତୁର୍ମାସ ଆରମ୍ଭ ହୋଇଛି। ଏହି ଦିନ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଅନେକ ଉପାୟ ଗ୍ରହଣ କରାଯାଏ, କିନ୍ତୁ ଆପଣ କ' ଣ ଜାଣନ୍ତି ଯେ ଏହି ଦିନ ଚାରିମୁଖୀ ଦୀପ କାହିଁକି ଜଳାଯାଏ? ଦେବଶୟନୀ ଏକାଦଶୀରେ ବିଷ୍ଣୁ ଜୀଙ୍କର ଶୟନ କାଳ ଆରମ୍ଭ ହୁଏ। ଏହି ଦିନ ବିଶ୍ୱର ତ୍ରାଣକର୍ତ୍ତାଙ୍କୁ ପୂର୍ଣ୍ଣ ରୀତିନୀତି ସହିତ ପୂଜା କରାଯାଏ। ଏହା ସାରା ବର୍ଷ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ। ଦେବଶୟନୀ ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ ପୂଜାରେ ଚାରିମୁଖୀ ଘିଅ ଦୀପ ଜଳାଇବା ଶୁଭ ବୋଲି ବିବେଚନା କରାଯାଏ। ଚାରିମୁଖୀ ଦୀପର ଚାରୋଟି ବାଡି ପୂର୍ବ, ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣ ଦିଗରେ ଆଲୋକ ବିସ୍ତାର କରେ। ବିଶ୍ୱାସ କରାଯାଏ ଯେ ଏକାଦଶୀରେ ଚାରିମୁଖୀ ଦୀପ ଜାଳିଲେ ଘରେ ଚାରି ଦିଗରୁ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସିଥାଏ। ଏଥି ସହ ଧନ ମଧ୍ୟ ଆସେ। ଯଦି ଆପଣ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି, ତେବେ ଦେବଶୟନୀ ଏକାଦଶୀ ଦିନ ସନ୍ଧ୍ୟାରେ ତୁଳସୀ ପାଖରେ ଘିଅ ଦୀପ ଜଳାନ୍ତୁ ଏବଂ ପରିକ୍ରମା କରିବା ସମୟରେ ୧୧ ଥର ଓମ୍ ନମୋ ନାରାୟଣାୟ ନମଃ ମନ୍ତ୍ର ଜପ କରନ୍ତୁ। ଜ୍ୟୋତିଷ ଅନିଶ ବ୍ୟାସଙ୍କ ଅନୁସାରେ, ଏହାର ଶକ୍ତି ଆର୍ଥିକ ସଙ୍କଟକୁ ଦୂର କରେ। ଦେବଶୟନୀ ଏକାଦଶୀରେ, ସକାଳେ ସ୍ନାନ ପରେ, ସଫା ପୋଷାକ ପିନ୍ଧନ୍ତୁ, ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ସମ୍ମୁଖରେ ଦୀପ ଜାଳି ବିଷ୍ଣୁ ସହସ୍ରନାମ ପାଠ କରନ୍ତୁ।

## ଗୁପ୍ତ କୁଣ୍ଡରେ ପୂଜା ପାଉଛନ୍ତି ସୋମନାଥ

### ପାଦୁକା ପାଣି ପିଇଲେ ଦୂରେଇ ଯାଉଛି ଭକ୍ତଙ୍କ ରୋଗ

ଖୋର୍ଦ୍ଧା ଜିଲ୍ଲା ବୁଢାପଡ଼ା ଗାଁରେ ପୂଜା ପାଉଛନ୍ତି ଚୁଡ଼ାଖିଆ ସୋମନାଥ।। ଜ୍ୱର ହେଉ ଅବା ବିଭିନ୍ନ ରୋଗ ପାଦୁକା ପାଣି ପିଇବା ସହ ଗୁହାରିଆ ପଡ଼ିଲେ ସବୁ ମନସ୍କାମନା ପୂର୍ଣ୍ଣ ହେବା ସହିତ ଦୂରା ରୋଗ ଆପେ ଆପେ ଦୂରେଇ ଯାଇଥାଏ। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁଡ଼ିକ ମଧ୍ୟରେ ବୁଢାପଡ଼ା ସୋମନାଥ ପୀଠ ହେଉଛି ସେହିପରି ଗୋଟିଏ ବିଶ୍ୱାସର ପୀଠ। ଯେଉଁଠି ଗୁପ୍ତ କୁଣ୍ଡରେ ପୂଜା ପାଉଛନ୍ତି ପବିତ୍ର ସ୍ୱୟଂ ଭୂଲିଙ୍ଗ। ସୋମନାଥଙ୍କ ପାର୍ଶ୍ୱ ଦେବତା ଭାବରେ ଗଣେଷ କାର୍ତ୍ତିକ ଏବଂ ପାର୍ବତୀ ବିଦ୍ୟମାନ ରହିଛନ୍ତି। ମନ୍ଦିର ପ୍ରବେଶ ପଥରେ ନବ ଗ୍ରହ ଏବଂ ଦ୍ୱାରପାଳ ରହିଛନ୍ତି। ସେପଟେ ମନ୍ଦିର ପଛପଟେ ଶ୍ରୀଜଗନ୍ନାଥ ହନୁମାନ ପୂଜା ପାଉଛନ୍ତି। ଠାକୁରଙ୍କ ରିତୀନୀତି ମଧ୍ୟ ସମୟାନୁସାରେ କରାଯାଇଥାଏ। ସକାଳୁ ମଙ୍ଗଳ ଆଳତୀ, ତଡ଼ପଲାଗି ସହିତ ସର୍ବସାଧାରଣ ଦର୍ଶନ ଦିଆଯାଇଥାଏ। ବର୍ଷ ତମାମ୍ ବିଭିନ୍ନ ପ୍ରକାରର ପର୍ବ ପର୍ବାଣୀ ପାଳନ କରାଯାଇଥାଏ। ଠାକୁରଙ୍କ ମୂଖ୍ୟ ଭୋଗ ଭାବରେ ଅନ୍ନ, ଡାଲି,ଡାଲେମା, ଖେଚୁଡ଼ି, ଖଟା, ଖିରି ଆଦି ଭୋଗ ଲାଗି କରାଯାଇଥାଏ। ସୋମନାଥ ମନ୍ଦିରଟି କୋଣାର୍କ ମନ୍ଦିର ସମ ସାମୟିକ। ଏହି ମନ୍ଦିର ପୁରୀ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ରାଜୁତି ସମୟରେ ନିର୍ମାଣ କରାଯାଇଥିବାର କଥା କିମ୍ବଦନ୍ତିରୁ ଶୁଣିବାକୁ ମିଳେ। ସ୍ଥାନୀୟ ଅଞ୍ଚଳର ଶିଳ୍ପୀମାନେ ଚୁଡ଼ା ଖାଇ ରାତ୍ରି ଯାପନ କରିବା ପରେ ଏହି ଠାରେ ମନ୍ଦିରଟିଏ ତୋଳାଇ ଥିଲେ ବୋଲି ଲୋକକଥା ଅଛି। ଆଉ ଖାସ ସେଇଥିପାଇଁ ଏହି ଦିଅଁକୁ ଚୁଡ଼ାଖିଆ ସୋମନାଥ ଆଉ ବୁଢାପଡ଼ା ସୋମନାଥ କୁହନ୍ତି ଶ୍ରଦ୍ଧାଳୁ। ମୋଟରୀ ତାପଙ୍ଗ ଖଣ୍ଡଗିରି ଏହି ଅଂଚଳରୁ କାରୀଗରମାନେ କୋଣାର୍କ ମନ୍ଦିର ତିଆରି କରିବା ପାଇଁ ଯାଇଥିଲେ। ଯିବାବେଳେ ବାଟରେ ଗଣ୍ଡାରଣ୍ୟ ରହିଥିଲା। ଏହାରି ଭିତରେ ଏକ ପାତାଳଫୁଟା ଲିଙ୍ଗର ସନ୍ଧାନ ମିଳିଥିଲା। ମୋଟରୀ ଖଣ୍ଡଗିରି ତାପଙ୍ଗ ବାଲେଶ୍ୱରର ନିଳଗିରି ଅଂଚଳରୁ ପଥର ଅଣାଯାଇ କୋଣାର୍କ ମନ୍ଦିର ନିର୍ମାଣ କରାଯାଇଥିଲା। ସୋମନାଥ କୃପା କଲେ ଦୁରାରୋଗରୁ ଆରୋଗ୍ୟ ଲାଭ କରିଥାନ୍ତି ମାନସିକଧାରୀ ଆଉ ଠାକୁରଙ୍କ କୃପାରୁ ମନସ୍କାମନା ପୂର୍ଣ୍ଣ ହୋଇଗଲେ ଶ୍ରଦ୍ଧାଳୁମାନେ ଏଠାରେ ରୋଷେଇ କରି ଭୋଗ ଲଗାଇଥାନ୍ତି। ସେଥିପାଇଁ ଶ୍ରଦ୍ଧାଳୁଙ୍କ ବର୍ଷର ପ୍ରତ୍ୟେକ ସମୟରେ ବେଶ ଭିଡ଼ ଜମିଥାଏ ଏଠାରେ।





